RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

ରାମାୟଣରେ କାମ କରୁନାହାନ୍ତି ବିଜୟ

▶ପୃଷ୍ଠା ୧୧ ଦେଖନ୍ତୁ...

◆VOLUME- 43 ◆ISSUE-226 ◆WEDNESDAY ◆11 FEBRUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୨୬ ◆ବୁଧବାର ◆୧୧ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ମନିଲଣ୍ଡରିଂ ମାମଲା: ଟିନା ଅମ୍ବାନୀଙ୍କୁ ସମନ କରିବ ଇଡି

■ ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ବଢ଼ିବାରେ ଲାଗିଛି ଅନିଲ ଅମ୍ବାନୀ ଏବଂ ତାଙ୍କ ପରିବାର ପାଇଁ ସମସ୍ୟା। ମନି ଲଣ୍ଡରିଂ ମାମଲାରେ ପଚରାଉଚରା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖୁବ୍ ଶୀଘ୍ର ରିଲାଏନ୍ସ ଗ୍ରୁପ୍ ଅଧ୍ୟକ୍ଷ ଅନିଲ ଅମ୍ବାନୀଙ୍କ ପତ୍ନୀ ଟିନା ଅମ୍ବାନୀଙ୍କୁ ନୂତନ ସମନ ଜାରି କରିବ। ୬୮ ବର୍ଷୀୟ ପୂର୍ବତନ ଅଭିନେତ୍ରୀ ଟିନା ଅମ୍ବାନୀଙ୍କୁ ଫେବୃଆରୀ ୯ ତାରିଖରେ ତଦନ୍ତକାରୀ ସଂସ୍ଥା ସମ୍ମୁଖରେ ହାଜର ହେବାର ଥିଲା, କିନ୍ତୁ ସେ ହାଜର ହୋଇ ନ ଥିଲେ। ଅଧିକାରୀଙ୍କ ଅନୁଯାୟୀ, ତାଙ୍କୁ ଖୁବ୍ ଶୀଘ୍ର ସମନ କରାଯିବ। ଏହି ମାମଲା ନ୍ୟୁୟର୍କରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କ୍ରୟ ସହିତ ଜଡିତ। ନ୍ୟୁୟର୍କର ମାନହାଟନରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ (କଣ୍ଡୋମିନିୟମ୍) କ୍ରୟ ସହିତ ଜଡିତ ଆର୍ଥିକ କାରବାର ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯିବ ବୋଲି ବିଶ୍ୱାସ କରାଯାଉଛି। ଇଡି ଏହି ମାମଲାରେ ପୂର୍ବତନ ରିଲାଏନ୍ସ କମ୍ୟୁନିକେସନ୍ସ (ଆର୍‌କମ୍) ସଭାପତି ପୁନିତ ଗର୍ଗଙ୍କୁ ମଧ୍ୟ ଗିରଫ କରିଛି। ଉଲ୍ଲେଖଯୋଗ୍ୟ ଯେ, ଅନିଲ ଧୀରୁଭାଇ ଅମ୍ବାନୀ ଗ୍ରୁପ୍ (ଏଡିଏଜି) ଏବଂ ଏହାର ସମ୍ପୃକ୍ତ ସଂସ୍ଥାଗୁଡ଼ିକ ବିରୁଦ୍ଧରେ ୪୦ ହଜାର କୋଟି ଟଙ୍କାର ବ୍ୟାଙ୍କିଙ୍ଗ୍ ଏବଂ କର୍ପୋରେଟ୍ ଠକେଇ ତଦନ୍ତ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସ୍‌ଆଇଟି) ଗଠନ କରିଛି।

ବଢ଼ିଲା ଅନିଲ ଅମ୍ବାନୀଙ୍କ ଅଡୁଆ

୩ ଘଣ୍ଟାରେ ହଟିବ ଡିପ୍‌ଫେକ୍ ଓ ଏଆଇ କଣ୍ଟେଣ୍ଟ

■ ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): କେନ୍ଦ୍ର ସରକାର ଡିପଫେକ୍ ସମେତ ଏଆଇ-ଜେନେରେଟେଡ୍ କଣ୍ଟେଣ୍ଟ ବା ବିଷୟବସ୍ତୁ କୁ ନେଇ ଅନ୍‌ଲାଇନ୍ ପ୍ଲାଟଫର୍ମଗୁଡିକ ପାଇଁ ନିୟମ କଡ଼ାକଡ଼ି କରିଛନ୍ତି। ଏହା ଅଧୀନରେ ଏକ୍ସ ଏବଂ ଇନଷ୍ଟାଗ୍ରାମ ଭଳି ପ୍ଲାଟଫର୍ମଗୁଡ଼ିକୁ କୋର୍ଟଙ୍କ ଆଦେଶ ପାଇବାର ତିନି ଘଣ୍ଟା ମଧ୍ୟରେ ସେମାନଙ୍କର ପ୍ଲାଟଫର୍ମରୁ ଏଆଇ କଣ୍ଟେଣ୍ଟ ହଟାଇବାକୁ ପଡ଼ିବ। ଏଥିପାଇଁ ସରକାର ସୂଚନା ପ୍ରଯୁକ୍ତିବିଦ୍ୟା ନିୟମ, ୨୦୨୧ରେ ସଂଶୋଧନ କରିଛନ୍ତି। ନୂତନ ନିୟମ ଫେବୃଆରୀ ୨୦ରୁ କାର୍ଯ୍ୟକାରୀ ହେବ। ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଏବେ ୩୬ ଘଣ୍ଟା ପରିବର୍ତ୍ତେ ୩ ଘଣ୍ଟା ମଧ୍ୟରେ ସରକାର କିମ୍ବା କୋର୍ଟଙ୍କ ଆଦେଶ ଉପରେ କାର୍ଯ୍ୟ କରିବାକୁ ପଡ଼ିବ। ଏହାସହିତ, ବ୍ୟବହାରକାରୀଙ୍କ ଅଭିଯୋଗ ସମାଧାନ ପାଇଁ ସମୟସୀମା ହ୍ରାସ କରାଯାଇଛି। ଏହି ନୂତନ ନିୟମରୁ ନିୟମିତ ସମ୍ପାଦନା ଏବଂ ସତ୍ ଉଦ୍ଦେଶ୍ୟ ଶିକ୍ଷାଗତ କିମ୍ବା ଡିଜାଇନ୍ କାର୍ଯ୍ୟ ଭଳି କିଛି ଜିନିଷକୁ ବାଦ୍ ଦିଆଯାଇଛି। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ (ମାଇଟି) ଏକ ବିଜ୍ଞପ୍ତିରେ କହିଛି ଯେ ମୁଖ୍ୟ ପରିବର୍ତ୍ତନଗୁଡ଼ିକ ମଧ୍ୟରେ କୃତ୍ରିମ ବିଷୟବସ୍ତୁକୁ ସୂଚନା ଭାବରେ ଚିହ୍ନଟ କରିବା ଅନ୍ତର୍ଭୁକ୍ତ। ଆଇଟି ନିୟମ ଅନୁଯାୟୀ ବେଆଇନ କାର୍ଯ୍ୟକଳାପ ନିର୍ଣ୍ଣୟ କରିବା ପାଇଁ ଏଆଇ ବିଷୟବସ୍ତୁକୁ ଅନ୍ୟ ସୂଚନା ପରି ବ୍ୟବହାର କରାଯିବ। ଏହି ନିୟମଗୁଡ଼ିକ ଏଆଇ କଣ୍ଟେଣ୍ଟର ବାଧ୍ୟତାମୂଳକ ଲେବଲ୍ ଆବଶ୍ୟକ କରୁଛି।

କେନ୍ଦ୍ରର ବଡ଼ କାର୍ଯ୍ୟାନୁଷ୍ଠାନ

ସୋସିଆଲ ମିଡିଆ ପାଇଁ ନୂଆ ନିୟମ

▶ପୃଷ୍ଠା-୭

ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ନୋଟିସ୍

ଅନାସ୍ଥା ନିଷ୍ପତ୍ତି ପର୍ଯ୍ୟନ୍ତ ଲୋକସଭାକୁ ଆସିବେନି ଓମ୍ ବିର୍ଲା

■ ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କୁ ନେଇ ବିରୋଧୀ ଏବଂ ସରକାର ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଏହି କାରଣରୁ ଗତ ତିନି ତାରିଖ ଠାରୁ ଲୋକସଭା ଅଚଳ ରହିଛି। ଅଚଳାବସ୍ଥା ଦୂର ହେବାର ନାଁ ଧରୁନଥିବା ବେଳେ ବିଭିନ୍ନ କାରଣ ଦର୍ଶାଇ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପାଇଁ ନୋଟିସ ଦେଇଛନ୍ତି ବିରୋଧୀ ଦଳ। ଆସନ୍ତା ମାର୍ଚ୍ଚ ୯ ତାରିଖରେ ଏହା ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଓମ୍ ବିର୍ଲା ଘୋଷଣା କରିଛନ୍ତି ।।ଯେ ଅନାସ୍ଥା ପ୍ରସ୍ତାବ ଉପରେ ନିଷ୍ପତ୍ତି ନଆସିବା ପର୍ଯ୍ୟନ୍ତ ସେ ଲୋକସଭାକୁ ଆସିବେ ନାହିଁ। ଏହି ଘଟଣା ଜତୀୟ ରାଜନୀତିରେ ହଟଚମଟ ସୃଷ୍ଟି କରିଥିବା ବେଳେ ସଂସଦୀୟ ଇତିହାସରେ ନୂଆର ଫର୍ଦ୍ଦ ଯୋଡ଼ିଦେଇଛି।

ବାଚସ୍ପତିଙ୍କ ଉପରେ ଅସନ୍ତୁଷ୍ଟ ବିରୋଧୀ ଦଳ ସଭ୍ୟ ଅଭିଯୋଗ କରୁଛନ୍ତି ଯେ ସେ ଆଦୌ ନିରପେକ୍ଷ ହୋଇ ଗୃହ ପରିଚାଳନା କରୁ ନାହାନ୍ତି। ତେଣୁ ବିଭିନ୍ନ କାରଣ ଦର୍ଶାଇ ବାଚସ୍ପତି ପଦରୁ ବିର୍ଲାଙ୍କୁ ହଟାଇବା ଲାଗି ସେମାନେ ଅନାସ୍ଥା ନୋଟିସ ଦେଇଛନ୍ତି। ଆସନ୍ତା ମାର୍ଚ୍ଚ ୯ ତାରିଖରେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆରମ୍ଭ ହେବାକୁ ଯାଉଥିବା ବେଳେ ସେହିଦିନ ହିଁ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହୋଇପାରେ। ଅତିକମରେ ୫୦ ଜଣ ସାଂସଦ ହାତ ଉଠାଇ ଏହି ପ୍ରସ୍ତାବକୁ ସମର୍ଥନ କଲେ ଅନାସ୍ଥା ଉପରେ ଆଲୋଚନା ପାଇଁ ଅନୁମତି ମିଳିବ। ବିରୋଧୀ ଦଳ ପକ୍ଷରୁ ଅନାସ୍ଥା ନୋଟିସ ମିଳିବା ପରେ ଏହା ଉପରେ ପଦକ୍ଷେପ ନେବା ଲାଗି ବିର୍ଲା ଲୋକସଭା ମହାସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ସେ ଘୋଷଣା କରିଛନ୍ତି ଯେ ଅନାସ୍ଥା ଉପରେ ଆଲୋଚନା ଏବଂ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ସେ ଗୃହକୁ ଆସିବେ ନାହିଁ। ସମ୍ବିଧାନର ଧାରା ୯୬(୨) ଅନୁଯାୟୀ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ଉପରେ ଆଲୋଚନା ଏବଂ ମତଦାନ ବେଳେ ବାଚସ୍ପତି ଗୃହରେ ଅଧ୍ୟକ୍ଷତା କରିପାରିବେ ନାହିଁ। ତେବେ ସେ ଗୃହରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିପାରିବେ ଏବଂ ତାଙ୍କ ବିରୋଧରେ ଆଗତ ଅଭିଯୋଗର ଉତ୍ତର ଦେଇପାରିବେ।

ସୂଚନାଯୋଗ୍ୟ ଯେ ସଂସଦର ଚଳିତ ବଜେଟ ଅଧିବେଶନରେ ରାହୁଲଙ୍କୁ ନେଇ ବିରୋଧୀ ଦଳର ଟାର୍ଗେଟରେ ଅଛନ୍ତି ବାଚସ୍ପତି ଓମ୍ ବିର୍ଲା। ଭାରତ ଓ ଚୀନ ମଧ୍ୟରେ ଲଦାଖ ସଂଘର୍ଷ ଉପରେ ପୂର୍ବତନ ସେନା ଅଧ୍ୟକ୍ଷ ଜେନେରାଲ ଏମଏମ୍ ନରବାଣେ ଲେଖିଥିବା ଅପ୍ରକାଶିତ ପୁସ୍ତକର କିଛି ଅଂଶ ଲୋକସଭାରେ ପଢ଼ିବାକୁ ଚାହୁଁଥିଲେ ରାହୁଲ ଗାନ୍ଧୀ। ବାଚସ୍ପତି ତାଙ୍କୁ ଅନୁମତି ଦେଉ ନଥିବାରୁ ଗତ ତିନି ତାରିଖ ଠାରୁ ଲୋକସଭା ଅଚଳ ରହିଛି। ପୁଣି ଏହାରି ମଧ୍ୟରେ ଏବଂ ଏହି ପ୍ରସଙ୍ଗରେ ବିରୋଧୀ ଦଳର ୮ ଜଣ ସାଂସଦଙ୍କୁ ବାଚସ୍ପତି ସସ୍‌ପେଣ୍ଡ କରିଥିବାରୁ ବିରୋଧୀ କ୍ଷୁବ୍ଧ ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅନୁପସ୍ଥିତିରେ ତାଙ୍କ ଆସନ ନିକଟରେ ବିରୋଧୀ ଦଳର ମହିଳା ସାଂସଦ ଏକାଠି ହେବା ଘଟଣାକୁ ବାଚସ୍ପତି ଅଲଗା ରଙ୍ଗ ଦେଉଥିବାରୁ ବିରୋଧୀ ଭାଷଣ ଅସନ୍ତୁଷ୍ଟ। ଏହିସବୁ କାରଣ ଦର୍ଶାଇ ସେମାନେ ଅନାସ୍ଥା ନୋଟିସ ଦେବା ସହିତ ଅଭିଯୋଗ କରିଛନ୍ତି ଯେ ବାଚସ୍ପତି ନିରପେକ୍ଷ ଭାବେ ଗୃହ ପରିଚାଳନା କରୁ ନାହାନ୍ତି।

ଜଳୁଛି ମଣିପୁର; ଇଣ୍ଟରନେଟ ବନ୍ଦ

ଉପଦ୍ରବୀ ପୁଣି ଜାଳିଦେଲେ ୨୫ ଘର ଓ ସରକାରୀ କ୍ୱାର୍ଟର

■ ଇମ୍ଫାଲ, ୧୦।୨ (ଏଜେନ୍ସି): ମଣିପୁରରେ ନୂଆ ବିଜେପି ସରକାର ଗଠନର ସପ୍ତାହେ ଭିତରେ ପୁଣି ହିଂସା ସୃଷ୍ଟି ହୋଇଛି। ଗତ ୪ ଦିନ ହେଲା ଉଖରୁଲ ଜିଲ୍ଲାରେ ନିଆଁ ଜଳୁଛି। ଲିତାନ ସରେଇଖୋଙ୍ଗ ଗ୍ରାମରେ ୨୫ ଘର ଏବଂ ଚାରୋଟି ସରକାରୀ କ୍ୱାର୍ଟରଙ୍କୁ ଉପଦ୍ରବୀ ଜଳାଇ ଦେଇଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସମ୍ପୂର୍ଣ୍ଣ ଜିଲ୍ଲାରେ କର୍ଫ୍ୟୁ ଲଗାଇ ଦିଆଯାଇଛି। ମଙ୍ଗଳବାର ସକାଳ ୧୧ଟା ୩୦ରୁ ପାଞ୍ଚ ଦିନ ପାଇଁ ଜିଲ୍ଲାରେ ଇଣ୍ଟରନେଟ ସେବାକୁ ବନ୍ଦ କରିଦିଆଯାଇଛି। ତାଙ୍ଗଖୁଲ ଏବଂ କୁକି ଜନଜାତି ମଧ୍ୟରେ ହିଂସା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଅଞ୍ଚଳର ସୁରକ୍ଷାବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସୂଚନା ଅନୁଯାୟୀ, ଗତ ୭ ତାରିଖ ସନ୍ଧ୍ୟାରେ ଲିତାନ ସରେଇଖୋଙ୍ଗରେ ମଦ ନିଶାଣରେ ହୋଇଥିବା ଝଗଡ଼ାରୁ ହିଂସା ଆରମ୍ଭ ହୋଇଥିଲା। ଏଠାରେ ତାଙ୍ଗଖୁଲ ନାଗା ସମ୍ପ୍ରଦାୟର ଯୁବକ ଷ୍ଟର୍ଲିଂଙ୍କ ସହ ଝଗଡ଼ା ହୋଇଥିଲା। ଏହାକୁ ନେଇ ଉଭୟ ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିଲେ। ଏହି ହିଂସାରେ ଗୁରୁତର ଆହତ ଜଣେ ବିଧାୟକଙ୍କୁ ଚିକିତ୍ସା ଲାଗି ନୂଆଦିଲ୍ଲୀକୁ ଏୟାରଲିଫ୍ଟ କରାଯାଇଛି।

ଉପଦ୍ରବୀ ଉଖରୁଲ ଜିଲ୍ଲା ଲିତାନ ଅଞ୍ଚଳର ଆଖପାଖ ଗାଁର ଅନେକ ଘରେ ନିଆଁ ଲଗାଇ ଦେଇଥିଲେ। ହିଂସା ସମୟରେ ରାଇଫଲରୁ ଗୁଳି ମାଡ଼ ମଧ୍ୟ କରାଯାଇଥିଲା। ଅଞ୍ଚଳରେ ହିଂସା ବ୍ୟାପିବା ପରେ କର୍ଫ୍ୟୁ ଲଗା ଯାଇଥିଲା। ଏବେ ବି ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ମାତ୍ର ବହୁସଂଖ୍ୟାରେ ସୁରକ୍ଷାବାହିନୀ ମୁତୟନ କରାଯାଇଥିବାରୁ ସ୍ଥିତି ନିୟନ୍ତ୍ରଣରେ ଅଛି। ହିଂସା ପ୍ରଭାବିତ କ୍ଷେତ୍ରରେ ବିଏସଏଫ, ସିଆରପିଏଫ, ଆସାମ ରାଇଫଲ୍ସ ଯବାନଙ୍କୁ ମୁତୟନ କରାଯାଇଛି। ହିଂସାକୁ ଦେଖି ଲୋକେ ଘର ଛାଡ଼ିବା ଆରମ୍ଭ କରିଦେଇଛନ୍ତି। ଏହି ଅଞ୍ଚଳ ରାଜଧାନୀ ଇମ୍ଫାଲଠାରୁ ୩୫ କିମି ଦୂରରେ ରହିଛି। ଏଠାରେ ତାଙ୍ଗଖୁଲ ନାଗା ଏବଂ

▶ପୃଷ୍ଠା-୭

ପିୟୁସିସି ପାଇଁ ବକେୟା ଚାଲାଣ ପଇଠ ବାଧ୍ୟତାମୂଳକ: ହାଇକୋର୍ଟ

■ କଟକ, ୧୦।୨ (ସମିସ): ଗାଡିର ବୈଧ ପ୍ରଦୂଷଣ ପ୍ରମାଣପତ୍ର(ପିୟୁସିସି) ନ ଥିଲେ ପେଟ୍ରୋଲ କଟକଣା ଓ ବକେୟା ଚାଲାଣ ପଇଠ ନ କଲେ ପ୍ରମାଣପତ୍ର ଦିଆନଯିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ଆଜି ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ବାକି ଚାଲାଣ ପଇଠ ନେଇ ରହିଥିବା ନିୟମାବଳୀ ଅନୁସାରେ ରାଜ୍ୟ ସରକାରଙ୍କ ତରଫରୁ କରାଯାଇଥିବା ଯୁକ୍ତିକୁ ହାଇକୋର୍ଟ ଗ୍ରହଣ କରିଛନ୍ତି। ଏଥିସହ ସଂଶୋଧିତ କେନ୍ଦ୍ର ମୋଟର ଯାନ ନିୟମାବଳୀର ଧାରା ୧୬୭ ଓ ଉପଧାରା ୧୨ ଆଧାରରେ ଗାଡ଼ିର ପିୟୁସିସି ପାଇଁ ପ୍ରଥମେ ବାକି ଥିବା ଚାଲାଣ ପଇଠ ବାଧ୍ୟତାମୂଳକ ବୋଲି ହାଇକୋର୍ଟ କହିଛନ୍ତି। ସ୍ନିଗ୍ଧା ପାତ୍ରଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରାଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏବେ ଗାଡି ମାଲିକଙ୍କୁ ପୁଣି ବାକି ଚାଲାଣ ପଇଠ ଚିନ୍ତା ବଢିଛି।

ଆଜି ମାମଲାର ଶୁଣାଣି ବେଳେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପିୟୁସିସି ପାଇଁ ୯୦ଦିନର ବାକି ଚାଲାଣ ପଇଠ କରିବାକୁ ହେବ ବୋଲି କେନ୍ଦ୍ର ମୋଟରଯାନ ସଂଶୋଧିତ ନିୟମାବଳୀରେ ଉଲ୍ଲେଖ ରହିଥିବା ଦର୍ଶାଇଥିଲେ। ସେହିଭଳି ଏହି ପ୍ରସଙ୍ଗରେ ବିଭିନ୍ନ ରାଜ୍ୟର ହାଇକୋର୍ଟ ଓ ସର୍ବୋଚ୍ଚ

▶ପୃଷ୍ଠା-୭

୨୫୦ ନୂଆ ଆମ୍ବୁଲାନ୍ସର ଶୁଭାରମ୍ଭ

■ ଭୁବନେଶ୍ୱର, ୧୦।୨ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି। ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି। ଗତ ଡିସେମ୍ବର ୨୩ ତାରିଖରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଥିଲା। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି।

ଏୟାରଷ୍ଟ୍ରିପରେ ମଧ୍ୟ କରାଯିବ ଆମ୍ବୁଲାନ୍ସ ବ୍ୟବସ୍ଥା: ମୁଖ୍ୟମନ୍ତ୍ରୀ

ବର୍ତ୍ତମାନ ସାରା ରାଜ୍ୟରେ ୮୬୬ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି। ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି।

▶ପୃଷ୍ଠା-୭

ମଣ୍ଡିରୁ ଉଠୁନି ଧାନ | ଅଧିକାରୀଙ୍କ ଦୁର୍ବ୍ୟବହାର ଧାରଣାରେ ବସିଲେ ଚାଷୀ

■ ବାଲେଶ୍ୱର, ୧୦।୨ (ସମିସ): ବାଲେଶ୍ୱର ଜିଲ୍ଲା ରଣସାହି ସେବା ସମବାୟ ସମିତିରେ ଏବେ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ମଣ୍ଡିରେ ପଞ୍ଜିକୃତ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଟୋକନ୍ ଆସିଥିବା ବେଳେ ଏବେ କିନ୍ତୁ ସେମାନଙ୍କର ଟୋକନ୍ ଲାପ୍ସ ହେବାକୁ ବସିଛି ହେଲେ ମଣ୍ଡିରୁ ଧାନ କିଣାଯାଉନାହିଁ। ଏହାକୁ କେନ୍ଦ୍ର କରି ଆଜି ଚାଷୀମାନେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରିବାକୁ ଆସିଥିବା ବେଳେ ଯୋଗାଣ ଅଧିକାରୀ ସ୍ମିତା ନାୟକ ସେମାନଙ୍କୁ ଦୁର୍ବ୍ୟବହାର କରିବାରୁ ଉତ୍ତ୍ୟକ୍ତ ହୋଇ ଚାଷୀମାନେ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଅଧିକାରୀ ସେମାନଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଥିଲେ। ଏହାଛଡ଼ା ମଣ୍ଡିରୁ ଧାନ କିଣିବାକୁ ନେଇ ଶୀଘ୍ର ସମାଧାନ କରିବାକୁ ଦାବି କରିଥିଲେ। ସୂଚନାନୁସାରେ, ରଣସାହି ସମବାୟ ସମିତିରେ ଚଳିତବର୍ଷ ୫୨୬ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ ହୋଇଛନ୍ତି। ଏହି ସମିତିରେ ୧୩୮୪୦.୪୨ କ୍ୱିଣ୍ଟାଲ ଧାନ ଟାର୍ଗେଟ୍ ଆସିଥିବା ବେଳେ ୩୪୭୭.୩୧ କ୍ୱିଣ୍ଟାଲ ଧାନକିଣା ହୋଇଥିବା ବେଳେ ୧୦୩୬୩.୧୧ କ୍ୱିଣ୍ଟାଲ ଧାନକିଣା ହେବା ପାଇଁ ବାକି ରହିଛି। ଏହାଛଡ଼ା ଟୋକନ୍ ପାଇଥିବା କିଛି ଚାଷୀଙ୍କର ଟୋକନ ଲାପ୍ସ କରିସାରିଥିବା ବେଳେ ଆଉ କିଛି ଚାଷୀଙ୍କର ଟୋକନ ଲାପ୍ସ ହେବାକୁ ବସିଛି। ସମିତିରେ ମଣ୍ଡିକୁ ଦୁଇଟି ମିଲର ଧାନ କିଣିବା ପାଇଁ ନିୟୋଜିତ ମଧ୍ୟ ହୋଇଛନ୍ତି। ଧାନକିଣା ଦିନ ମିଲରମାନେ ଧାନ କ୍ରୟ କରିବା ପାଇଁ ଗାଡି ପଠାଉ ନଥିବାରୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମିତିର ସଭାପତି ଏନେଇ ବାରମ୍ବାର ଜଣାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରିନାହିଁ।

▶ପୃଷ୍ଠା-୭

କାଠ ସଂଗ୍ରହ ବେଳେ ଦଳିଦେଲା ଦନ୍ତା; ୩ ମହିଳା ମୃତ

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନ୍ୟ ୩ ଗୁରୁତର

■ ଢେଙ୍କାନାଳ, ୧୦।୨ (ସମିସ): କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ୩ ମହିଳାଙ୍କୁ ଦଳିଦେଲା ଦନ୍ତା। ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ପାଟପୁରି ଜଙ୍ଗଲରେ ଆଜି ଏପରି ଏକ ଅଘଟଣ ଘଟିଛି। ଦନ୍ତାହାତୀ ଆକ୍ରମଣରେ ୩ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ଲୋଚାପଲ୍ଲୀ ଗ୍ରାମର ଇନ୍ଦୁ ପ୍ରଧାନ, ଟୁନୀ ବେହେରା, କୁନ୍ତଳା ପ୍ରଧାନ। ସେହିପରି

ନବୀନଙ୍କ ଶୋକ ଓ ସମବେଦନା

ଆହତମାନେ ହେଲେ, ରମା ଦେହୁରୀ, ରସ୍ମିତା ପ୍ରଧାନ ଏବଂ ଝିଲି ପ୍ରଧାନ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ଏହି ଦୁଃଖଦ ଘଟଣାରେ ପ୍ରାଣ ହରାଇଥିବା ମହିଳାଙ୍କ ପରିବାର ସଦସ୍ୟଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ନରବାଣେଙ୍କ ପୁସ୍ତକ ଲିକ୍ ପଛରେ କିଏ?



ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ପୂର୍ବତନ ସ୍ଥଳ ସେନାମୁଖ୍ୟ ଜେନେରାଲ ଏମଏମ ନର୍ବାଣେଙ୍କ ଅପ୍ରକାଶିତ ପୁସ୍ତକ 'ଫୋର୍ ଷ୍ଟାର୍ ଅଫ୍ ଡେଷ୍ଟିନି'କୁ ନେଇ ସଂସଦରେ ଝଡ଼ ଲାଗି ରହିଛି। ଏହି ପୁସ୍ତକ ଆଧାରରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କରିଥିବା ଦାବିକୁ ସରକାର ସହଜରେ ଗ୍ରହଣ କରିପାରୁନାହାନ୍ତି। ନିୟମର ଦ୍ୱାହି ଦେଇ କୌଣସି ଅପ୍ରକାଶିତ ପୁସ୍ତକ ଆଧାରରେ କିଛି ଗୃହରେ ଉଲ୍ଲେଖ କରାଯାଇ ପାରିବ

ପୁସ୍ତକର ପ୍ରକାଶନ ହୋଇନି: ପେଙ୍ଗୁଇନ
ସତ କହୁଛି ପେଙ୍ଗୁଇନ: ଜେନେରାଲ ନରବାଣେ
କମ୍ପାନୀ କିମ୍ବା ନରବାଣେ ମିଛ କହୁଛନ୍ତି: ରାହୁଲ

ନାହିଁ ବୋଲି ସରକାରୀ ଦଳର ସଦସ୍ୟ କହିଛନ୍ତି। ମାତ୍ର ଏହାକୁ ନେଇ ଜନତାଙ୍କ ମନରେ ଭ୍ରମ ସ୍ଥିତି ସୃଷ୍ଟି ହୋଇଛି। ଏପରି ସ୍ଥଳେ ଉକ୍ତ ପୁସ୍ତକର ବିତରଣକୁ ନେଇ ଦିଲ୍ଲୀ ପୁଲିସ ଏତଲା ରୁଜୁ କରିଛି। ଏହା ମାମଲାକୁ ଅଧିକ ଜଟିଳ କରିଥିବାବେଳେ ପୁସ୍ତକ ପ୍ରକାଶନର ଅଧିକାର ପାଇଥିବା 'ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ' ପକ୍ଷରୁ ସ୍ୱଷ୍ଟୀକରଣ ଦିଆଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ନର୍ବାଣେଙ୍କ ପୁସ୍ତକଟି ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ଏହାର କୌଣସି ଅଂଶକୁ ବି ସାର୍ବଜନୀନ କରାଯାଇନାହିଁ। କମ୍ପାନୀ ପାଖରେ ଏହାର ସମସ୍ତ ପ୍ରକାଶନ ଅଧିକାର ରହିଛି। ଆଜି ପର୍ଯ୍ୟନ୍ତ ପୁସ୍ତକର କୌଣସି ମୁଦ୍ରିତ କିମ୍ବା ଡିଜିଟାଲ୍ କପି ପ୍ରକାଶିତ ହୋଇନାହିଁ। ମାତ୍ର ଏହାର ଜବାବ ଦେଇ ରାହୁଲ ଗାନ୍ଧୀ କହିଛନ୍ତି ଯେ ନିର୍ବାଣେ କିମ୍ବା ପେଙ୍ଗୁଇନ କମ୍ପାନୀ ମିଛ କହୁଛି। ଅନ୍ୟପଟେ ଏହି ପୁସ୍ତକର ପ୍ରକାଶନକୁ ନେଇ ପୂର୍ବତନ ସେନାମୁଖ୍ୟ ନର୍ବାଣେ ମୁହଁ ଖୋଲିଛନ୍ତି। ସେ ପ୍ରକାଶକ ପେଙ୍ଗୁଇନର ଏକ ପୋଷ୍ଟକୁ ସାମାଜିକ ଗଣମାଧ୍ୟମରେ ସେୟାର କରି ବହିର ସ୍ଥିତି ବିଷୟରେ ସୂଚନା ଦେଇଛନ୍ତି। ଏହା ହିଁ ସ୍ଥିତି ବୋଲି କହିଛନ୍ତି।

ପୁସ୍ତକର ଅନଧିକୃତ କପି ଲିକ୍ ଏବଂ ଅନଲାଇନ୍ ପ୍ରସାରିତ ହେଉଥିବା ଜଣାପଡ଼ିବା ପରେ କମ୍ପାନୀ ସ୍ୱଷ୍ଟୀକରଣ ଦେଇଛି। ବିଭିନ୍ନ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ଅନଲାଇନ୍ ନ୍ୟୁଜ୍ ଫୋରମରେ ଏହାର ପ୍ରି-ପ୍ରିଣ୍ଟ କପି ପ୍ରସାରିତ ହେଉଥିବା ଦିଲ୍ଲୀ ପୁଲିସ ଏତଲାରେ କୁହାଯାଇଛି। ଆଜି ଏହି ପ୍ରସଙ୍ଗ ଉଠାଇ ରାହୁଲ ଲୋକସଭା ବାହାରେ କହିଛନ୍ତି ଯେ ଜେନେରାଲ ନର୍ବାଣେ ନିଜ ଏକ୍ସ ହ୍ୟାଣ୍ଡେଲରେ ପୁସ୍ତକ ଉପଲବ୍ଧ ବୋଲି ସୂଚନା ଦେଇଛନ୍ତି। ସେ ଏହାର ଲିଙ୍କ ମଧ୍ୟ ସେୟାର କରିଥିଲେ। ପେଙ୍ଗୁଇନ ସଂସ୍ଥା ମଧ୍ୟ ପୁସ୍ତକ ଉପଲବ୍ଧ ଥିବା ଦାବି କରିଥିଲା। ଏବେ ନର୍ବାଣେ କିମ୍ବା ପେଙ୍ଗୁଇନ ମିଛ କହୁଛି। କିନ୍ତୁ ରାହୁଲ ସେନା ମୁଖ୍ୟଙ୍କୁ ବିଶ୍ୱାସ କରିବାକୁ ଉଚିତ ମଣିଲେ ବୋଲି କହିଛନ୍ତି। କେହି ନର୍ବାଣେଙ୍କ ଅପେକ୍ଷା ପେଙ୍ଗୁଇନକୁ ବିଶ୍ୱାସ କରିବେ କି?

ପୁସ୍ତକରେ ଏଭଳି କିଛି ଅଛି ଯାହା ସରକାରଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି ବୋଲି ରାହୁଲ ଦାବି କରିଛନ୍ତି।

ଅନ୍ୟପଟେ କଂଗ୍ରେସ ନେତା ପବନ ଖେଡ଼ା କହିଛନ୍ତି ଯେ ପେଙ୍ଗୁଇନ୍ ଇଣ୍ଡିଆ ତାର ଟ୍ୱିଟ୍ ଡିଲିଟ୍ କରିଦେଇଛି। କମ୍ପାନୀ ପ୍ରବଳ ଚାପର ସମ୍ମୁଖୀନ ହେଉଥିବା ଏଥିରୁ ସ୍ପଷ୍ଟ ହେଉଛି। ଯାହା ଆସା କରାଯାଉଥିଲା ତାହା ହେଲା। ପେଙ୍ଗୁଇନ୍ ଯାହା ଉଚିତ ଭାବିଲା ତାହା କଲା, କିନ୍ତୁ ସେନାମୁଖ୍ୟ ଏବେ ବି ସତ୍ୟ ସହ ଛିଡ଼ା ହୋଇଛନ୍ତି।ଏହି ପୁସ୍ତକଟି ୨୦୨୪ରେ ପ୍ରକାଶିତ ହୋଇଥିଲା ଏବଂ ଆମାଜନରେ ବିକ୍ରୟ ପାଇଁ ଉପଲବ୍ଧ ଥିଲା।

ଖେଡ଼ା ସେନାମୁଖ୍ୟ ନିର୍ବାଣେଙ୍କ ଏକ ପୋଷ୍ଟ ମଧ୍ୟ ସେୟାର କରିଥିଲେ। ଏଥିରେ ନର୍ବାଣେ ପେଙ୍ଗୁଇନ୍ ଇଣ୍ଡିଆରୁ ଏକ ପୋଷ୍ଟ ସେୟାର କରିଥିଲେ। ଏଥିରେ ପୁସ୍ତକ ଉପଲବ୍ଧ ଥିବା କୁହାଯାଇଛି। ସେହିପରି ଦିଲ୍ଲୀ ପୁଲିସ ପକ୍ଷରୁ କୁହାଯାଇଛି ଯେ ଏହି ପୁସ୍ତକ ପ୍ରକାଶନ ପାଇଁ ଆବଶ୍ୟକୀୟ ଅନୁମୋଦନ ଏପର୍ଯ୍ୟନ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ମିଳିନାହିଁ। ସମାନ ଶୀର୍ଷକ ଥିବା ଏକ ପୁସ୍ତକର ଏକ ପିଡିଏଫ୍ କପି କିଛି ୱେବସାଇଟରେ ଉପଲବ୍ଧ ଥିବା ତଦନ୍ତରୁ ଜଣାପଡ଼ିଛି। ଗତ ୨-୩ ତାରିଖରେ ରାହୁଲ ଗାନ୍ଧୀ ଲୋକସଭାରେ ଏକ ପତ୍ରିକାରେ ପ୍ରକାଶିତ ସ୍ତମ୍ଭ ପଢ଼ିବାକୁ ଚେଷ୍ଟା କରିଥିଲେ। ନର୍ବାଣେଙ୍କ ପୁସ୍ତକ ଆଧାରରେ ଏହା ଲେଖା ଯାଇଥିବା ଦାବି କରିଥିଲେ। ମାତ୍ର ବାଚସ୍ପତି ଓମ୍ ବିର୍ଲା ଏହାକୁ ଅନୁମତି ଦେଇ ନ ଥିଲେ। ଏହାକୁ ନେଇ ଲୋକସଭାରେ ହଙ୍ଗାମା ଜାରି ରହିଛି।

୩ ଶିଶୁଙ୍କୁ ମାରି ଜୀବନ ହାରିଲେ ସ୍ୱାମୀସ୍ତ୍ରୀ

ମଥୁରା, ୧୦।୨ (ଏଜେନ୍ସି): ଉତ୍ତର ପ୍ରଦେଶ ମଥୁରାର ମହାବନ ଥାନା ଅନ୍ତର୍ଗତ ଖପ୍ପରପୁର ଗ୍ରାମରୁ ସାମୂହିକ ଆତ୍ମହତ୍ୟାର ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଗୋଟିଏ ଘରୁ ୫ ଜଣଙ୍କ ମୃତଦେହ ମିଳିଛି। ମୃତକଙ୍କ ମଧ୍ୟରେ ସ୍ୱାମୀ, ସ୍ତ୍ରୀ ଏବଂ ତିନି ଶିଶୁ ସାମିଲ ଅଛନ୍ତି। ଘରର ବେଡ୍ ଉପରୁ ମାଆ, ପୁଅଝିଅ, ଅନ୍ୟ ଏକ ଖଟରୁ ଦ୍ୱିତୀୟ ଝିଅ ଏବଂ ତଳେ ସ୍ୱାମୀର ମୃତଦେହ ମିଳିଥିଲା। ଘରର ତିନୋଟି ସ୍ଥାନରୁ ୩ଟି ସୁଇସାଇଡ ନୋଟ ମଧ୍ୟ ଜବତ କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ମାମଲାକୁ ନେଇ ୨ଟି ଥିଓରି ସାମ୍ନାକୁ ଆସିଛି। ପ୍ରଥମଟି ହେଲା ସମସ୍ତେ କ୍ଷୀରରେ ବିଷ ମିଶାଇ ପିଇଥିଲେ। ସେହିପରି ଅନ୍ୟଟି ହେଉଛି, ପ୍ରଥମେ ସ୍ତ୍ରୀ ସୀମା ଏବଂ ପରେ ପିଲାଙ୍କୁ ସ୍ୱାମୀ ମନୀଷ ହତ୍ୟା କରିଥିଲା। ଶେଷରେ ନିଜକୁ କରେଣ୍ଟ ଦେଇ ଆତ୍ମହତ୍ୟା କରିଥିଲା। ଏସଏସପି ଶ୍ଳୋକ କୁମାର କହିଛନ୍ତି ଯେ ମଙ୍ଗଳବାର ସକାଳେ ଶିଶୁଙ୍କ ଦେଖା ନ ମିଳିବାରୁ ପଡୋଶୀରେ ରହୁଥିବା ମନୀଷଙ୍କ ପାଇଁ ଜୟକିଶାନ ଘଟଣାସ୍ଥଳରେ ପହଞ୍ଚି ଥିଲେ। କେହି ନ ଖୋଲିବାରୁ କବାଟ ଭାଙ୍ଗି ସେ ଘରେ ପଶି ଥିଲେ। ସମସ୍ତଙ୍କ ମୃତଦେହ ପଡ଼ିଥିବା ଦେଖି ସେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ୨ଟି ସୁଇସାଇଡ ନୋଟ ଏବଂ ଗୋଟିଏ ଭିଡିଓ ପାଇଛି। ରୋଷେଇ ଘର କାନ୍ଥରେ ନିଜ ଇଚ୍ଛାରେ ପ୍ରାଣ ହରାଉଛୁ ବୋଲି ମନୀଷ ଏବଂ ସୀମାଙ୍କ ନାମରେ ଲେଖା ଯାଇଥିଲା। କାହାକୁ ହଇରାଣ ନ କରିବା ପାଇଁ ପୁଲିସକୁ ଅନୁରୋଧ କରାଯାଇଥିଲା। ଦୁଃଖରେ ଜୀବନ ହାରିଥିବା ଲେଖା ଯାଇଥିଲା। ପୁଲିସ ଗୁଣିଗାରେଡ଼ି ଦୃଷ୍ଟିରୁ ମଧ୍ୟ ଯାଞ୍ଚ କରୁଛି।

ଜେଲରେ ମୋତେ ହତ୍ୟା ପାଇଁ ଷଡ଼ଯନ୍ତ୍ର: ପପୁ ଯାଦବ

ପାଟନା, ୧୦।୨ (ଏଜେନ୍ସି): ପୂର୍ଣ୍ଣିଆର ସ୍ୱାଧୀନ ସାଂସଦ ପପୁ ଯାଦବଙ୍କୁ ୩୧ ବର୍ଷ ତଳର ମାମଲାରେ ମଙ୍ଗଳବାର ଜାମିନ ମିଳିଛି। ଏହାସତ୍ତ୍ୱେ ସେ ଜେଲ୍‌ରେ ରହିବେ। କାରଣ କୋତୱାଲି ଏବଂ ବୁଦ୍ଧା କଲୋନୀ ଥାନାର ମାମଲାରେ ତାଙ୍କୁ ଏ ପର୍ଯ୍ୟନ୍ତ ଜାମିନ ମିଳି ନାହିଁ। ବୁଧବାର ଏହି ମାମଲାର ଶୁଣାଣି ହେବ। ସେ ପର୍ଯ୍ୟନ୍ତ ପପୁ ପାଟନାର ବେଉର ଜେଲ୍‌ରେ ହିଁ ରହିବେ। ଶୁଣାଣି ସମୟରେ ସାଂସଦ ବିଚାରପତିଙ୍କ ସାମ୍ନାରେ କାନ୍ଦି ପକାଇ ଥିଲେ। ପୁଲିସ ତାଙ୍କୁ ଖରାପ ବ୍ୟବହାର କରୁଥିବା ଅଭିଯୋଗ ଲଗାଇଥିଲେ। ପପୁ ଅଭିଯୋଗ କରିଥିଲେ ଯେ ଜେଲ୍‌ରେ ତାଙ୍କୁ ଇଞ୍ଜେକ୍ସନ ଦେଇ ମାରିବାକୁ ଷଡ଼ଯନ୍ତ୍ର କରାଯାଉଛି। ପାଟନା ପୁଲିସ ଉପରେ ତାଙ୍କର ଭରସା ନାହିଁ ବୋଲି ବିଚାରପତିଙ୍କୁ କହିଥିଲେ। ସୂଚନାଯୋଗ୍ୟ ଯେ ଶୁଣାଣି ପାଇଁ ପପୁ ଆଜି କୋର୍ଟରେ ୧୨ଟା୩୦ରେ ପହଞ୍ଚିଥିଲେ। ଦ୍ୱିପହର ୨ଟାରେ ତାଙ୍କ ମାମଲାର ଶୁଣାଣି ହୋଇଥିଲା। ଏହି ସମୟରେ ସେ ହ୍ୱିଲଚେୟାରରେ ବସିଥିବା ଦେଖା ଯାଇଥିଲା।

ଛତିଶଗଡ଼ ଡ୍ରେନରେ ୫ ଦିନ ହେଲା ଫସି ରହିଥିଲେ ମଧ୍ୟପ୍ରଦେଶ ଯୁବକ

ରାୟପୁର, ୧୦।୨ (ଏଜେନ୍ସି): ଛତିଶଗଡ଼ରୁ ପ୍ରଶାସନ ଏବଂ ସରକାରୀ ବ୍ୟବସ୍ଥାକୁ ଲଜ୍ଜିତ କଲାଭଳି ଏକ ଘଟଣା ସାମ୍ନାକୁ ଆସିଛି। ବିଳାଶପୁରର ଏକ ଡ୍ରେନରେ ୫ ଦିନ ହେଲା ଫସି ରହିଥିବା ଯୁବକଙ୍କୁ ଶେଷରେ ବାହାର କରାଯାଇଛି। ଏହାର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଡ୍ରେନ ଭାଙ୍ଗି ଯୁବକଙ୍କୁ ବାହାର କରାଯାଉଥିବା ଏଥିରେ ଦେଖାଯାଉଛି। ଗତ ଶୁକ୍ରବାର ସକାଳେ ପୁରୁଣା ବସ୍ ଷ୍ଟାଣ୍ଡ ପାଖରେ ଥିବା ଭାରତ ହୋଜିୟାରୀ ପଛ ପାଖରେ ଥିବା ଡ୍ରେନରେ ଯୁବକ ପଡ଼ି ଯାଇଥିଲେ। ସେହି ଡ୍ରେନ ଉପରେ ସ୍ଲାବ ପଡ଼ିଥିବାରୁ ଲୋକେ ଚିନ୍ତିତ ହୋଇ ଯାଇଥିଲେ। ଜଣେ ସ୍ଥାନୀୟ ବାସିନ୍ଦା ସ୍ଲାବ୍ ଭାଙ୍ଗିବା ପାଇଁ ଏକ ଏକ୍ସକାଭେଟରକୁ ଡାକିଥିଲେ। ଏହି ସମୟରେ ଯୁବକ ଜଣକ ଥଣ୍ଡାରେ ଥରୁଥିଲେ। ସେ ମଧ୍ୟପ୍ରଦେଶର ଅନୁପପୁର ଜିଲ୍ଲାର ବାସିନ୍ଦା ବୋଲି ଜଣାପଡ଼ିଛି। କୋତୱାଲି ଥାନା ଇନଚାର୍ଜ ଏହି ମାମଲାର ସୂଚନା ସଂଗ୍ରହ କରାଯାଉଥିବା କହିଛନ୍ତି। ଅନ୍ୟପଟେ ସ୍ଲାବ୍ ଭାଙ୍ଗିବା କଥାକୁ ନଗର ନିଗମ ଅସ୍ୱୀକାର କରିଛି।

ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ କରିବାରୁ ନାବାଳକକୁ ଜେଲ୍

ଭୋପାଳ, ୧୦।୨ (ଏଜେନ୍ସି): ମଧ୍ୟପ୍ରଦେଶ ଶହଡୋଲ ଜିଲ୍ଲାରୁ ପ୍ରଶାସନିକ ଅବେହଳାର ଗମ୍ଭୀର ମାମଲା ସାମନାକୁ ଆସିଛି। ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କୁ କଳା ପତାକା ପ୍ରଦର୍ଶନ କରିବାରୁ ୧୭ ବର୍ଷ ୮ ମାସ ଏବଂ ୧୯ ଦିନର ଜଣେ ଛାତ୍ରଙ୍କୁ ବୟସ୍କ ଭାବରେ ବ୍ୟବହାର କରାଯାଇ ଜେଲ ପଠାଯାଇଥିଲା। ଏଥିଯୋଗୁଁ ଛାତ୍ର ମଙ୍ଗଳବାର ଦିନ ତାଙ୍କର ଦ୍ୱାଦଶ ଶ୍ରେଣୀ ବୋର୍ଡ ଇଂରାଜୀ ପରୀକ୍ଷା ଦେଇପାରିନଥିଲେ। ଗତ ୮ ତାରିଖରେ ଏହି ଘଟଣା ଘଟିଥିଲା। ମୁଖ୍ୟମନ୍ତ୍ରୀ ଧନପୁରୀରେ ଏକ ୱାଟର ପାର୍କର ଉଦଘାଟନରେ ଯୋଗଦେବା ପାଇଁ ଶାହଡୋଲରେ ଥିଲେ। ଅପରାହ୍ନ ପ୍ରାୟ ୨ଟା ସମୟରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ ଗୋପାଳପୁର ତିରାହାରୁ ଲାଲପୁର ଏୟାରଷ୍ଟ୍ରିପ୍ ଅଭିମୁଖେ ଯାଉଥିବା ବେଳେ କଂଗ୍ରେସ କର୍ମୀମାନେ କଳା ପତାକା ଦେଖାଇବାକୁ ଚେଷ୍ଟା କରିଥିଲେ। କଂଗ୍ରେସ ପ୍ରତିବାଦ ବିଷୟରେ ପୁଲିସ ଅଜ୍ଞ ଥିଲା। ପର୍ଯ୍ୟାପ୍ତ ଫୋର୍ସ ଅଭାବରୁ ମୁଖ୍ୟମନ୍ତ୍ରୀଙ୍କ କାଫଲା ନିକଟରେ କିଛି ସମୟ ପାଇଁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ପରିସ୍ଥିତି ଖରାପ ହେଉଥିବା ଦେଖି, ପଛରେ ଥିବା ଶାହଡୋଲ କଲେକ୍ଟର ଡକ୍ଟର କେଦାର ସିଂହ ତାଙ୍କ ଗାଡ଼ିରୁ ଓହ୍ଲାଇ କଂଗ୍ରେସ କର୍ମୀମାନଙ୍କୁ ବାଡ଼ି ଧରି ଘଉଡ଼ାଇ ଦେଲେ। ଏହି ସମୟରେ ନାବାଳକଙ୍କୁ ଗିରଫ କରିବାକୁ ଜିଲ୍ଲାପାଳନ ନିର୍ଦ୍ଦେଶ ଦେଇଥିଲେ।

ଆସାମରେ ୨.୪୩ ଲକ୍ଷ ଭୋଟରଙ୍କ ନାମ କଟିଲା

ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ନିର୍ବାଚନ କମିଶନ ମଙ୍ଗଳବାର ଆସାମ ହୋଇଥିବା ସ୍ପେସିଆଲ ରିଭିଜନ (ଏସଆର)ର ଚୂଡ଼ାନ୍ତ ଭୋଟର ତାଲିକା ଜାରି କରିଛନ୍ତି। ଏଥିରେ ପୂର୍ବ ଚିଠା ଭୋଟର ତାଲିକା ତୁଳନାରେ ୨.୪୩ ଲକ୍ଷରୁ ଅଧିକ ଭୋଟରଙ୍କୁ ହଟାଇ ଦିଆଯାଇଛି। ଏବେ ରାଜ୍ୟରେ ମୋଟ ୨, ୪୯, ୫୮, ୧୩୯ ଭୋଟର ପଞ୍ଜିକୃତ ଅଛନ୍ତି। ଚିଠା ଭୋଟର ତାଲିକାରେ ଏହି ସଂଖ୍ୟା ୨, ୫୨, ୦୧, ୬୨୪ ଥିଲା। ଏସଆର ପ୍ରକ୍ରିୟା ପରେ ୨, ୪୩, ୪୮୫ ନାମ ହଟାଇ ଦିଆଯାଇଛି। ଚୂଡ଼ାନ୍ତ ତାଲିକାରେ ୧, ୨୪, ୮୨, ୨୧୩ ପୁରୁଷ, ୧, ୨୪, ୭୫, ୫୮୩ ମହିଳା ଏବଂ ୩୪୩ କିନ୍ନର ସାମିଲ ଅଛନ୍ତି। ଏସଆରର ଇଣ୍ଟିଗ୍ରେଟେଡ ଡ୍ରାଫ୍ଟ ଭୋଟର ଲିଷ୍ଟ ଗତ ଡିସେମ୍ବର ୨୭ରେ ଜାରି ହୋଇଥିଲା। ଏହା ଉପରେ ଡିସେମ୍ବର ୨୭ରୁ ଜାନୁଆରୀ ୨୨ ଯାଏ ଦାବି ଉପସ୍ଥାପନ ପାଇଁ ସମୟ ଦିଆଯାଇଥିଲା। ୨୦୨୫ ନଭେମ୍ବର ୨୨ରୁ ଡିସେମ୍ବର ୨୦ ପର୍ଯ୍ୟନ୍ତ ରାଜ୍ୟରେ ଘରକୁ ଘର

ପ୍ରକାଶ ପାଇଲା ଚୂଡ଼ାନ୍ତ ଭୋଟର ତାଲିକା

ବୁଲି ଯାଞ୍ଚ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଆସାମର ୧୨୬ ବିଧାନସଭା ଆସନରେ ଆଗାମୀ ତିନି ମାସ ଭିତରେ ନିର୍ବାଚନ ହେବାକୁ ଯାଉଛି।

ପୂର୍ବରୁ ଡିସେମ୍ବର ୨୭ରେ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଥିଲା। ସେ ସମୟରେ ଭୋଟର ତାଲିକାରୁ ୧୦,୫୬,୨୯୧ ଜଣଙ୍କୁ ବାଦ ଦିଆଯାଇଥିଲା। ଏଥିରେ ୯୩,୦୨୧ ରୁ ଅଧିକ ଡି-ଭୋଟର (ସନ୍ଦିଗ୍ଧ ଭୋଟର)ଙ୍କୁ ସାମିଲ କରାଯାଇ ନ ଥିଲା। ମୃତ୍ୟୁ, ସ୍ଥାନାନ୍ତର କିମ୍ବା ଡୁପ୍ଲିକେଟ୍ ଏଣ୍ଟ୍ରି ଯୋଗୁଁ ୧୦.୫୬ ଲକ୍ଷ ଲୋକଙ୍କ ନାମ ଭୋଟର ତାଲିକାରୁ ବାଦ ଦିଆଯାଇଥିଲା। ଡି-ଭୋଟରମାନେ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ନାଗରିକତା ସନ୍ଦେହଜନକ। ଏହିପରି ବ୍ୟକ୍ତିମାନଙ୍କୁ ଭୋଟ ଦେବାକୁ ଅନୁମତି ଦିଆଯାଇ ନାହିଁ। ବିଦେଶୀ ଆଇନ ୧୯୪୬ ଅନୁଯାୟୀ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ନିଯୁକ୍ତ କରାଯାଇଛି ଏବଂ ସେମାନଙ୍କୁ ଭୋଟର କାର୍ଡ ପ୍ରଦାନ କରାଯାଇ ନାହିଁ। ଏହି ଡି-ଭୋଟରମାନଙ୍କ ବିଷୟରେ ସୂଚନା ଡ୍ରାଫ୍ଟ ଭୋଟର ତାଲିକାରେ

ଆସାମ ମୁଖ୍ୟମନ୍ତ୍ରୀଙ୍କ ଅଡୁଆ ବଢ଼ିଲା



ନୂଆଦିଲ୍ଲୀ, ୧୦।୨ (ଏଜେନ୍ସି): ବିଭିନ୍ନ ସମୟରେ ବାଂଲାଭାଷୀ ମୁସଲିମ ସଂପ୍ରଦାୟ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦରେ ରହୁଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏବେ ଅଡୁଆରେ ପଡ଼ିଯାଇଛନ୍ତି। ମୁସଲମାନଙ୍କୁ ଟାର୍ଗେଟ କରି ବିଜେପି ପକ୍ଷରୁ

- **ଗୁଳିମରା ଭିଡିଓ ମାମଲା**
- **ବିଶ୍ୱଶର୍ମାଙ୍କ ବିରୋଧରେ ଶୁଣାଣି କରିବେ ସୁପ୍ରିମକୋର୍ଟ**

ଜାରି କରାଯାଇଥିବା ହିମନ୍ତଙ୍କ ବିବାଦୀୟ ଭିଡିଓ ମାମଲା ସୁପ୍ରିମକୋର୍ଟରେ ପହଞ୍ଚି ଯାଇଛି। ସିପିଆଇଏମ ଏବଂ ସିପିଆଇ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ ଦାଏର କରାଯାଇଛି। ଏହି ମାମଲାର ଶୁଣାଣି ପାଇଁ ମଧ୍ୟ କୋର୍ଟ ରାଜି ହୋଇଛନ୍ତି। ଖୁବଶୀଘ୍ର ଏହାର ତାରିଖ ଧାର୍ଯ୍ୟ କରାଯିବ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଛନ୍ତି। ସେ ମାମଲାକୁ ନେଇ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ମଧ୍ୟ ଦେଇଛନ୍ତି। ସିଜେଆଇ କହିଛନ୍ତି ଯେ ନିର୍ବାଚନ ଆସିବା ମାତ୍ରେ କୋର୍ଟ ରାଜନୀତିର ଅଂଶ ପାଲଟି ଯାଆନ୍ତି। ନିର୍ବାଚନର ଗୋଟିଏ ଭାଗ ସୁପ୍ରିମକୋର୍ଟରେ ଲଢ଼ା ଯାଇଥାଏ। ଏହା ହିଁ ସବୁଠାରୁ ବଡ଼ ସମସ୍ୟା। ସୂଚନା ଅନୁଯାୟୀ, ଆସାମ ବିଜେପି ନିଜ ସାମାଜିକ ଗଣମାଧ୍ୟମରେ ହିମନ୍ତଙ୍କ ଏହି ଭିଡିଓ ପୋଷ୍ଟ କରିଥିଲା। ବିବାଦ ବଢ଼ିବା ପରେ ତାହାକୁ ହଟାଇ ନିଆଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ରାଇଫଲ ଧରି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ନିଶାଣ କରୁଥିବା ଦେଖା ଯାଇଥିଲା। ଏହି ଭିଡିଓକୁ ଆଧାର କରି ବାମପନ୍ଥୀ ନେତା ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବରିଷ୍ଠ ଓକିଲ ନିଜାମ ପାଶା ଏହି ମାମଲା ସିଜେଆଇଙ୍କ ସାମ୍ନାରେ ରଖିଥିଲେ। ଆସାମ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ ଏବଂ ସଦ୍ୟ ଭିଡିଓ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟପକ୍ଷରେ ବିଶ୍ୱ ଶର୍ମା ସଫେଇ ଦେଇଛନ୍ତି, ଏହି ଭିଡିଓ ବିଷୟରେ ତାଙ୍କୁ କିଛି ଜଣାନାହିଁ। ତେବେ ଆସାମରେ ରହୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ ସଂଗ୍ରାମ ଜାରି ରଖିବେ।

ବାଂଲାଦେଶରେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା କରି ଲୁଟିନେଲେ

ଢାକା, ୧୦।୨ (ଏଜେନ୍ସି): ବାଂଲାଦେଶରେ ହିନ୍ଦୁ ବିରୋଧୀ ହିଂସା ଥମିବାର ନାଧରୁନି। ସାଧାରଣ ନିର୍ବାଚନର ତିନି ଦିନ ପୂର୍ବରୁ ଅତି ନୃଶଂସ ଭାବେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ହତ୍ୟା କରାଯାଇଛି। ମେମନସିଂହ ଜିଲ୍ଲାରେ ଏଭଳି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଦକ୍ଷିଣକନ୍ଦା ଗ୍ରାମରେ ୬୨ ବର୍ଷୀୟ ହିନ୍ଦୁ ବ୍ୟବସାୟୀ ସୁଶେନ ଚନ୍ଦ୍ର ସରକାର ଚାଉଳ ବ୍ୟବସାୟୀ କରନ୍ତି। ସୋମବାର ରାତି ପ୍ରାୟ ୧୧ଟାରେ ବଜାରରେ କାହା ସହ କଥା ହେଉଥିବା ବେଳେ ସୁଶେନଙ୍କ ଉପରେ କିଛି ଅଜ୍ଞାତ ବ୍ୟକ୍ତି ଆକ୍ରମଣ କରିଥିଲେ। ଆକ୍ରମଣ ପରେ ତାଙ୍କୁ ଦୋକାନ ଭିତରେ ଭର୍ତ୍ତି କରି ବାହାର ପଟୁ ସଟର ଦେଇ ଦେଇଥିଲେ। ହତ୍ୟା ପରେ ଦୋକାନରୁ ଲକ୍ଷାଧିକ ଟଙ୍କା ଲୁଟି ନେଇ ଫେରାର ହୋଇ ଯାଇଥିଲେ। ସଟର ଖୋଲିବା ପରେ ସରକାରଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦେଖିବାକୁ ମିଳିଥିଲା। ସେଠାରୁ ତୁରନ୍ତ ଡାକ୍ତର

ଏପ୍ରିଲ ପର୍ଯ୍ୟନ୍ତ ଏଫ୍‌ସିଆଇ ଉଠାଇବନି ଚାଉଳ

ଭୁବନେଶ୍ୱର,୧୦।୨(ସମିସ): ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଅବ୍ୟବସ୍ଥା ଜାରି ରହିଛି। ଯେତେ ଚେଷ୍ଟା କଲେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରୁ ନାହିଁ। ମଣ୍ଡି ଆଗରେ ଗଦା ହୋଇଥିବା ହଜାର ହଜାର ବସ୍ତା ଧାନର ପାହାଡ଼ ବାସ୍ତବ ସ୍ଥିତିକୁ ପଦାରେ ପକାଇଛି। ଅନ୍ୟପଟେ ମିଲରମାନେ ପୂର୍ବରୁ ରଖି ଆସିଥିବା ଦାବି ପୂରଣକରିବାରେ ସରକାର ବିଫଳ ହୋଇଛନ୍ତି। ପୁରୁଣା ଚାଉଳ ଗଚ୍ଛିତ ହୋଇ ରହିଥିବାରୁ ସେମାନଙ୍କ ପାଖରେ ନୂଆ ଧାନ ରଖିବାକୁ ଗୋଦାମ ଖାଲି ନ ଥିବା ଦର୍ଶାଇ ମିଲର ଧାନ କିଣିବାକୁ ରାଜି ହେଉ ନାହାନ୍ତି। ଏହି କ୍ରମରେ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟ ମିଲର ଆସୋସିଏସନ୍ ସହିତ ଏକ ଉଚ୍ଚସ୍ତରୀୟ ବୈଠକ କରି ସମସ୍ୟାର ବାଟ ଫିଟାଇବାକୁ ଉଦ୍ୟମ କରିଛନ୍ତି।

ବୈଠକରେ ରାଜ୍ୟରେ ସରକାରୀ ବ୍ୟବସ୍ଥାରେ ଧାନ ସଂଗ୍ରହ, ଧାନରୁ ଚାଉଳ ପ୍ରସ୍ତୁତି ପରେ ସରକାରଙ୍କୁ ଚୁକ୍ତିଭିତ୍ତିକ ଚାଉଳ ଯୋଗାଣ ଏବଂ ରାଜ୍ୟ ସରକାରଙ୍କଠାରୁ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଚାଉଳ ସଂଗ୍ରହ କରିବା ଆଦି ସବିଶେଷ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେସବୁର ସମାଧାନ ଦିଗରେ ସଂଘର କର୍ମକର୍ତ୍ତାମାନେ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖରିଫ୍ ମାର୍କେଟିଂ ଋତୁ ୨୦୨୪-୨୫ରେ ସଂଗୃହୀତ ଧାନର କଷ୍ଟମ ମିଲିଂ ଓ ଚାଉଳ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଛି। ୨୦୨୫-୨୬ ମାର୍କେଟିଂ ଋତୁ ଆରମ୍ଭ ହୋଇସାରିଥିଲେ ମଧ୍ୟ ୨୦୨୪-୨୫ ମାର୍କେଟିଂ ଋତୁର ଚୁକ୍ତିଭିତ୍ତିକ ମିଲିଂ ଚାଉଳ ପ୍ରାୟ ୭୦ ଲକ୍ଷ କୁଇଣ୍ଟାଲ ବାକି ରହିଛି। ତେଣୁ ନୂଆ ଧାନ ସଂଗ୍ରହ,

■ ଧାନ ସଂଗ୍ରହ ପ୍ରକ୍ରିୟାରେ ସୁଧୁରୁନି ଅବ୍ୟବସ୍ଥା
■ ସମାଧାନ ପାଇଁ ମିଲର- ସରକାର ଆଲୋଚନା
■ ପୁରୁଣା ଦାବି ପୂରଣ ନେଇ ମୁଖ୍ୟ ସଚିବଙ୍କ ପ୍ରତିଶ୍ରୁତି

ଏହାର ସଂରକ୍ଷଣ ଓ କଷ୍ଟମ ମିଲିଂ ସମସ୍ୟା ସମାଧାନ ହୋଇ ପାରୁନାହିଁ। ପୁଣି ପୁରୁଣା ଚାଉଳ ଏବେ ଉଠିବାର ସମ୍ଭାବନା ନ ଥିବା ବେଳେ ଏପ୍ରିଲ୍‌ରୁ ଏଫ୍‌ସିଆଇ ଚାଉଳ ଉଠାଇବ ବୋଲି କହିଥିବା ଜଣାପଡ଼ିଛି। ଯଦି ଏତେ ବିଳମ୍ବ ହୁଏ ତେବେ ଖରିଫ ଧାନ ତୁଳନାରେ ରବି ଧାନ ସଂଗ୍ରହ ବେଳକୁ ବ୍ୟାପକ ଅବ୍ୟବସ୍ଥା ସୃଷ୍ଟି ହେବାର ଆଶଙ୍କା ରହିଛି।

ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ କହିଛି ଯେ, ରାଜ୍ୟ ଖାଦ୍ୟ ଓ ଯୋଗାଣ ନିଗମ ସହାୟତାରେ ମିଲର୍ସମାନଙ୍କ ଦ୍ୱାରା ନିଜ ନିଜ ପରିସରରେ ଧାନ ସଂଗ୍ରହ ପାଇଁ ଅତିରିକ୍ତ ସୁବିଧା କରାଯାଇଥିଲେ ହେଁ, ଧାର୍ଯ୍ୟ ମାସରୁ ଅଧିକ ସମୟ ଧରି ସେସବୁକୁ ରଖିବାକୁ ପଡୁଥିବାରୁ ଏଥିପାଇଁ ଅଧିକ ଭଡ଼ା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ସମସ୍ୟା ରହୁଛି। ସେ ସମ୍ପର୍କରେ ମିଲର୍ସ ଆସୋସିଏସନ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାସହିତ ମିଲରମାନେ ଧାନ ସଂଗ୍ରହ ଓ ଚାଉଳ ପରିବହନ ବାବଦକୁ ପାଉଥିବା ଆର୍ଥିକ ସହାୟତା ଖର୍ଚ୍ଚରେ ବୃଦ୍ଧି କରିବା ନେଇ ଅନୁରୋଧ କରିଛନ୍ତି। ଦୀର୍ଘ ଦିନ ଧରି ଧାନ ଓ ଚାଉଳ ସଂରକ୍ଷଣ ରଖିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଓ ଉଦ୍ୟୋଗ ଯୋଜନାରେ ବଡ଼ ବଡ଼ ଧାନ ସଂରକ୍ଷଣ କେନ୍ଦ୍ର ବ୍ୟବସ୍ଥା କରିବା ପାଇଁ ସଂଘ ପ୍ରସ୍ତାବ ଦେଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମିଲରମାନଙ୍କ ସମସ୍ୟାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଇ ସେସବୁର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ପଞ୍ଜିକା ସମୀକରଣ ବୈଠକ

୫ ପଞ୍ଜିକାକୁ ସ୍ୱୀକୃତି ଦେଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ, ୧୦।୨(ସମିସ): ପାଞ୍ଜିକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଦେଉଛି। ବିଭିନ୍ନ ପାଞ୍ଜିରେ ବିଭିନ୍ନ ମତ ଓ ତିଥିରେ ବି ଅମେଳ ରହୁଛି। ଫଳରେ କିଛି ବର୍ଷ ହେବ ଏକାଧିକ ପର୍ବପର୍ବାଣିକୁ ନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି ଲୋକେ। କେଉଁ ପାଞ୍ଜିକୁ ବିଶ୍ୱାସ କରିବେ, କାହାକୁ ନୁହେଁ; ଜାଣିପାରୁନାହାନ୍ତି। ଗୋଟିଏ ପର୍ବର ତାରିଖ ପଞ୍ଜିକାରେ ଭିନ୍ନଭିନ୍ନ ରହୁଛି। ତେଣୁ, ପଞ୍ଜିକାଗୁଡ଼ିକ ମଧ୍ୟରେ ସମନ୍ୱୟ ରଖିବା ଲାଗି ମଙ୍ଗଳବାର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫ଟି ପଞ୍ଜିକା (ଶ୍ରୀରାଧାରମଣ ବିଶୁଦ୍ଧ ଖଡିରତ୍ନ, ଓଡ଼ିଶା କୋହିନୂର ପ୍ରେସ୍, ଅରୁଣୋଦୟ ପ୍ରେସ୍ ଖଡିରତ୍ନ, ଜି.ଏନ୍. ତ୍ରିପାଠୀ ଉତ୍କଳ ଜାତୀୟ ଖଡ଼ିରତ୍ନ ଓ ଭାଗ୍ୟଦୀପ ପ୍ରେସ୍)କୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଜନସାଧାରଣ ମଧ୍ୟ ସଚେତନ ହୋଇ ପଞ୍ଜିକାକୁ ଅନୁସରଣ କରିବାକୁ କୁହାଯାଇଛି।

ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଥିଲେ ଯେ ୨୦୨୬-୨୭ ପାଞ୍ଜି ଏବଂ କ୍ୟାଲେଣ୍ଡରରେ ସମସ୍ତ ତଥ୍ୟ ନିର୍ଭୁଲ ରହିବ। ଶ୍ରୀମନ୍ଦିରରେ ପାଳନ ହେବାକୁ ଥିବା ସମସ୍ତ ପର୍ବପର୍ବାଣି ସଠିକ୍ ଏବଂ ନିର୍ଭୁଲ ପାଇଁ ବୈଠକରେ ଆଲୋଚନା ହୋଇଛି। ୫ଟି ପଞ୍ଜିକାକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ପାଞ୍ଜଜଣ ପ୍ରକାଶକ ନିର୍ଭୁଲ ତଥ୍ୟ ସେମାନଙ୍କ ପଞ୍ଜିକାରେ ପ୍ରକାଶନ କରିବେ।

■ ନିର୍ଭୁଲ ଓ ତ୍ରୁଟିଶୂନ୍ୟ ପଞ୍ଜିକା ପ୍ରସ୍ତୁତି ଉପରେ ଗୁରୁତ୍ୱ
■ ପର୍ବପର୍ବାଣିରେ ଅମେଳ ରହିଲେ ହେବ କାର୍ଯ୍ୟାନୁଷ୍ଠାନ

ଏମାନେ ବୈଠକରେ ସମ୍ପୂର୍ଣ୍ଣ ସହମତି ପ୍ରକାଶ କରିଛନ୍ତି। ତେବେ ମହାବିଷୁବ ସଂକ୍ରାନ୍ତି ଅର୍ଥାତ୍ ଏପ୍ରିଲ ୧୪ତାରିଖଠାରୁ ସମସ୍ତ ଯାନିଯାତ୍ରା ଆରମ୍ଭ ହୋଇଥାଏ। ୨୦୨୭ ମସିହା ବାଡ଼ି ନୃସିଂହ ବିଜେ ପର୍ଯ୍ୟନ୍ତ ଯାନିଯାତ୍ରା ଓ ପର୍ବପର୍ବାଣି ପ୍ରସ୍ତୁତ ହୋଇଛି।

ପାଞ୍ଜିଗୁଡ଼ିକ ମଧ୍ୟରେ ଯେପରି ଶ୍ରୀମନ୍ଦିରର ପ୍ରଚଳିତ ପର୍ବପର୍ବାଣି ଓ ଯାନିଯାତ୍ରାକୁ ନେଇ କୌଣସି ତାରତମ୍ୟ ନ ରହିବ, ସେନେଇ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ଶ୍ରୀମନ୍ଦିର ଦ୍ୱାରା ଅନୁମୋଦିତ ପର୍ବପର୍ବାଣିକୁ ସାମିଲ କରିବା ପାଇଁ ପରାମର୍ଶ ଦିଆଯାଇଛି। ଯଦି କିଛି ତ୍ରୁଟି ରହିବ, ସେଥିପାଇଁ ସେମାନେ ଦାୟୀ ରହିବେ। ଶ୍ରୀମନ୍ଦିର ଆଇନ ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଓଡ଼ିଶାରେ ପ୍ରକାଶିତ ପାଞ୍ଜିଗୁଡ଼ିକରେ ପର୍ବପର୍ବାଣିରେ ସାମଞ୍ଜସ୍ୟ ନ ରହିବା ଦ୍ୱାରା ବିଭିନ୍ନ ସମୟରେ ନୀତି ବିଭ୍ରାନ୍ତି ଏବଂ ଜନମାନସରେ ଅସୁବିଧା ହେଉଛି। ଗତ କିଛି ବର୍ଷ ହେଲା ପର୍ବପର୍ବାଣିରେ ସାମଞ୍ଜସ୍ୟ ଆଣିବା ପାଇଁ ଏକ କମିଟି ଗଠନ କରାଯାଇ ପଞ୍ଜିକା ସମୀକରଣ ବୈଠକ ଅନୁଷ୍ଠିତ ହେଉଛି।

ଏହି ପଞ୍ଜିକା ସମୀକରଣ ବୈଠକରେ ୨୦୨୬-୨୭ ବର୍ଷର ଶ୍ରୀମନ୍ଦିର ପଞ୍ଜିକା ଚୂଡ଼ାନ୍ତ କରିବା ନିମିତ୍ତ ସମ୍ପୃକ୍ତ ସମସ୍ତ ସେବାୟତ ବନ୍ଧୁମାନଙ୍କର, ବିଶେଷତଃ ପୂଜାପଣ୍ଡା ନିଯୋଗ, ଛତିଶା ନିଯୋଗ ନାୟକ, ତଢ଼ଉକରଣ, ଦଇତାପତି ନିଯୋଗ, ଶ୍ରୀମନ୍ଦିର ଜ୍ୟୋତିଷ, ଦେଉଳ ପୁରୋହିତ ଏବଂ ମୁକ୍ତିମଣ୍ଡପ ପଣ୍ଡିତ ସଭାର ପ୍ରତିନିଧିମାନଙ୍କର ସକ୍ରିୟ ସହଯୋଗ ଓ ଦାୟିତ୍ୱପୂର୍ଣ୍ଣ ପରାମର୍ଶ ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଯାଇଛି। ତେବେ ଚୂଡ଼ାନ୍ତ ହୋଇଥିବା ଶ୍ରୀଜଗନ୍ନାଥ ମନ୍ଦିରର ଯାନିଯାତ୍ରା ଓ ପର୍ବପର୍ବାଣୀ ସମ୍ବନ୍ଧରେ ପଞ୍ଜିକା ଏବଂ କ୍ୟାଲେଣ୍ଡରରେ ନିର୍ଭୁଲ ଓ ତ୍ରୁଟିଶୂନ୍ୟ ତଥ୍ୟ ମୁଦ୍ରଣ ପାଇଁ ୫ଟି ଯାକ ଅନୁମୋଦିତ ପ୍ରକାଶନ ସଂସ୍ଥାଙ୍କୁ ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

ଅଣସମ୍ପ୍ରସାରିତ ରାଜପଥରେ ଟୋଲ୍ ଆଦାୟ ପ୍ରସଙ୍ଗ

୭ ଦିନରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଏଚ୍‌ଏଆଇକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ବାରିପଦା, ୧୦।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ଅଣ-ସମ୍ପ୍ରସାରିତ ୪୯ନଂ ଜାତୀୟ ରାଜପଥର ଅସୁରକ୍ଷିତ ଓ ବିପଦପୂର୍ଣ୍ଣ ରାସ୍ତାରେ ଅବୈଧ ଟୋଲ୍ ସଂଗ୍ରହକୁ ନେଇ ହାଇକୋର୍ଟରେ ଦାୟର ଏକ ଜନସ୍ୱାର୍ଥ ମାମଲା(ପିଆଇଏଲ)ର ବିଚାର ମଙ୍ଗଳବାର ଆରମ୍ଭ ହୋଇଛି। ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ଓ ବିଚାରପତି ମୁରାରୀ ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାକୁ ଗୁରୁତ୍ୱର ସହ ନେଇ ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଏଚ୍‌ଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଫେବ୍ରୁଆରୀ ୧୭କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ସୂଚନା ମୁତାବକ, ଝାରପୋଖରିଆ ଟୋଲ୍ ପ୍ଲାଜାରେ ଅବୈଧ ଓ ଇଚ୍ଛାଧୀନ ଟୋଲ୍ ସଂଗ୍ରହକୁ ଚ୍ୟାଲେଞ୍ଜ୍ କରି ସୁପ୍ରିମକୋର୍ଟର ଆଇନଜୀବୀ ତଥା ରାଇରଙ୍ଗପୁର ବାସିନ୍ଦା ଆକାଶ ଶର୍ମା ଏକ ଜନସ୍ୱାର୍ଥ ମାମଲା ଦାଖଲ କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି ଯେ ୪୯ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇନଥିବାରୁ ଦ୍ୱାରଶୁଣି ଘାଟିର ୯କିମି ରାସ୍ତା ବିପଦପୂର୍ଣ୍ଣ ଓ ଗମନାଗମନ ଅଯୋଗ୍ୟ। ୨୦୧୮ ମସିହାରୁ ଏପର୍ଯ୍ୟନ୍ତ ଏହି ଘାଟି ରାସ୍ତାରେ ୫୦୦ରୁ ଅଧିକ ଦୁର୍ଘଟଣା ଘଟିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଜୀବନ ଗଲାଣି। ଏହାବ୍ୟତୀତ, ଏହି ରାସ୍ତାରେ ଦୈନିକ ଯାତ୍ରୀ, ଆମ୍ବୁଲାନ୍ସ, ସ୍କୁଲ ଗାଡ଼ି, ଜରୁରୀକାଳୀନ ସେବା ଗଭୀର ଭାବେ ପ୍ରଭାବିତ ହେଉଛି। ଏପରି ସ୍ଥିତିରେ ଟୋଲ୍ ସଂଗ୍ରହ ଅବୈଧ ଓ ଅସାମ୍ବିଧାନିକ ବୋଲି ଶ୍ରୀ ଶର୍ମା ଦର୍ଶାଇଛନ୍ତି। ଯେତେବେଳେ ଜାତୀୟ ରାଜପଥ ସୁରକ୍ଷିତ, ନିରବଚ୍ଛିନ୍ନ ଓ ଯାତାୟାତଯୋଗ୍ୟ ହୋଇଥାଏ, ସେତେବେଳେ ହିଁ ଟୋଲ୍ ସଂଗ୍ରହ କରାଯାଇପାରିବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି।

ଶିମିଳିପାଳରୁ ବାଘ ଗଣନା ଟ୍ରାପ୍ କ୍ୟାମେରା ଚୋରି

ରାଇରଙ୍ଗପୁର/କରଞ୍ଜିଆ, ୧୦।୨(ସମିସ): ବାଘ ଗଣନା ନିମନ୍ତେ ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜାଯାଇଥିବା ୪ଟି ଟ୍ରାପ୍ କ୍ୟାମେରା ଚୋରି ହୋଇଛି। ଏନେଇ ଶିମିଳିପାଳ ଅଭୟାରଣ୍ୟର ଉତ୍ତର ବନଖଣ୍ଡର କାଲିଆଣି ସେକ୍ସନ ଫରେଷ୍ଟର୍ ସନତ ବେହେରା ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ମଧ୍ୟରେ ବର୍ତ୍ତମାନ ବାଘ ଗଣନା ପ୍ରକ୍ରିୟା ଜାରି ରହିଛି। ଏଥିନିମନ୍ତେ ଗୁଡୁଗୁଡ଼ିଆ ବନ ରେଞ୍ଜ ଅନ୍ତର୍ଗତ କାଲିଆଣି ବନ ବିଟ୍ ମଧ୍ୟରେ ୪୦ଟି ଟ୍ରାପ୍ କ୍ୟାମେରା ଖଞ୍ଜାଯାଇଥିଲା। ସେଥିମଧ୍ୟରୁ ଅସୁରଖାଲ ସେକ୍ସନ୍ ୪ଟି ଟ୍ରାପ୍ କ୍ୟାମେରାକୁ ଶିକାରୀ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ପାଟ୍ରୋଲିଂ ସମୟରେ ବନ କର୍ମଚାରୀ ଅନୁଧ୍ୟାନ କରିବା ବେଳେ ଟ୍ରାପ୍ କ୍ୟାମେରା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସ୍ଥାନୀୟ ଗ୍ରାମବାସୀ କିମ୍ବା ଶିକାରୀ ଜଙ୍ଗଲ ମଧ୍ୟକୁ ଅନୁପ୍ରବେଶ କରିଥିବା ବେଳେ ପ୍ରମାଣ ନଷ୍ଟ ପାଇଁ ଟ୍ରାପ୍ କ୍ୟାମେରା ଚୋରି କରିଥିବା ନେଇ ସନ୍ଦେହ କରାଯାଉଛି। ବନ କର୍ମଚାରୀ ଟ୍ରାପ୍ କ୍ୟାମେରା ନ ପାଇବାରୁ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି।

ଗାଡ଼ି ଚଳାଇବା ବେଳେ ଅଜାଙ୍କ ମୁଣ୍ଡ ବୁଲାଇଦେଲା

ଦୁର୍ଘଟଣାରେ ଆଇ-ନାତୁଣୀ ମୃତ

ପାରଳାଖେମୁଣ୍ଡି/କାଶୀନଗର, ୧୦।୨(ସମିସ): କ୍ଷଣିକରେ ସବୁ ଓଲଟପାଲଟ ହୋଇଗଲା। ଗାଡ଼ି ଚଳାଇବା ବେଳେ ମୁଣ୍ଡ ବୁଲାଇଦେବାରୁ ଦୁଇ ଦୁଇଟି ଜୀବନ ଅକାଳରେ ଚାଲିଗଲା। ଗଜପତି ଜିଲ୍ଲା କାଶୀନଗର ଥାନା ଖାରଡ଼ା ଗ୍ରାମ ଛକ ରାଜ୍ୟ ରାଜପଥରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଇନ୍ଦୁପୁର ପଞ୍ଚାୟତ ଡିବିରିସିଂ ଗ୍ରାମର କଳ୍ପନା କୌବର୍ତ୍ତ (୫୦) ଓ ତାଙ୍କ ସମ୍ପର୍କୀୟ ନାତୁଣୀ ପବିତ୍ରା କୌବର୍ତ୍ତ (୮)। କଳ୍ପନା ଇନ୍ଦୁପୁରର ନାଏବ ସରପଞ୍ଚ। ଏହି ଦୁର୍ଘଟଣାରେ କଳ୍ପନାଙ୍କ ସ୍ୱାମୀ ଶ୍ରୀରାମୁଲୁ କୌବର୍ତ୍ତ (୫୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସ୍ତ୍ରୀ କଳ୍ପନା ଓ ନାତୁଣୀ ପବିତ୍ରାଙ୍କୁ ଧରି ଏକ ଲୁନାରେ ଶ୍ରୀରାମୁଲୁ ଗଜପତି ଜିଲ୍ଲା ଗୋଷାଣି ବ୍ଲକ୍ କଣ୍ଟ୍ରାଗଡ଼ ପଞ୍ଚାୟତ ୱାଇଲୁପାଡୁ (ଆରିବା) ଗ୍ରାମସ୍ଥିତ ଜଣେ ସଂପର୍କୀୟଙ୍କ ଘରକୁ ଯାଇଥିଲେ। ସେଠାରେ ସମ୍ପର୍କୀୟଙ୍କ ଦଶାହ ଏବଂ ଏକାଦଶାହ କାର୍ଯ୍ୟରେ ଯୋଗଦେଇ ମଙ୍ଗଳବାର ନିଜ ଗାଁକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ଶ୍ରୀରାମୁଲୁଙ୍କ ମୁଣ୍ଡ ବୁଲାଇ ଦେବାରୁ ଖାରଡ଼ା ଗ୍ରାମ ଛକ ରାଜ୍ୟ ରାଜପଥରେ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ନାତୁଣୀ ପବିତ୍ରାର ମୃତ୍ୟୁ ଘଟିଥିଲା। କିଛି ସ୍ଥାନୀୟ ଲୋକ ସମସ୍ତଙ୍କୁ ଏକ ଅଟୋରେ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କଳ୍ପନାଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଶ୍ରୀରାମୁଲୁ ଚିକିତ୍ସାଧୀନ ଅଛନ୍ତି। କାଶୀନଗର ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ଏସ୍‌ଆଇ ପଞ୍ଚାନନ ବେହେରା ସୂଚନା ଦେଇଛନ୍ତି।

ଗୁଣ୍ଡୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିବା ସହ ସମବେଦନା ଜଣାଇଛନ୍ତି ଏବଂ ସହାୟତାର ହାତ ବଢ଼ାଇଛନ୍ତି। ମୃତକଙ୍କ ସମ୍ପର୍କୀୟଙ୍କ କହିବାନୁସାରେ, ମୃତ କଳ୍ପନାଙ୍କ ଉତ୍ତମ ଆଚରଣ ପାଇଁ ପଞ୍ଚାୟତବାସୀ ନାଏବ ସରପଞ୍ଚ ଭାବେ ନିର୍ବାଚିତ କରିଥିଲେ। ସେମାନଙ୍କ ଦୁଇ ଅବିବାହିତ କନ୍ୟା ରହିଛନ୍ତି। ଆହତ ଶ୍ରୀରାମୁଲୁ ମୂଳ ଲାଗି ପରିବାର ଚଳାନ୍ତି। ତେଣୁ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

■ ଏକାଠି ଜିଇଁ ପାରିଲେନି

ଏକାସାଙ୍ଗରେ ଝୁଲି ପଡ଼ିଲେ ଦମ୍ପତି

ଜେନାପୁର/କବାଟବନ୍ଧ, ୧୦।୨(ସମିସ): ଏକାଠି ସାଙ୍ଗ ହୋଇ ଜିଇଁ ପାରିଲେନି। ପରସ୍ପରକୁ ବୁଝିବାକୁ ଯେତେ ଚେଷ୍ଟା କଲେ ବି ସବୁ ବିଫଳ ହେଲା। ଦଇବ ବି ସାହା ହେଲାନି। ବିବାହ ପରଠାରୁ କୌଣସି ନା କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ମନାନ୍ତର, ମତାନ୍ତର ଲାଗି ରହିଲା। ତେଣୁ, ଏକାଠି ଜୀବନ ହାରିଦେଲେ। ଠାକୁର ଦର୍ଶନ ସାରିବା ପରେ ସାଥୀ ହୋଇ ଫ୍ୟାନ୍‌ରେ ଝୁଲିପଡ଼ିଲେ। ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଜାମୁଝରୀ ଗ୍ରାମରେ ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ବାବୁଲା ମଲିକଙ୍କ ପୁଅ ଜଜ୍ ମଲିକ (୨୬) ଓ ବୋହୂ ଝରଣା ମଲିକ (୨୩)। ଗତରାତିରେ ଉଭୟ ଗୋଟିଏ ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ବିବାହ ପରଠାରୁ ଦୁହିଁଙ୍କର ସଂପର୍କ ସେତେ ଭଲ ନଥିଲା। ସବୁବେଳେ କୌଣସି ନା କୌଣସି କଥାକୁ ନେଇ ଦୁହିଁଙ୍କର ପାଟିତୁଣ୍ଡ ହେଉଥିଲା। ଏହି କଳହ ଗତକାଲି ଚରମସୀମାରେ ପହଞ୍ଚିଥିଲା। ରାତି ପ୍ରାୟ ୮ଟାରେ ଦୁହେଁ ଗାଁରେ ଚାଲୁଥିବା ଅଷ୍ଟପ୍ରହରୀର ନାମଯଜ୍ଞକୁ ଯାଇ ସେଠାରେ ଠାକୁର ଦର୍ଶନ କରି ଘରକୁ ଫେରିଥିଲେ। ଘରେ ସାଥୀ ହୋଇ ଖାଇବା ପରେ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ଏପଟେ, ଜଜ୍ ଅଷ୍ଟପ୍ରହରୀକୁ ନ ଫେରିବାରୁ ବାପା ବାବୁଲା ଘରକୁ ତାକୁ ଡାକିବାକୁ ଯାଇଥିଲେ। ଘର କବାଟ ଖୋଲିବାକୁ ଚେଷ୍ଟା କରି ବିଫଳ ହେବାରୁ ମନକୁ ପାପ ଛୁଇଁଥିଲା। ତେଣୁ, କବାଟ ଭାଙ୍ଗି ଦେଖିବା ବେଳକୁ ଉଭୟ ଏକ ଫ୍ୟାନ୍‌ରେ ଝୁଲୁଥିଲେ। ଉଭୟଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ

କେନ୍ଦୁଝର ବାଇପାସ୍ ରାସ୍ତା ଲାଗି ୪୩୭ କୋଟି ୯୨ ଲକ୍ଷ



କେନ୍ଦୁଝର, ୧୦।୨(ସମିସ): କେନ୍ଦୁଝର ବାଇପାସ ରାସ୍ତା ଲାଗି ୪୩୭ କୋଟି ୯୨ଲକ୍ଷ ୯୯ହଜାର ଟଙ୍କାର ଆର୍ଥିକ ଅନୁମୋଦନ ହୋଇଥିବାବେଳେ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ୨୦ନଂ ଜାତୀୟ ରାଜପଥ ନେଙ୍କଡାଘରଠାରୁ ଡିମ୍ବୋ-ନେଲୁଙ୍ଗ ଦେଇ ୯ କିଲୋମିଟର ୬୨୪ ମିଟର ଲମ୍ବର ଏହି ବାଇପାସ ରାସ୍ତା ଝାରବେଲଦାଠାରେ ଜାତୀୟ ରାଜପଥ ୪୯ ସହିତ ସଂଯୋଗ ହେବ। ସହର ମଧ୍ୟରୁ ଭିଡ କମାଇବା ପାଇଁ କେନ୍ଦୁଝରରେ ବିଶ୍ୱସ୍ତରୀୟ ବାଇପାସ ରାସ୍ତା ନିର୍ମାଣ ହେବ। ସହର ବାହାରେ ପରିଧିରେ ଏକ ରିଙ୍ଗ ରୋଡ ଭାବେ କାର୍ଯ୍ୟ କରିବ ଯାହାକି ସହର ସୀମାକୁ ବିସ୍ତାର କରିବ। ନୂତନ ବାଇପାସ ନିର୍ମାଣ ହେଲେ ଟ୍ରାଫିକ୍ ସମସ୍ୟା ଅନେକ ପରିମାଣରେ ହ୍ରାସ ପାଇବା ସହିତ ଅଳ୍ପ ସମୟ ମଧ୍ୟରେ ଲୋକ ନିଜର ଗନ୍ତବ୍ୟ ପଥରେ ପହଞ୍ଚି ପାରିବେ। ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ କେନ୍ଦୁଝର ସହରର ଚାରିପାଖେ ୪ ଲେନ ରାସ୍ତା ଏବଂ ଉଭୟ ପାଶ୍ୱର୍‌ରେ ସର୍ଭିସ ରୋଡ ନିର୍ମାଣ କରାଯିବ। ଆଗାମୀ ଦିନରେ କେନ୍ଦୁଝର ରାଜ୍ୟର ଏକ ପ୍ରମୁଖ ଅର୍ଥନୈତିକ ହବ୍ ହେବାକୁ ଯାଉଛି। ପାଟଣାରେ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ସଡକ ସଂଯୋଗକୁ ଅଧିକ ସୁଦୃଢ କରିବ। ବାଇପାସ ରାସ୍ତା ନିର୍ମାଣ ହେଲେ କେନ୍ଦୁଝର ସହର ପାଇଁ ଏହା ରିଂ ରୋଡ୍ ଭଳି କାମ ଦେବ ବୋଲି ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା କହିଛନ୍ତି। ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ଏହି କାମ ପାଇଁ ଚୁକ୍ତି ହେବାର ୨୪ ମାସ ମଧ୍ୟରେ କାମ ସମାପ୍ତ ହେବ ଓ ରାସ୍ତା କାମ ପାଇଥିବା ସଂସ୍ଥା ରାସ୍ତାର ୫ ବର୍ଷ ପର୍ଯ୍ୟନ୍ତ ରକ୍ଷାବେକ୍ଷଣ କାର୍ଯ୍ୟ କରିବ ବୋଲି ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଙ୍କ ସମ୍ବିତ୍ ମହାନ୍ତି କହିଛନ୍ତି। ଜାତୀୟ ରାଜପଥ ୨୦ ଏବଂ ଜାତୀୟ ରାଜପଥ ୪୯ ମଧ୍ୟରେ ସର୍ବାଧିକ ସଂକ୍ଷିପ୍ତ ଓ ସୁଦୃଢ ସଂଯୋଗ ପ୍ରଦାନ କରିବ। ଏହି ରାସ୍ତା ବାବଦରେ ୯୫ କୋଟି ୨୪ ଲକ୍ଷ ୧୩ ହଜାର ୭୪୪ ଟଙ୍କା ଖର୍ଚ୍ଚ କରାଯିବ। ଟ୍ରକ ଲେ-ବେ ପାଇଁ ୫୦ ଲକ୍ଷ ୯୪ହଜାର ୨୪୧ଟଙ୍କା, ୮ଟି ସ୍ଥାନରେ ବସ ରହଣି ଏବଂ ସେଲଟର ପାଇଁ ୩କୋଟି ୯୦ଲକ୍ଷ ୩୦ ହଜାର ୫୧୩ଟଙ୍କା, ୯ଟି ସ୍ଥାନରେ ଜଙ୍କସନ ନିର୍ମାଣ ପାଇଁ ୧ କୋଟି ୬ଲକ୍ଷ ୫୮ ହଜାର ୭୨୯ ଟଙ୍କା, ୨ଟି ସ୍ଥାନରେ ରୋଟାରୀ ଇଣ୍ଟରସେକ୍ସନ ପାଇଁ ୧ କୋଟି ୨୧ ଲକ୍ଷ ୧୫ହଜାର ୭୭ଟଙ୍କା, ସଡକ ସୁରକ୍ଷା ଉପକରଣ ପାଇଁ ୧କୋଟି ୨୧ ଲକ୍ଷ ୧୫ହଜାର ୭୭ଟଙ୍କା ଅନୁମୋଦନ ହୋଇଛି। ସେହିପରି ରିଟେନିଂ ୱାଲ ଏବଂ ଆପ୍ରୋଚ ପାଇଁ ୨୩ କୋଟି ୭୦ ଲକ୍ଷ ୭୯ହଜାର ୬୯ଟଙ୍କା, ୨୫ଟି ବକ୍ସ କଲଭର୍ଟ ନିର୍ମାଣ ପାଇଁ ୧୬ କୋଟି ୪୨ ଲକ୍ଷ ୨୯ହଜାର ୬୮୪ଟଙ୍କା, ଫ୍ଲାଏଓଭର ପାଇଁ ୬ କୋଟି ୬ ଲକ୍ଷ ୮୬ହଜାର ୪୯୬ଟଙ୍କା, ଭେହିକିଲ ଅଣ୍ଡର ପାସ(୧) ପାଇଁ ୬ କୋଟି ୬ଲକ୍ଷ ୮୬ହଜାର ୪୯୬ଟଙ୍କା, ଭେହିକିଲ ଅଣ୍ଡର ପାସ(୨) ୧ କୋଟି ୩୨ଲକ୍ଷ ୫୨ ହଜାର ୭୮୨ ଟଙ୍କା, ଭେହିକିଲ ଅଣ୍ଡର ପାସ(୩) ପାଇଁ୨ କୋଟି ୨୧ ଲକ୍ଷ ୯୧ହଜାର ୭୪୧ଟଙ୍କା ଏବଂ ୧୧୦୦ମିଟର ଏଲିଫ୍ୟାଣ୍ଟ ଅଣ୍ଡର ପାସ ପାଇଁ ୧୬ କୋଟି ୨ଲକ୍ଷ ୪ହଜାର ୨୪୬ଟଙ୍କା ଏବଂ ୩୦ ଟି ସିଡି କାମ ପାଇଁ ୧୮ କୋଟି ୭୯ଲକ୍ଷ ୭୫ହଜାର ୭୯୯ ଟଙ୍କା ମଞ୍ଜୁର କରାଯାଇଛି। ରାସ୍ତାର ଦୁଇ ପାଶ୍ୱର୍‌ରେ ୧୫ ହଜାର ୭୯୬ ମିଟର ଆରସିସି କଭର ଡ୍ରେନ ପାଇଁ ୨୧କୋଟି ୬୬ଲକ୍ଷ ୪୫ହଜାର ୧୪୪ଟଙ୍କା, ବନୀକରଣ ପାଇଁ ୩କୋଟି ୩୭ଲକ୍ଷ ୭୯ହଜାର ୨୭୫ଟଙ୍କା, ରାସ୍ତା କଡ ଆଲୋକ ବ୍ୟବସ୍ଥା ପାଇଁ ୫ କୋଟି, ଜଙ୍ଗଲ ଜମି ଅଣ ଜଙ୍ଗଲ ପାଇଁ ଏବଂ ଗଛ କାଟିବା ପାଇଁ ୭ କୋଟି, ୟୁଟିଲିଟି ସିଫଟିଂ ପାଇଁ ୨ କୋଟି ଟଙ୍କା ଅଟକଳ କରାଯାଇଛି। ଦ୍ରବ୍ୟ ଓ ସେବା କର ବା ଜିଏସଟି ବାବଦରେ ୬କୋଟି ୮ଲକ୍ଷ ୨୬ ହଜାର ୯୫୦ଟଙ୍କା ଦାଖଲ କରାଯିବ। କଣ୍ଟିଜେନ୍ସି ବାବଦରେ ୩କୋଟି ୩୭ଲକ୍ଷ ୭୯ହଜାର ୨୭୫ଟଙ୍କା ଓ ଗୁଣବତ୍ତା ନିୟନ୍ତ୍ରଣ ପାଇଁ ୩ କୋଟି ୩୭ ଲକ୍ଷ ୭୯ହଜାର ୨୭୫ ଟଙ୍କା ବ୍ୟୟବରାଦରେ ରହିଛି। ୫ ବର୍ଷ ରକ୍ଷଣାବେକ୍ଷଣ ପାଇଁ ୮କୋଟି ୪୪ଲକ୍ଷ ୪୮ ହଜାର ୧୮୭ ଟଙ୍କା ବ୍ୟୟବରାଦରେ ରହିଛି।

ମାଟ୍ରିକ ପରୀକ୍ଷା କେନ୍ଦ୍ର ୧୩ଟି, ୨୪୬୬ ପରୀକ୍ଷାର୍ଥୀ

ହାଟଡ଼ିହୀ,୧୦।୨(ସମିସ): ଆସନ୍ତା ୧୯ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍‌ରେ ୧୩ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ୪୭ଟି ହାଇସ୍କୁଲର ୨୪୬୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାପାଇଁ ଫର୍ମପୂରଣ କରିଛନ୍ତି। ପରୀକ୍ଷାକୁ କପିମୁକ୍ତ, ଶୃଙ୍ଖଳିତ କରିବା ପାଇଁ ପ୍ରସ୍ତୁତି କରାଯାଇଛି। ସମସ୍ତ କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଇଛି। ହାଟଡ଼ିହୀ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ଶିକ୍ଷା ବିଭାଗର ତଥ୍ୟ ଅନୁସାରେ, କପିଳେଶ୍ୱର ହାଇସ୍କୁଲ କଳିଗାଁରେ ୧୭୫ଜଣ, ଟିଏମ୍ ଏକାଡମୀ ଡ଼ଅଁରରେ ୨୪୭ଜଣ, ଆର୍‌ବି ହାଇସ୍କୁଲ ଷଡ଼ଙ୍ଗରେ ୧୯୭ଜଣ, ବରାହୀ ହାଇସ୍କୁଲ ବଞ୍ଚୋରେ ୧୮୯ଜଣ, ମୁଗୁପୁର ହାଇସ୍କୁଲରେ ୧୨୩ଜଣ, ଜପିଦାସ ହାଇସ୍କୁଲ ବଡ଼ରମ୍ପାସରେ ୧୫୯ଜଣ, ବିକେ ହାଇସ୍କୁଲ ସୋସୋ-କାନପୁରରେ ୧୩୩ଜଣ, ବାଲିବରେଇ ହାଇସ୍କୁଲରେ ୨୩୫ଜଣ, ବିପି ହାଇସ୍କୁଲ ବାଙ୍ଗୋରରେ ୧୯୬ଜଣ, ସରକାରୀ ହାଇସ୍କୁଲ ହାଟଡ଼ିହୀରେ ୨୯୪ଜଣ, ଢେଙ୍କା ହାଇସ୍କୁଲରେ ୧୯୪ଜଣ, ପଞ୍ଚାୟତ ହାଇସ୍କୁଲ ମରେଗାଁରେ ୧୨୦ଜଣ, ଏମ୍‌ସି ବିଦ୍ୟାପୀଠ ନନ୍ଦିପଦାହାଟରେ ୨୦୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଜିସି ବାଳିକା ଉଚ୍ଚ ବିଦ୍ୟାଳୟ ଓରାଳିରେ ସଂସ୍କୃତ ମଧ୍ୟମା ପରୀକ୍ଷାକେନ୍ଦ୍ର କରାଯାଇଛି। ଏଠାରେ ୫୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସୂଚନାଯୋଗ୍ୟ, ଗତବର୍ଷ ୨୩୦୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ। ୧୨୭ଜଣ ଅନୁପସ୍ଥିତ ରହିବା ଚିନ୍ତାର ବିଷୟ ପାଲଟିଥିଲା। କିଛି ଛାତ୍ର ଫର୍ମ ପୂରଣ କରିବା ପରେ କାମ କରିବାକୁ ବାହାର ରାଜ୍ୟକୁ ଚାଲି ଯାଇଥିବା ଜଣାପଡ଼ିଥିଲଶ। ସେହିପରି କିଛି ଛାତ୍ରୀଙ୍କ ବିବାହ ହୋଇଯାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

ମହୁଲି ମଦ-ପୋଚ ଜବତ; ୪ ଗିରଫ

ହାଟଡ଼ିହୀ,୧୦।୨(ସମିସ): ଆନନ୍ଦପୁର ଅବକାରୀ ରେଞ୍ଜ ଥାନା ପକ୍ଷରୁ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡ଼ିହୀ ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଆନନ୍ଦପୁର ଥାନା ଓ ନନ୍ଦିପଦା ଥାନା ଅନ୍ତର୍ଗତ ଫକିରପୁର, ବାହିଆ, ପୁରୁଣାପାଣି, ଘୋଷରାପଦା ଅଞ୍ଚଳରେ ଚଢ଼ଉ କରାଯାଇ ୩ଶହ ୧୯ଲିଟର ଦେଶୀ ରନ୍ଧା ମହୁଲିମଦ ଓ ୩୨ ଶହ ଲିଟର ମହୁଲ ପୋଚ ସହ ଓଡ଼ି-୦୯ଜି-୬୭୨୩ ନମ୍ବର ଏକ ସ୍କୁଟି ଜବତ କରାଯାଇଛି। ସମ୍ପୃକ୍ତ କାରବାରରେ ଲିପ୍ତ ଥିବା ଅଭିଯୁକ୍ତ ସୁଜିତ ଜେନା, କାହ୍ନୁ ମୁର୍ମୁ, ବିଶୋଇ ହୋ, ନନ୍ଦ ହୋଙ୍କୁ ଗିରଫ କରାଯାଇଛି। ଜବତ ଦେଶୀ ରନ୍ଧା ମହୁଲିମଦ ଓ ମହୁଲ ପୋଚ ଓ ସ୍କୁଟିର ଆନୁମାନିକ ମୂଲ୍ୟ ୧ଲକ୍ଷ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଢ଼ଉରେ ହାଟଡ଼ିହୀ ଅବକାରୀ ଥାନା ସହ ଉପନିରୀକ୍ଷକ, ସୁଶାନ୍ତ ରାଉତ କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ପ୍ରମୁଖ ସାମିଲ ଥିଲେ। ଏନେଇ ଆନନ୍ଦପୁର ରେଞ୍ଜ ଅବକାରୀ ଥାନା ପକ୍ଷରୁ ୧ଟି ଓ ହାଟଡ଼ିହୀ ଅବକାରୀ ଥାନା ପକ୍ଷରୁ ୪ଟି ମାମଲା ରୁଜୁ କରାଯାଇଛି।

ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନାର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

କେନ୍ଦୁଝର,୧୦।୨(ସମିସ): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ ଅଧୀନସ୍ଥ କୋଷାଗାର ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା କୋଷାଗାର ପକ୍ଷରୁ ଦକ୍ଷତା ବିକାଶ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ଓଡ଼ିଶା କୋଷାଗାର ଓ ନିରୀକ୍ଷଣ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ, ଭୁବନେଶ୍ୱର ପଙ୍କଜ କୁମାର ମହାନ୍ତ ଏନପିଏସ୍ ସମ୍ପର୍କିତ ବିଭିନ୍ନ ବୈଷୟିକ ତଥ୍ୟ ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିତରଣ ଅଧିକାରୀମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ରାଷ୍ଟ୍ରୀୟ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ଓଡିଶା ସରକାରଙ୍କ ସମସ୍ତ କର୍ମଚାରୀ ଏବଂ ଡିଡିଓଙ୍କ ନିମନ୍ତେ ୧୩ ତାରିଖ ପର୍ଯ୍ୟନ୍ତ ଏନପିଏସର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ ହେଉଛି। ଏହି ଅବସରରେ କେନ୍ଦୁଝର ଜିଲ୍ଲା କୋଷାଗାରରେ ଏକ ସ୍ୱତନ୍ତ୍ର ସହାୟତା କେନ୍ଦ୍ର ଖୋଲାଯାଇଛି। ଏଠାରେ ରାଷ୍ଟ୍ରୀୟ ପେନସନ୍ ଯୋଜନା ସମ୍ବନ୍ଧୀୟ ସମସ୍ତ ସନ୍ଦେହ ଦୂର କରାଯିବା ସହ ବିଭିନ୍ନ ସମସ୍ୟାର ତ୍ୱରିତ ସମାଧାନ କରାଯିବ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଜିଲ୍ଲା କୋଷାଗାର ଅଧିକାରୀ ଏସ. ହିମାନୀ, କାର୍ଯ୍ୟାଳୟର ଅଡିଟର ଚିନ୍ମୟ ପ୍ରଧାନ, କନିଷ୍ଠ ସହାୟକ ଆର୍ତ୍ତସାରଥୀ ପଟ୍ଟନାୟକଙ୍କ ସମେତ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ।

ବିଭିନ୍ନ ପାକ୍ସରେ ଧାନକିଣା ଅନିୟମିତତା ଓ ଜାଲିଆତି

ଆନନ୍ଦପୁର, ୧୦।୨(ସମିସ): ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ଫକୀରପୁର ସେବା ସମବାୟ ସମିତି ଧାନକିଣାରେ ଚଞ୍ଚକତା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପାଦକଙ୍କ ଦରମା ବନ୍ଦ ହୋଇଥିବାରୁ ଅଫିସ କାର୍ଯ୍ୟରେ ବିଭ୍ରାଟ ସୃଷ୍ଟି ହେଉଥିବା ଜଣାଯାଇଛି। ସମିତିର ସମ୍ପାଦକ ଦୟାନିଧି ଦାସ ଦୀର୍ଘ ୩ମାସ ଧରି ଦରମା ପାଉ ନଥିବା ବେଳେ ସମିତିର ସଭାପତିଙ୍କ ମନମାନି ଯୋଗୁଁ ଦରମା ବନ୍ଦ କରାଯାଇଥିବାର ସେ ଅଭିଯୋଗ କରିଛନ୍ତି। ଧାନ ସଂଗ୍ରହ ବ୍ୟବସ୍ଥାର ଉଲ୍ଲଙ୍ଘନ କରି ଫକୀରପୁର ସେବା ସମବାୟ ସମିତିରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଅଭି ଯୋଗ ହୋଇଛି। ଚାଷୀଙ୍କ ଅପେକ୍ଷା ବ୍ୟବସାୟୀଙ୍କୁ ସୁଯୋଗ ଦିଆଯାଉଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ପରିଚାଳନା ସମିତି ସହ ଉପଯୁକ୍ତ ସମନ୍ୱୟ ରକ୍ଷା ହେଉ ନଥିବାରୁ ଧାନକିଣାରେ ଅନିୟମିତତା ହେଉଥିବା ଏବଂ ଏଥିପାଇଁ ଚାଷୀମାନେ ହଇରାଣ ହରକତ ହେଉଥିବାରୁ ଟୋକନ ପାଇଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଶ୍ରୀ ଦାସ ପରିଚାଳନାରେ ସମନ୍ୱୟ ଅଭାବରୁ ଏପରି ସମସ୍ୟା ହେଉଥିବା କହିଛନ୍ତି। ତେବେ, ଧାନକିଣାରେ ଯେଉଁ ମିଲର କିମ୍ବା ପ୍ରଶାସନିକ ଅଧିକାରୀ ଅସାଧୁ ଉପାୟ ଅବଲମ୍ବନ କରିବେ ତଥା କଟନି ଛଟନି କରିବେ ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରାଯିବ ବୋଲି ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କହିଛନ୍ତି।ଅନ୍ୟପକ୍ଷରେ, କିଛି ପାକ୍ସରେ ଜାଲିଆତି ମଧ୍ୟ ହେଉଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ମଣ୍ଡି ଜରିଆରେ ସରକାରୀ ସହାୟକ ମୂଲ୍ୟରେ ଧାନ ବିକ୍ରି କରିବା ଅତ୍ୟନ୍ତ କଷ୍ଟକର ହୋଇଛି। ଟୋକନ ସମସ୍ୟା ମୁଣ୍ଡବିନ୍ଧା ହୋଇଥିବା ବେଳେ ସେବାସମବାୟ ସମିତିରେ ହେଉଥିବା ଜାଲିଆତି ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ଘସିପୁରା ଅନ୍ତର୍ଗତ ଶୈଳଙ୍ଗ ସେବା ସମବାୟ ସମିତିରେ ଯୁଗଳକିଶୋରପୁର ଗ୍ରାମର ମଙ୍ଗୁଲୁ ଚରଣ ସୋରେନ ଜଣେ ମଧ୍ୟବିତ୍ତ ଆଦିବାସୀ ଚାଷୀ। ସେମାନେ ତିନି ଭାଇ ତାଙ୍କ ପୈତୃକ ଚାଷ ଜମିକୁ ସମାନ ଭାବରେ ଚାଷ କରନ୍ତି। ସମାନ ଭାବରେ ପଞ୍ଜିକୃତ କରି ଧାନ ବିକ୍ରି କରିଥାନ୍ତି। ୨୦୨୬ରେ ସେ ୩.୭୨ ଏକର ଜମିର ପଞ୍ଜିକୃତ କରିଥିଲେ ମଧ୍ୟ ତାଙ୍କର ମାତ୍ର ୩.୮୮ କୁଇଣ୍ଟାଲ ଧାନର ଟୋକନ ଆସିଛି। ତାଙ୍କ ଅନ୍ୟ ଜଣେ ଭାଇଙ୍କ ୪୭ କୁଇଣ୍ଟାଲର ଟୋକନ ଆସିଛି। ଏନେଇ ଚାଷୀଙ୍କ ପକ୍ଷରୁ କେନ୍ଦୁଝର ନିବନ୍ଧକ ସମବାୟ ସମିତିଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାଯାଇଛି। ୭ ଦିନ ମଧ୍ୟରେ ତଦନ୍ତ କରାଯାଇ ସମସ୍ୟାର ସମାଧାନ ନକଲେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହେବେ ବୋଲି ଜଣାଇଛନ୍ତି।

ଜମିଲା ମାଘେ ପରବ୍

କେନ୍ଦୁଝର,୧୦।୨(ସମିସ): କେନ୍ଦୁଝର ସଦର ବ୍ଲକ ନୂଆଗାଁ ପଞ୍ଚାୟତ ଗୋହାଲଡିହି ଗ୍ରାମରେ ମାଘେ ପରବ୍ ମାଦଲର ତାଳେ ତାଳେ ଜମୁଛି। ଏହି ଅବସରରେ ସନାତନ ବାଲବୁଢୁ ଆଦିବାସୀ ସଂପ୍ରଦାୟର ଦେବାଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ଆଦିବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଦିବାସୀଙ୍କ ଏକତାର ପର୍ବ ମାଘେ ପରବ୍ ବୋଲି କୁହାଯାଏ। ଗୋହାଲଡିହି ବିର୍ସାମୁଣ୍ଡା ପ୍ରତିମୂର୍ତ୍ତି ପଡ଼ିଆରେ ସମସ୍ତ ଭାଇଭଉଣୀ ଏକାଠି ହୋଇ ମାଦଲର ତାଳେ ତାଳେ ନାଚଗୀତରେ ବାନ୍ଧି ହୋଇ ମାଘେ ପରବ୍ ଆନନ୍ଦ ଉତ୍ସାହରେ ପାଳନ କରିଛନ୍ତି। ଆଦିକନ୍ଦ ସଏ, ସୋମନାଥ ବାଲମୁରୁ, ସନାତନ ବାଲମୁରୁ(ବି), ଗୁରା ଗୁୟା, ବିଶ୍ୱନଥ ସଏ, ଲାଲମୋହନ ସଏ, ରାମଚନ୍ଦ୍ର କୁଲଡିହି, ରଇଦାସ କୁଲଡିହି, ରବି ସିଣ୍ଡୁ, ସୁରେଶ ସଏ, ମାଧ ସଏ, ରାମ ବାଲମୁରୁ, ଶୁକଦେବ ସଏ, କିଶୋର ବାଲମୁରୁ, ମୁନା ସିଣ୍ଡୁ, ମକରଧ୍ୱଜ ସଏ, ମଧୁ ଗୁୟା ସହଯୋଗ କରିଥିଲେ।

ନିଆଁରେ ପୋଡ଼ି ଯୁବକ ଗୁରୁତର

ତୁରୁମୁଙ୍ଗା, ୧୦।୨(ସମିସ): ପାଟଣା ବ୍ଲକ ତୁମୁରିଆ ରହଣିଦୁମା ଗ୍ରାମରେ ସୋମବାର ସନ୍ଧ୍ୟାରେ ଚୁଲି ଜାଳିବା ସମୟରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଉଥିବା ବେଳେ ଦେହରେ ନିଆଁ ଲାଗିଯିବାରୁ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ଯୁବକ ହେଲେ ଶମ୍ଭୁ ମହାନ୍ତଙ୍କ ପୁଅ ଜଗନ୍ନାଥ (୨୯)। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ତାଙ୍କର ୨ ହାତ ଓ ବାମ ଗୋଡ ପୋଡ଼ି ଯାଇଛି। ଅବସ୍ଥା ଗୁରୁତର ହୋଇଥିବାରୁ ତାଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଖିରେଇଟାଙ୍ଗିରୀ ଜାଗର ମହୋତ୍ସବ ପ୍ରସ୍ତୁତି

ତୁରୁମୁଙ୍ଗା, ୧୦।୨(ସମିସ): ପାଟଣା ବ୍ଲକ ଖିରେଇଟାଙ୍ଗିରୀ ଗ୍ରାମରେ ଥିବା ସର୍ବେଶ୍ୱର ମହାଦେବଙ୍କ ମହା ଶିବରାତ୍ରୀ ପୂଜା ସହ ଜାଗର ମହୋତ୍ସବର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୫ ତାରିଖରେ ଧୁମଧାମରେ ଜାଗର ଉତ୍ସବ ପାଳନ କରାଯିବା ସହ ୧୬ତାରିଖଠାରୁ ଜାଗର ମହୋତ୍ସବ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭକ୍ତମାନଙ୍କ ଦର୍ଶନ ପାଇଁ କମିଟି ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

କେଶଦୁରାପାଳ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ ଦାବି

ଆନନ୍ଦପୁର, ୧୦।୨ (ସମିସ): କୌଣସି ଆବଶ୍ୟକତା ନଥାଇ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଦଳ ବଦଳ କରିବାରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏହାକୁ କେନ୍ଦ୍ରକରି ଅବିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜନୈତିକ ଆକ୍ରୋଶ ବିଦ୍ୟାଳୟ ଉପରେ ପ୍ରତିଫଳନ ହେଉଥିବା ଏବଂ ଅଯଥାରେ ଶିକ୍ଷକଙ୍କୁ ହଇରାଣ ହରକତ କରିବା ଘଟଣାରେ ଅଡୁଆ ବଢୁଥିବାରୁ ଗ୍ରାମବାସୀ ଶିକ୍ଷା ବିଭାଗକୁ ଏହାର ପ୍ରତିବାଦ ଜଣାଇଛନ୍ତି। ଏପରି ଏକ ଅଯଥା ସମସ୍ୟା ସୃଷ୍ଟି ହୋଇଛି ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ପ୍ରାଥମିକ ବିଦ୍ୟାଳୟରେ। ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରିବାକୁ ଗ୍ରାମବାସୀ ଶିକ୍ଷାଧିକାରୀଙ୍କୁ ଦାବି କରିଥିଲେ। ଏନେଇ ସ୍ଥିତାବସ୍ଥା ଥିବାବେଳେ ପ୍ରାୟ ଦୁଇମାସ ପରେ ଉକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି ଆଦେଶ କରିବା ଘଟଣାରେ ଶିକ୍ଷା

ବେତନଟୀ-ମାଣତ୍ରୀ ରାସ୍ତା ମରଣଯନ୍ତ୍ର

ବଡ଼ସାହି, ୧୦।୨(ସମିସ)

ବେତନଟୀଠାରୁ ବଡସାହି ବ୍ଲକ ଅଧିନ ମାଣତ୍ରୀ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୀର୍ଘ ୧୨ କିମି ରାସ୍ତା ମରଣଯନ୍ତ୍ରା ପାଲଟିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନିଦାବିଷ୍ଟ ସାଜିଛି। ଏହା ଏହି ଅଞ୍ଚଳର ପ୍ରମୁଖ ରାସ୍ତା ହୋଇଥିବାବେଳେ ପ୍ରତିଦିନ ଶହ ଶହ ଛୋଟବଡ ଗାଡି ଏହି ରାସ୍ତା ଦେଇ ଯାତାୟାତ କରିଥା'ନ୍ତି। ଜିଲ୍ଲା ମୁଖ୍ୟାଳୟ ସହିତ ମଧ୍ୟ ଏହାର ସଂଯୋଗ ଥିବାରୁ ପ୍ରତିଦିନ ଶହଶହ ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ। ଏହି ରାସ୍ତାର ଉନ୍ନତିକରଣ ହେଉ ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ବେତନଟୀ ପଟୁ କିଛି ରାସ୍ତା ମରାମତି ହୋଇଥିବା ବେଳେ ଦୁର୍ଗାପୁର ଜଙ୍ଗଲ ମୁଣ୍ଡରୁ ମାଣତ୍ରୀ ପର୍ଯ୍ୟନ୍ତ ୫ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। କେତେକ ସ୍ଥାନରେ ରାସ୍ତା ଫାଟି ଆଁ କରିଛି।

ଶିବରାତ୍ରୀ ପୂର୍ବରୁ ମରାମତି ଦାବି

ଆଗକୁ ୧୫ରେ ମାଣତ୍ରୀ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ମହାଶିବରାତ୍ରି ଓ ଜାଗର ମେଳା ଆସୁଥିବାରୁ ଏଥିପାଇଁ ଜନସାଧାରଣ, ଶ୍ରଦ୍ଧାଳୁ ଓ ବିଶେଷ କରି ଦଣ୍ଡବତେ ପଡ଼ି ପଡ଼ି ମନ୍ଦିରକୁ ଆସୁଥିବା ଭକ୍ତମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ପଷ୍ଟ କରାଯାଇଛି। ହଜାର ହଜାର ଲୋକ ୧୨ଦିନ ଧରି ଚାଲିବାକୁ ଥିବା ଏହି ମେଳା ଦେଖିବା ଏହି ରାସ୍ତା ଉପରେ ନିର୍ଭର କରିବେ ବୋଲି ଜଣାଯାଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ମଧ୍ୟ ଦୃଷ୍ଟି ଆକର୍ଷଣ କରାଯାଇଥିବା ପ୍ରଦୀପ କୁମାର ପଣ୍ଡା ପ୍ରକାଶ କରିଛନ୍ତି। ପ୍ରସ୍ତୁତି ବୈଠକରେ ସହକାରୀ ଯନ୍ତ୍ରୀ ଏହି ରାସ୍ତାର ଟେଣ୍ଡର ସରିଥିବାବେଳେ ୩୩ ପ୍ରତିଶତ ଲେସ କରି ଠିକାଦାର କାମ କରୁ ନ ଥିବା କହି ଅସହାୟତା ପ୍ରକାଶ କରିଥିବାର ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଫଳରେ କିଛି ଠିକାଦାର ଓ ଅସାଧୁ ବିଭାଗୀୟ ଅଧିକାରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନା ନିଜର ପରିଚୟ ହରାଇବାକୁ ବସିଛି। ଗ୍ରାମାଞ୍ଚଳରେ ଗମନାଗମନର ବିପ୍ଳବ ସୃଷ୍ଟି ପାଇଁ ସରକାରଙ୍କ ଏହି ଯୋଜନାର ପରିକଳ୍ପନା କେତେକ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ପାଇଁ ମୂଲ୍ୟହୀନ ହୋଇପଡ଼ିଛି।

ଏହି ରାସ୍ତା ୨୦୧୭ ଏପ୍ରିଲ ୩ରେ ଆରମ୍ଭ ହୋଇ ୨୦୧୮ ମାର୍ଚ୍ଚ ୨ରେ ଶେଷ ହୋଇଥିବାର ଫଳକରୁ ଜଣାଯାଇଛି। ଏହି ରାସ୍ତା ନିର୍ମାଣ ପାଇଁ ୧୨ କୋଟି ୨୩ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ ଅଟକଳ ଥିଲା। ରାସ୍ତା ନିର୍ମାଣର ଚୁକ୍ତି ଅବଧି ମଧ୍ୟ ୫ ବର୍ଷ ବିଭାଗ ପକ୍ଷରୁ ରଖାଯାଇଥିଲା। କିନ୍ତୁ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଇ ଅଟକଳକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିବାରୁ ରାସ୍ତାଟି ୫ ବର୍ଷ ପୂରିବା ପୂର୍ବରୁ ମରଣଯନ୍ତ୍ରାରେ ପରିଣତ ହୋଇଛି। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଆବଶ୍ୟକ ପରିମାଣର ମାଟି ଉଠା ନ ଯାଇ ମାତ୍ର ୬ ଇଞ୍ଚ ମାଟି ଉଠାଯାଇ ମାଟି ମିଶା ମୁରୁମ ଭର୍ତ୍ତି କରାଯାଇଥିଲା। ଏପରିକି ଭାଇବ୍ରେସନ ରୋଲର ବ୍ୟବହାର କରା ନ ଯାଇ ସାଧାରଣ ରୋଲର ବ୍ୟବହାର କରାଯାଇଛି। ପ୍ରଶସ୍ତିକରଣ କାର୍ଯ୍ୟର ପୁରୁଣା ପିଚରୁ ତଡା ଯାଇଥିବା ମେଟାଲ ବ୍ୟବହାର କରାଯାଇଛି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର କାମ ମୂଲ୍ୟହୀନ ହେବାକୁ ବସିଛି। ବିଧାୟକ, ସାଂସଦ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ

ଗୋରୁମହିଷାଣୀ, ୧୦।୨(ସମିସ): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଗୋରୁମହିଷାଣୀଠାରେ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ଗୋରୁମହିଷାଣୀ ସତସଙ୍ଗ ବିହାର ଆନୁକୂଲ୍ୟରେ ରାଇରଙ୍ଗପୁର ସହ ପ୍ରତିରିତ୍ତିକ୍ ଗୋକଳ ବିହାରୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରେ ବେଦ ମାଙ୍ଗଳିକ, ନହବତ, ଉଷା କୀର୍ତ୍ତନ, ଉଷା ବିନତି ନାମ ଜପ, ସଦ୍‌ଗ୍ରନ୍ଥ ପାଠ କରାଯାଇଥିଲା। ପରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ରଥାରୂଢ଼ ଠାକୁରଙ୍କ ବିଗ୍ରହ ସତସଙ୍ଗ ବିହାର ନିକଟରୁ ବାହାରି ମେଡିକାଲ ଛକ, ବିର୍ସା ମୁଣ୍ଡା ଛକ, ହନୁମାନ ମନ୍ଦିର ଦେଇ ଗୋରୁମହିଷାଣୀ ବଜାର ପରିକ୍ରମା କରିଥିଲା। ସତସଙ୍ଗରେ ମୁଖ୍ୟଅତିଥି ସମ୍ବଲପୁରର ମହେଶ୍ୱର ଚକ୍ର ଯୋଗଦେଇ ସତସଙ୍ଗର ଆବଶ୍ୟକତା, ଶ୍ରୀଶ୍ରୀ ଆଚାର୍ଯ୍ୟ ଦେବଙ୍କ ନିର୍ଦ୍ଦେଶ କଥା କହିଥିଲେ। ସତସଙ୍ଗରେ ଟାଟା ନଗର ସହିତ ରାଇରଙ୍ଗପୁର ବ୍ଲକ, ଯଶିପୁର ବ୍ଲକ, ବହଳଦା ଜାମଦ ବ୍ଲକ ଓ ଗୋରୁମହିଷାଣୀର ପାଞ୍ଚ ପଞ୍ଚାୟତରୁ ଗୁରୁ ଭାଇ ଓ ମାଆମାନେ ଯୋଗ ଦେଇଥିଲେ। ସତସଙ୍ଗ ପରେ ଅଧ୍ୟାପିକା ଶ୍ରୀମତୀ ଭାରତୀ ମହାନ୍ତିଙ୍କ ନେତୃତ୍ୱରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ଟେଣ୍ଟ ବ୍ୟବସାୟୀ ନିଲ ମଣ୍ଡଳ ଠାକୁରଙ୍କ ସଦଦୀକ୍ଷା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଉତ୍ସବ ପରିଚାଳକ ମୋତିଲାଲ ରଣା, ଗୁରୁ ଭାଇ ଦୀପତେନ୍ଦୁ ପ୍ରଧାନ, ଶ୍ରୀକାନ୍ତ ଗିରି, ଅଜିତ ସାହୁ, ନିଲାମ ନାଏକ, ଶାନ୍ତିଲତା ମହାକୁଡ, କଦମା ମୁଣ୍ଡା, ସୁମିତ୍ରା ମାହାଲି, ସାଗରିକା ପଲେଇ ସହଯୋଗ କରିଥିଲେ।

ରବିନାରାୟଣ ପରିଡ଼ା କପ୍ତିପଦା ବ୍ଲକ୍ କଂଗ୍ରେସ ସଭାପତି

କପ୍ତିପଦା, ୧୦।୨(ସମିସ): ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ନୂତନ କର୍ମକର୍ତ୍ତା ଓ କଂଗ୍ରେସ କମିଟି ବ୍ଲକ ସଭାପତିଙ୍କ ନାମ ଘୋଷଣା କରିଛି। ଏହି ଘୋଷଣାନୁଯାୟୀ କପ୍ତିପଦା ବ୍ଲକ ସଭାପତି ଭାବେ ରବିନାରାୟଣ ପରିଡ଼ା କପ୍ତିପଦା ବ୍ଲକ ସଭାପତି ହେଇଛନ୍ତି। ସେ ଏଆଇସିସି ସଭାପତି ମାଲିକାଜୁନ ଖଡ଼ଗେ, ରାହୁଲ ଗାନ୍ଧୀ, ରାଜ୍ୟ ସଭାପତି ଭକ୍ତଚରଣ ଦାସ, ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଶିକ୍ଷକ ତାଲିମ କେନ୍ଦ୍ର ପୁରାତନ ଛାତ୍ରଙ୍କ ସମ୍ମିଳନୀ

ବାରିପଦା, ୧୦।୨(ସମିସ): ମୟୂରଭଞ୍ଜ ଜିଲ୍ଲା ବାରିପଦାସ୍ଥ ସରକାରୀ ଶିକ୍ଷକ ତାଲିମ କେନ୍ଦ୍ରରେ ତାଲିମ ନେଇଥିବା ୧୯୭୬ରୁ ୭୮ ବ୍ୟାଚ୍ ପୁରାତନ ଛାତ୍ରଙ୍କ ସମ୍ମିଳନୀ ତକତପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଶଶୀଧର ଓତା ଅଧ୍ୟକ୍ଷତା କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ନିଜ ଚାକିରି ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଶଶୀଧର ଓତା ସଭାପତି, ହରିବନ୍ଧୁ ମନ୍ତ୍ରୀ ସମ୍ପାଦକ, ସୁକେଶ ମିଶ୍ର, ଭଗବାନ ଷଡଙ୍ଗୀ ସହସମ୍ପାଦକ, ଶୋଭାନ ଆଚାର୍ଯ୍ୟ ଓ ରାଧାମୋହନ ବେହେରା ପରାମର୍ଶଦାତା ଓ ଅନ୍ୟ ସମସ୍ତଙ୍କୁ ସାଧାରଣ ସଦସ୍ୟ ଭାବେ କମିଟିରେ ଗ୍ରହଣ କରାଯାଇଥିଲା। କଳ୍ପନା ଉପାଧ୍ୟାୟ, ଭାସ୍କର ମହାନ୍ତି ଲମ୍ବୋଦର ମହାନ୍ତ, ରମାକାନ୍ତ ପରିଡ଼ା, ଗୋଲକ ମହାନ୍ତି, ଅନଙ୍ଗ ସେନାପତି ଓ କାର୍ତ୍ତିକ ଚନ୍ଦ୍ର ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମୋରଡ଼ା ଆଦର୍ଶ ବିଦ୍ୟାଳୟରେ ଅଗ୍ନି ପ୍ରଶମନ ଶିବିର

ମୋରଡା, ୧୦।୨(ସମିସ): ମୋରଡା ଆଦର୍ଶ ବିଦ୍ୟାଳୟରେ ଚିତ୍ରତା ଅଗ୍ନିଶମ ବିଭାଗ ତରଫରୁ ଅଗ୍ନି ପ୍ରଶମନ ଓ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାତ୍ର ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଷ୍ଟେସନ ଅଧିକାରୀ ଉମାକାନ୍ତ ଦାସଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗ ଦଳ ବିଭିନ୍ନ ପ୍ରକାରର ପ୍ରଦର୍ଶନ କରିଥିଲେ। ଅଗ୍ନିକାଣ୍ଡ ସମୟରେ କିପରି ନିଜକୁ ସୁରକ୍ଷିତ

ରଖିବେ ଓ ଅଗ୍ନି ନିର୍ବାପକ ଯନ୍ତ୍ର କିପରି ବ୍ୟବହାର କରିବେ, ସେ ସମ୍ବନ୍ଧରେ ବିସ୍ତୃତ ପ୍ରଦର୍ଶନ କରାଯାଇଥିଲା। ଶିକ୍ଷକ ସୁଧାଂଶୁ ଶେଖର ମହାନ୍ତ, ଯୁଥୀ ମଣ୍ଡଳ, ସୋନିଆ ଶାନ୍ତି ସୋରେନଙ୍କ ସମେତ ବିଦ୍ୟାଳୟର ଅନ୍ୟ ସମସ୍ତ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଏମ୍‌ଏସ୍‌ବି ବିଶ୍ୱବିଦ୍ୟାଳୟ ଦୂର ଓ ଅନ୍‌ଲାଇନ୍ ଶିକ୍ଷାରେ ଦ୍ୱୈତ ଡିଗ୍ରୀ ସୁଯୋଗ

ବାରିପଦା, ୧୦।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଦୂର ଓ ଅନଲାଇନ୍ ଶିକ୍ଷା ବ୍ୟବସ୍ଥାରେ ଅନ୍ୟ ନିୟମିତ ବିଭାଗରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଦ୍ୱୈତ ଡିଗ୍ରୀ ହାସଲ କରିପାରିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ବ୍ୟବସ୍ଥା ଅନୁଯାୟୀ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ଏହା ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିଶେଷ ଉପକୃତ ହେବେ। ନୂତନ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଏକକାଳୀନ ଦୁଇଟି ଶିକ୍ଷାଗତ କାର୍ଯ୍ୟକ୍ରମରେ ଅଧ୍ୟୟନ କରିପାରିବେ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ୫୦ ପ୍ରତିଶତ ରିହାତିର ବ୍ୟବସ୍ଥା ରହିଛି ବୋଲି କୁହାଯାଉଛି। ଦୂର ଓ ଅନଲାଇନ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ଉଚ୍ଚଶିକ୍ଷାକୁ ମାଗଣା, ଅନ୍ତର୍ଭୁକ୍ତ ଓ ପରିବର୍ତ୍ତନକାରୀ କରିବା ପାଇଁ ବିଶ୍ୱବିଦ୍ୟାଳୟ ଶିକ୍ଷା ମିଶନ (ୟୁଏଲଏମ) ପ୍ରସ୍ତାବକୁ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟକାରୀ କରାଯାଇଛି। ଯଦ୍ୱାରା ପ୍ରତ୍ୟେକ ଶିକ୍ଷାର୍ଥୀ ଆର୍ଥିକ ପ୍ରତିବନ୍ଧକ ବିନା ଶିଖିବା, ବୃଦ୍ଧି ପାଇବା ଓ ସଫଳ ହେବାର ସୁଯୋଗ ପାଇବେ। ବିଶ୍ୱବିଦ୍ୟାଳୟ ଶିକ୍ଷା ମିଶନ (ୟୁଏଲଏମ) ଯୋଜନା ଅଧୀନରେ ସ୍ନାତକ ଓ ସ୍ନାତକୋତ୍ତର ଯୋଗ୍ୟତା ଆଧାରରେ ସଂରକ୍ଷଣ ବର୍ଗ (ଏସସି ଓ ଏସଟି-୩ ପ୍ରତିଶତ), ଦିବ୍ୟାଙ୍ଗ (୧ ପ୍ରତିଶତ) ଓ ସମଲିଙ୍ଗୀ (୧ ପ୍ରତିଶତ)ଙ୍କୁ ସର୍ବମୋଟ୍ ୫ ପ୍ରତିଶତ ମାଗଣା ପ୍ରବେଶ ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜଣାଇଛନ୍ତି।

ଗୁଲାମ ସାହିରେ ମାଗେ ପରବ ଉଦ୍‌ଯାପିତ

ଶୁକ୍ରୁଳି, ୧୦।୨(ସମିସ): ରରୁଆଁ ବ୍ଲକ ଘାଗରବେଡ଼ା ପଞ୍ଚାୟତର ଗୁଲାମ ସାହିରେ ମାଗେ ପରବ ଶେଷ ହୋଇଛି। ସାତଦିନ ଧରି ପାରମ୍ପରିକ ପୂଜା ସହିତ ଆଦିବାସୀ ହୋ ସମ୍ପ୍ରଦାୟର ଲୋକେ ଏହି ପରବ ପାଳନ କରିଛନ୍ତି। ଛୋଟରୁ ବଡ ସମସ୍ତେ ନୂତନ ପୋଷାକ ପରିଧାନ କରି ଆନନ୍ଦ ଉଲ୍ଲାସର ସହିତ ଖୁସୀ ମନାଇଥା'ନ୍ତି। ୬ ଦିନ ଧରି ପାରମ୍ପରିକ ପୂଜା ସରିବା ପରେ ଶେଷ ଦିନରେ ନାଚ, ଗୀତ ହୁଏ। ପାରମ୍ପରିକ ନାଗର, ମାଦଲ ତାଳେ ତାଳେ ସମସ୍ତେ ନାଚିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମ ସାମ୍ବାଦିକ କିଶୋର କୁମାର ସେଠୀ, ଲଲାଟେନ୍ଦୁ ପାତ୍ର, ସନ୍ତୋଷ ମହାନ୍ତ (ନନ୍ଦିଘୋଷ) ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଓ ଆଙ୍କର ଭାବେ ଅଜିତ କୁମାର ତିରିଆ ଦାୟିତ୍ୱ ନିର୍ବାହ କରିଥିଲେ।

ନିଶାଶକ୍ତ ଚାଳକଙ୍କ ଉନ୍ମତ୍ତକାଣ୍ଡ

ପାଚେରି ଉପରେ ଚଢ଼ାଇଦେଲା ଟ୍ରକ୍

ବୈଶିଙ୍ଗା, ୧୦।୨ (ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ଗେଟ୍ ନିକଟରେ ବାରିପଦାରୁ ବାଲେଶ୍ୱର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ ନିୟନ୍ତ୍ରଣ ହରାଇ ପାଚେରି ଉପରେ ଚଢିଯାଇଛି। ଚାଳକ ନିଶାଶକ୍ତ ଅବସ୍ଥାରେ ଏଭଳି ଦୁର୍ଘଟଣା କରିଥିବା କୁହାଯାଉଛି। ଟ୍ରକର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି କାର୍ଯ୍ୟରତ ଟୋଲଗେଟ କର୍ମଚାରୀ। ସୂଚନା ମୁତାବକ, ଚାଳକ ନିଶାସକ୍ତ ଅବସ୍ଥାରେ ଟାଟାରୁ ପ୍ଲାଷ୍ଟିକ କ୍ୟାରେଟ ଭର୍ତ୍ତି ଟ୍ରକ ନେଇ ବାଲେଶ୍ୱର ଅଭିମୁଖେ ଅତ୍ୟନ୍ତ ଦ୍ରୁତଗତିରେ ଯାଉଥିବା ସମୟରେ ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ଗେଟ ପାଚେରିରେ ଚଢି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ ନିକଟରେ ଏକାଧିକ ଟୋଲଗେଟ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ରାସ୍ତାରୁ ହଟାଇ ଯାତାୟାତକୁ ସ୍ୱାଭାବିକ କରିଛି।

ବର୍ତ୍ତିଗଲେ କାର୍ଯ୍ୟରତ ଟୋଲଗେଟ କର୍ମଚାରୀ

ପୋଚ ଓ ମଦ ଜବତ

ବଡ଼ସାହି, ୧୦।୨(ସମିସ): ବଡ଼ସାହି ଥାନା ଅଧୀନ କମଳାଶୋଳ ମାଙ୍କଡାପାଳ ଗ୍ରାମରେ ବ୍ୟାପକ ଚୋରା ବେଆଇନ ଦେଶୀମଦ କାରବାର ହେଉଥିବା ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରିଛି। ଫଳରେ ଘଟଣାସ୍ଥଳରୁ ୧୧ ହଜାର କେଜି ପୋଚ ଓ ୧୦୩୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଖବରପାଇ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

ମହିଳା କଲେଜରେ ସୁରକ୍ଷିତ ଇଣ୍ଟରନେଟ ଦିବସ

ବାରିପଦା, ୧୦।୨(ସମିସ): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳନ ହୋଇଯାଇଛି। ଏନଆଇସି ତଥା ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଅଜୟ ମହାପାତ୍ର, ନେଟୱର୍କ ଇଂଜିନିୟର ମଧୁସ୍ମିତା ମିଶ୍ର, ଉମେରେ ମହାପାତ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସୁରକ୍ଷିତ ଇଣ୍ଟରନେଟ ବ୍ୟବହାର ଓ ଏଆଇ ସୁରକ୍ଷିତ ବ୍ୟବହାର ସମ୍ପର୍କରେ ଛାତ୍ରୀ ଓ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାଙ୍କୁ ପ୍ରଶିକ୍ଷିତ କରିବା ସହିତ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଅଜୟ ମହାପାତ୍ର କହିଥିଲେ, ସମ୍ପ୍ରତି ଆମ ସମାଜରେ ଇଣ୍ଟରନେଟର ବ୍ୟବହାର ଏକ ବଡ଼ ଆବଶ୍ୟକ ହୋଇପଡ଼ିଛି। ଏହି ଆବଶ୍ୟକତାକୁ ପରିପୂରକ କରିବାକୁ ଯାଇ ଆମେ ଅନେକ ସମୟରେ ଠକାମିର ଶିକାର ହେଉଛୁ। ଏ ସମ୍ପର୍କରେ ଆମେ ନିଜେ ସଚେତନ ଓ ସତର୍କ ହେଲେ ଯାଇ ଏହି ଠକାମିରୁ ବର୍ତ୍ତିପାରିବା। ଅଧ୍ୟକ୍ଷା ଡ. ସାଗରିକା ସିଂହ ସଭାପତିତ୍ୱ କରି କହିଥିଲେ, ଆଜି ବିଜ୍ଞାନ ଆମକୁ ସଫଳତାର ଶୀର୍ଷରେ ପହଞ୍ଚାଇବାକୁ ପ୍ରୟାସ କରୁଛି ଓ ଆମ ସମାଜର ବିକାଶରେ ସହାୟ ହେଉଛି। ଆମ ଜ୍ଞାନର ବିକାଶ ପାଇଁ ତଥା ଦେଶ ବିଦେଶର ଖବର ଓ ତଥ୍ୟ ଇଣ୍ଟରନେଟ ମାଧ୍ୟମରେ ଖୁବ କମ ସମୟରେ ଘରେ ବସି ପାଇପାରୁଛୁ। ଇଣ୍ଟରନେଟରେ ଏଆଇ ଆମ ପାଇଁ ବଡ଼ ବରଦାନ। ଏହା ସତ୍ତ୍ୱେ ଆମେ ବିଭିନ୍ନ ସମୟରେ ବିଭିନ୍ନ ଭାବେ ଏହି ଇଣ୍ଟରନେଟ ଦ୍ୱାରା ଠକାମିର ଶିକାର ହେଉଛୁ। ଆମ ଅସାବଧାନତାର ସୁଯୋଗ ନେଇ କିଛି ଅସାମାଜିକ ବ୍ୟକ୍ତି ସାଇବର ଅପରାଧ ଘଟାଉଛନ୍ତି। ଆମେ ସଚେତନ ହେଲେ ଠକାମିରୁ ରକ୍ଷା ପାଇପାରିବା। ଶେଷରେ ଇଣ୍ଟରନେଟ ସମ୍ପର୍କିତ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନେଟୱର୍କ ଇଞ୍ଜିନିୟର ଉମେଶ ମହାପାତ୍ର ପରିଚାଳନା କରିଥିବାବେଳେ ଗଣିତ ବିଭାଗର ସହକାରୀ ପ୍ରଫେସର ଅଭିଷେକ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

ଡିଭାଇନରେ ଟାଟ

ସକାଳ
THE SAKALA

ସମ୍ପାଦକୀୟ



ଭବିଷ୍ୟତ ଆକଳନ କରିବାର ସର୍ବୋତ୍ତମ ଉପାୟ ହେଉଛି ନିଜେ ଏହାକୁ ସୃଷ୍ଟି କରିବା ।
-ଭାରତରତ୍ନ ଡ. ଏ ପି ଜେ ଅବଦୁଲ୍ କାଲାମ୍

'ଏଆଇ' ଅଡୁଆ

ଏକପକ୍ଷରେ କେନ୍ଦ୍ର ସରକାର ବଜେଟ୍‌ରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ବ୍ୟାପକ ବିକାଶକୁ ଗୁରୁତ୍ୱ ଦେଇଛନ୍ତି । ଅପରପକ୍ଷରେ ଏହି ଭସ୍ମାସୁରର କୃତକର୍ମଗୁଡ଼ିକୁ ନେଇ ଚିନ୍ତିତ ଅଛନ୍ତି । ବସ୍ତୁତଃ 'ଏଆଇ' ସରକାରଙ୍କୁ ଏଭଳି ଏକ ଗୋଲକଧନ୍ଦାରେ ପକାଇ ଦେଇଛି, ଯେଉଁଠାରେ ନୀତି, ନିଷ୍ପତ୍ତି ସବୁ ଗୋଳମାଳିଆ ହେବା ସ୍ୱାଭାବିକ । 'ଏଆଇ' ବିପ୍ଳବ ଏବେ ବିଶ୍ୱକୁ ଏକ ଆଥ୍‌ଲେଟିକ୍(ଦୌଡ଼ ଓ ଖେଳକୁଦ) ପଡ଼ିଆରେ ପରିଣତ କରିଦେଇଛି । ଏହି ପ୍ରତିଯୋଗିତାରେ କାହାକୁ ଟପି କିଏ କେତେ ଆଗକୁ ଯାଇପାରିବ ସେଥିପାଇଁ ପଡ଼ିଆର ବିଭିନ୍ନ ଟ୍ରାକ୍‌ରେ ରାଷ୍ଟ୍ରମାନେ ନିଜକୁ ପ୍ରସ୍ତୁତ କରୁଛନ୍ତି । ତେଣୁ ଭାରତ ବା ନିଜକୁ କିଭଳି ବାଦ୍ ଦେଇପାରିବ? ବିଡ଼ମ୍ବନା ହେଲା ପ୍ରତିଯୋଗିତା ଯେତେ ବଢୁଛି ବିଶ୍ୱ ପ୍ରତି ବିପଦ ସେତିକି ଘନେଇ ଆସୁଛି ।

'ଏଆଇ'ର ଶେଷ ପ୍ରହାରରେ ମାନବ ସଭ୍ୟତା ଧ୍ୱସ ହୋଇସାରିବା ପରେ ଉଚିତ ଅନୁଚିତର ପ୍ରଶ୍ନ ହିଁ ନଥିବ । କିନ୍ତୁ ବର୍ତ୍ତମାନ ଏହାର ଯେଉଁ ନକାରାତ୍ମକ ଦିଗଟି ଗଣ ଓ ସରକାରଙ୍କୁ ତତ୍କାଳ ଅତିଷ୍ଠ କରିବାରେ ଲାଗିଛି ତାହା ହେଉଛି ସାମାଜିକ ଗଣମାଧ୍ୟମରେ 'ଏଆଇ'ର ଉଦ୍ଦେଶ୍ୟମୂଳକ ତ୍ରୁଟିପୂର୍ଣ୍ଣ ଦୁରୁପଯୋଗ । ଅନେକ ତାଗିଦା, କଟକଣା, ନିୟମ କାନୁନ ସତ୍ତ୍ୱେ ସାମାଜିକ ଗଣମାଧ୍ୟମ 'ଏଆଇ'ର ବୋଲ ମାନୁନାହିଁ । ଏବେ ଭାରତ ସରକାର ଚରମବାଣୀ ଶୁଣାଇ ଦେଇ କହିଛନ୍ତି ଯେ 'ଏଆଇ' ଦ୍ୱାରା ବିକଶିତ ବା ପ୍ରକ୍ରିୟାକୃତ ଭିଡିଓ, ଫଟୋ ଆଦିକୁ ଅପ୍‌ଲୋଡ୍ ହେବାର ତିନିଘଣ୍ଟା ଭିତରେ ହଟାଇବାକୁ ପଡ଼ିବ । ନଚେତ୍ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ସଂସ୍ଥା ବା ମଞ୍ଚ ଆଇନ ଅନୁଯାୟୀ ଦଣ୍ଡ ଭୋଗିବେ । ଗଣମାଧ୍ୟମ ସଂସ୍ଥାମାନେ ଭାରତ ସରକାରଙ୍କ ଏହି ଚରମ ଘୋଷଣାକୁ ପାଳନ କରିବାରେ କେତେ ଆନ୍ତରିକତା ପ୍ରଦର୍ଶନ କରିବେ ଏବଂ ଏହାର ପ୍ରଭାବ କ'ଣ ରହିବ ତାହା ସନ୍ଦେହରେ ।

ବିଭିନ୍ନ ରାଷ୍ଟ୍ର ସହିତ ତାଳ ଦେଇ ଭାରତ ଏବେ 'ଏଆଇ' ଡାଟାସେଣ୍ଟର ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଯୋଗାଇ ଦେଉଛି । ଏହାର ତତ୍କାଳ ପ୍ରଭାବ ଅଟୋମୋବାଇଲ୍ କ୍ଷେତ୍ରରେ ପଡ଼ିଥିବା ବେଳେ ପରୋକ୍ଷ ପ୍ରଭାବରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି । ଅଟୋମୋବାଇଲ ଶିଳ୍ପ ବା ଦୁଇ ଓ ଚାରିଚକିଆ ଯାନ ନିର୍ମାଣରେ କଞ୍ଚାମାଲ୍ ରୂପେ ବ୍ୟବହୃତ ଆଲୁମିନିୟମ୍ ଓ ତମ୍ବା ଏବେ 'ଏଆଇ' ଡାଟାସେଣ୍ଟର ନିର୍ମାଣରେ ବିନିଯୋଗ ହେଉଛି । ତେଣୁ ଏହିଭଳି ଧାତୁର ମୂଲ୍ୟ ବୃଦ୍ଧି ଘଟି ଯାନବାହନକୁ ମହଙ୍ଗା କରିଛି ।

'ଏଆଇ'ର କ୍ରମବିକାଶ ସହିତ ବୌଦ୍ଧିକ ବା ସୃଜନଶୀଳ କ୍ଷେତ୍ର ମଧ୍ୟ ଆଗାମୀ ଦିନରେ ପ୍ରଭାବିତ ହେବାର ଗୁରୁତର ଆଶଙ୍କା ସୃଷ୍ଟି ହୋଇଛି । ବିଶେଷକରି ସ୍ୱତ୍ୱାଧିକାର ମାମଲା ଆଗାମୀ ଦିନରେ ଆହୁରି ଜଟିଳ ହେବାକୁ ଯାଉଛି । ଏବେ 'ଏଆଇ' ଦ୍ୱାରା ବିକଶିତ ବିଭିନ୍ନ 'ଚାଟବଟ୍' ଅନୁରୋଧ ମାତ୍ରେ ନିମିଷକେ ମଧ୍ୟରେ ପ୍ରବନ୍ଧ, କବିତା, ଗପ, ଉପନ୍ୟାସମାନ ସୃଷ୍ଟି କରୁଛି । ଏଗୁଡ଼ିକୁ ପ୍ରଶ୍ନକାରୀମାନେ ନିଜ ନାମରେ ପ୍ରକାଶିତ କରିବାରେ ହେଳା କରୁନାହାନ୍ତି । 'ଏଆଇ' ବିକଶିତ ସୃଜନଶୀଳତାର ଏହି ପ୍ଲାବନ ପ୍ରକାଶକ ଓ ମୁଦ୍ରାକରମାନଙ୍କ ପାଇଁ ଏକ ବୋଝ ଓ ଦ୍ୱନ୍ଦ୍ୱ ସୃଷ୍ଟି କରିସାରିଲାଣି । ବିଶେଷକରି ଏଭଳି 'ଏଆଇ' ଜନ୍ମିତ ସୃଜନଶୀଳତା ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ସ୍ୱତ୍ୱାଧିକାର ଆଇନ ୧୯୫୭କୁ ନ୍ୟାୟିକ କାଠଗଡ଼ା ଭିତରକୁ ଟାଣି ନେବାର ପରିସ୍ଥିତି ସୃଷ୍ଟି ହେଲାଣି । ଗତ ଡିସେମ୍ବର ମାସରେ ସଂସଦର ଶୀତ ଅଧିବେଶନରେ କଂଗ୍ରେସ ସାଂସଦ ଶଶି ଥରୁରଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସରକାର ସୂଚନା ଦେଇଛନ୍ତି ଯେ ଏହି ଦ୍ୱନ୍ଦ୍ୱ ଦୂର ପାଇଁ ଶିଳ୍ପ ବିକାଶ ଓ ଆନ୍ତଃବାଣିଜ୍ୟ ବିଭାଗ ପକ୍ଷରୁ ଏକ ଆଠଜଣିଆ କମିଟି ଗଠନ ହୋଇଛି । କମିଟିର ରିପୋର୍ଟ ଆସିବା ପରେ ଯାଇ ଭାରତ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ହେବ ।

'ଚାଟବଟ୍' ଉତ୍ପନ୍ନ କରୁଥିବା ବିଷୟବସ୍ତୁମାନ ମୁଖ୍ୟତଃ ବିଭିନ୍ନ ପୁସ୍ତକ, ସନ୍ଦର୍ଭ, ସମୀକ୍ଷା, ରିପୋର୍ଟିଂ, ପ୍ରକାଶନ, ଚିତ୍ର, ସଂଗୀତ, ସ୍ତମ୍ଭ ଆଦିର ସୂଚନା ଆଧାରିତ, ଯାହାର ସ୍ୱତ୍ୱ ପୂର୍ବରୁ ସୁରକ୍ଷିତ ରହିଛି । ତେଣୁ ସ୍ୱତ୍ୱ ସୁରକ୍ଷିତ ବିଷୟବସ୍ତୁଗୁଡ଼ିକ 'ଏଆଇ' କିଭଳି ବ୍ୟବହାର କରିପାରିବ ତାହାକୁ ନେଇ ଆଇନଗତ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଏଥିପାଇଁ 'ଏଆଇ'କୁ ଯେଉଁ ଜଟିଳ ତାଲିମ୍‌ର ଆବଶ୍ୟକତା ରହିଛି ତାହା ଏ ପର୍ଯ୍ୟନ୍ତ ଆରମ୍ଭ ମଧ୍ୟ ହୋଇନାହିଁ । ତେଣୁ ଭାରତରେ ସ୍ୱତ୍ୱ-ସୁରକ୍ଷିତ କୌଣସି ସୃଜନ ହୁଏତ ବିଶ୍ୱର ଆଉ କେଉଁ କୋଣରେ ଆଉ କାହାର ନାମରେ ପ୍ରକାଶିତ ହୋଇଯିବ । ତାହା ଜାଣିବା ବେଳକୁ ଗୋଟିଏ ପିଢ଼ିର ସମୟ ଅତିକ୍ରାନ୍ତ ହୋଇସାରିଥିବ । ଆମ ଦେଶର ନ୍ୟାୟିକ ପ୍ରକ୍ରିୟାର ମନ୍ଥରତା ପୃଷ୍ଠଭୂମିରେ ମୌଳିକ ଲେଖକଟିଏ ନ୍ୟାୟ ପାଇବା ବେଳକୁ ହୁଏତ ଇହଧାମରେ ନଥିବ । ନିକଟରେ ଏଭଳି କେତେକ ମାମଲା ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ଦାୟର ମଧ୍ୟ ହୋଇଛି ।

ଏହି ପ୍ରସଙ୍ଗରେ ଏବେଠାରୁ ଆଇନ ବିଶାରଦମାନେ ଭିନ୍ନ ଭିନ୍ନ ମତ ପୋଷଣ କଲେଣି । ଆଇନଜ୍ଞଙ୍କ ଗୋଟିଏ ପକ୍ଷ 'ଚାଟବଟ୍'ର ଉତ୍ପାଦ ସ୍ୱତ୍ୱଚୋରି ସହିତ ସମାନ ବୋଲି ଯୁକ୍ତି କରୁଥିବା ବେଳେ ଅନ୍ୟପକ୍ଷର ଯୁକ୍ତି ହେଉଛି 'ଚାଟ୍‌ବଟ୍' କେବଳ ଏକ ମେସିନ୍ ଲର୍ଣ୍ଣିଂ ପ୍ରକ୍ରିୟା, ଯାହା ପଢ଼େ, ଦେଖେ ଓ କହେ । ତେଣୁ ପଢ଼ିବା, ଦେଖିବା, ଶିଖିବା ସ୍ୱତ୍ୱାଧିକାର ଆଇନ ଉଲ୍ଲଙ୍ଘନ ନୁହେଁ । ଆଗକୁ ଏଭଳି ଯୁକ୍ତିତର୍କର ଜୁଆରଭଟ୍ଟା ଆହୁରି ବଢ଼ିବ ଏବଂ ମୌଳିକ ସୃଜନର ନ୍ୟାୟ ଓ ନିଷ୍କର୍ଷ ବିଳମ୍ବିତ ହୋଇଚାଲିଥିବ । ଶୁଣାଯାଉଛି ଯେ ସରକାର 'ଏକ ଦେଶ-ଏକ ଲାଇସେନ୍ସ-ଏକ ଦେୟ' ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି, ଯାହାଦ୍ୱାରା କୁଆଡ଼େ ସ୍ୱତ୍ୱାଧିକାରୀ ଏକକାଳୀନ ରୟାଲ୍‌ଟି ପ୍ରାପ୍ୟ ସହିତ ନ୍ୟାୟ ପାଇପାରିବ!

ମୂଳକଥା ହେଲା ଏ ପର୍ଯ୍ୟନ୍ତ ଯେତେସବୁ ଆଇନ ପ୍ରଣୟନ ହୋଇଛି ସେସବୁ ମାନବିକ କାର୍ଯ୍ୟକଳାପ ଆଧାରିତ । ଏବେ ଯନ୍ତ୍ରଯୁଗରେ ସେହିସବୁ ଆଇନ ଦୁର୍ବଳ ହୋଇଯିବା ସ୍ୱାଭାବିକ । ତେଣୁ ଜାପାନ, ସିଙ୍ଗାପୁର ଆଦି ଦେଶ ଭଳି 'ଏଆଇ'-ଯୁଗୋପଯୋଗୀ ଆଇନ ପ୍ରଣୟନ ପାଇଁ ସରକାର ତତ୍ପର ହୁଅନ୍ତୁ କିମ୍ବା ଡିପ୍‌ଫେକ୍ ପାଇଁ କଟକଣା ଅନୁରୂପ 'ଏଆଇ'-ସୃଜନଚୋରି ପାଇଁ ମଧ୍ୟ ଦଣ୍ଡବିଧାନର ବ୍ୟବସ୍ଥା କରନ୍ତୁ । ●

ବିହନ ଉଦ୍ୟୋଗିତାରେ ଆଦିବାସୀଙ୍କ ଭୂମିକା

ଡ. ଅନ୍ତର୍ଜିତା ନାୟକ

ପରିବେଶଗତ ସମସ୍ୟା, ଜଳବାୟୁ ଅନିଶ୍ଚିତତା, ସମଜାତୀୟ କୃଷି ପ୍ରଣାଳୀର ପ୍ରସାର ଓ ବ୍ୟାପକ ଅସମାନତା ଭଳି ସମସାମୟିକ ସନ୍ଧିକାଳରେ ଖାଦ୍ୟ, ଜୀବିକାର ଭବିଷ୍ୟତ ଲାଗି ବିହନ ଉଦ୍ୟୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ବିହନ ଉଦ୍ୟୋଗିତା କହିଲେ ବିହନ ସଂରକ୍ଷଣ, ବିକାଶ, ବିନିମୟ ଓ ବ୍ୟବସାୟୀକରଣକୁ ଗୋଷ୍ଠୀଭିତ୍ତିକ ଭାବେ ପରିଚାଳନା କରିବାର ସମନ୍ୱିତ ପ୍ରକ୍ରିୟାକୁ ବୁଝାଏ । ଏହି ପୃଷ୍ଠଭୂମିରେ ଆଦିବାସୀ ସମ୍ପ୍ରଦାୟର ପରିବେଶଗତ ଅଭିଜ୍ଞତା, ସାଂସ୍କୃତିକ ଓ ସ୍ୱଦେଶୀ ଜ୍ଞାନର ଆବଶ୍ୟକତା ବହୁ ଅଧିକ । ଆଦିବାସୀମାନଙ୍କ ପାଖରେ ସ୍ଥାୟୀ କୃଷି ସମ୍ବନ୍ଧୀୟ ଶହ ଶହ ବର୍ଷର ପାରମ୍ପରିକ ଜ୍ଞାନ ରହିଛି । ସେମାନେ ବିଭିନ୍ନ ପ୍ରକାରର ବିହନ ସଂଗ୍ରହ କରି ସେଗୁଡ଼ିକର ଶୁଦ୍ଧତା ଓ ଗୁଣବତ୍ତା ବଜାୟ ରଖନ୍ତି । ବିଶେଷକରି ଆଦିବାସୀ ମହିଳାମାନେ ଏ କ୍ଷେତ୍ରରେ ବେଶ୍ ପାରଙ୍ଗମ । ବର୍ତ୍ତମାନ ସେମାନେ ବୃହତ୍ତର କଲ୍ୟାଣ ପାଇଁ ବିହନ ଭଣ୍ଡାର(ସିଡ୍ ବ୍ୟାଙ୍କ) ମାଧ୍ୟମରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି । ସେମାନଙ୍କ ମତରେ ଦେଶୀ ବିହନ ଗଛକୁ କୀଟପତଙ୍ଗ ଏବଂ ରୋଗ ସହନଶୀଳ କରିଥାଏ, ଚାଷ ଖର୍ଚ୍ଚକୁ କମ୍ କରି ଲାଭକୁ ଅଧିକ କରିଥାଏ, ଉତ୍ପାଦକର ଗୁଣବତ୍ତା ଉପରେ କୃଷକମାନଙ୍କର ନିୟନ୍ତ୍ରଣ ରହିଥାଏ ଏବଂ ନିଜ ବିହନ ଦ୍ୱାରା ଫସଲ ଉତ୍ପାଦନ କରିବାରେ ଅପାର ସନ୍ତୋଷ ମିଳିଥାଏ ।

ବାସ୍ତବରେ, ବଛା ବଛା ଦେଶୀ ବିହନ, ହାଇବ୍ରିଡ୍ ବିହନ ତୁଳନାରେ ବିନା ରାସାୟନିକ ଦ୍ରବ୍ୟ ବ୍ୟବହାରରେ ଭଲ ପ୍ରଦର୍ଶନ କରିଥାଏ, ଯାହା ଆମକୁ ଜଳବାୟୁ ସଙ୍କଟରୁ ରକ୍ଷା କରିବାରେ ସାହାଯ୍ୟ କରିପାରିବ । ଆଦିବାସୀ ସମାଜରେ ଏହି ପ୍ରକାର ଉଦ୍ୟମିତା ଦୀର୍ଘଦିନ ଧରି ଚାଲିଆସୁଥିବା ବିହନ ପରିଚାଳନା, ସଂରକ୍ଷଣ ଓ ସଂଘୀୟ ବଣ୍ଟନର ପାରମ୍ପରିକ ପ୍ରଥାମାନଙ୍କର ଏକ ସଂସ୍ଥାଗତ ପୁନଃ-ପ୍ରତିପାଦନ, ଯାହା ବର୍ତ୍ତମାନ ସମସାମୟିକ ଅର୍ଥନୈତିକ ଢାଞ୍ଚା ସହ ସଂଯୁକ୍ତ ହୋଇ ନୂତନ ପ୍ରସଙ୍ଗ ପାଲଟିଛି । ଆଜି କୃଷି ବ୍ୟବସ୍ଥା ଅଭୂତପୂର୍ବ ଉତ୍ପାଦକତା ସାଧନ କରିଛି ସତ, ହେଲେ ସେହି ସଫଳତା ଜୈବ ବିବିଧତାର ହ୍ରାସ, କୃଷକ ଋଣବନ୍ଧନ ଏବଂ ପରିବେଶଗତ ଅସ୍ଥିରତାର ମୂଲ୍ୟରେ ହାସଲ ହୋଇଛି । ଖାଦ୍ୟ ଓ କୃଷି ସଂଗଠନ ଅନୁସାରେ, ବିଂଶଶତାବ୍ଦୀର ଆରମ୍ଭରୁ ପ୍ରାୟ ୭୫ପ୍ରତିଶତ ଫସଲର ଆନୁବଂଶିକ ବିବିଧତା ନଷ୍ଟ ହୋଇଛି, ଯାହାର ମୁଖ୍ୟ କାରଣ ହେଉଛି ସମାନରୂପୀ ବାଣିଜ୍ୟିକ ଫସଲ କିସମର ଅତ୍ୟଧିକ ପ୍ରାଧାନ୍ୟ । ସେଇ ପରିପ୍ରେକ୍ଷୀରେ, ଆର୍ଥିକ ଓ ପରିବେଶଗତ ନିର୍ଭରଶୀଳତାର ପ୍ରତିକାର ଭାବେ ବିହନ ଉଦ୍ୟୋଗିତାର ଆବଶ୍ୟକତା ଅପରିହାର୍ଯ୍ୟ ।

ଏହା ମାଧ୍ୟମରେ ଆଦିବାସୀ ସମ୍ପ୍ରଦାୟ ବିହନ ସଂରକ୍ଷଣ, ବିକ୍ରୟ ଓ ବ୍ୟବହାର ଉପରେ ନିୟନ୍ତ୍ରଣ ସ୍ଥାପନ କରିପାରିବେ । ଆର୍ଥିକ ଦୃଷ୍ଟିକୋଣରୁ, ବିହନ ଉଦ୍ୟୋଗିତା, ଆଦିବାସୀ କୃଷକମାନଙ୍କୁ ନିଷ୍କ୍ରିୟ ପ୍ରାପ୍ତକର୍ତ୍ତା ଭୂମିକାରୁ ମୂଲ୍ୟସୃଷ୍ଟିର ସକ୍ରିୟ ଉତ୍ପାଦକ ଓ ନିଷ୍ପତ୍ତିକାରୀ ଭାବେ ରୂପାନ୍ତରିତ କରିବ । ମଧ୍ୟପ୍ରଦେଶ, ଓଡ଼ିଶା, ଛତିଶଗଡ଼ ଓ ରାଜସ୍ଥାନର ବିଭିନ୍ନ ଆଦିବାସୀ ଜିଲ୍ଲାରୁ ମିଳୁଥିବା ପ୍ରମାଣ ସ୍ପଷ୍ଟ କରେ ଯେ, ଗୋଷ୍ଠୀପରିଚାଳିତ ବିହନ ଉଦ୍ୟୋଗଗୁଡ଼ିକ କୃଷି ଉତ୍ପାଦନକୁ ସ୍ଥିର କରିବା ସହ ଘରୋଇ ଆୟରେ ଦୃଶ୍ୟମାନ ଓ ସ୍ଥାୟୀ ବୃଦ୍ଧି ଆଣିଥାଏ । ଭାରତୀୟ କୃଷି ଗବେଷଣା ପରିଷଦ ଓ ବିଭିନ୍ନ ରାଜ୍ୟ ଜୀବିକା ମିଶନମାନଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନ ଦର୍ଶାଉଛି ଯେ କେବଳ ଶସ୍ୟ ଉତ୍ପାଦନରେ ନିର୍ଭର କରୁଥିବା କୃଷକଙ୍କ ସହ ତୁଳନା କଲେ ବିହନ ଉତ୍ପାଦନରେ ନିୟୋଜିତ ଆଦିବାସୀ ବିହନ ଉତ୍ପାଦକମାନେ ହେକ୍ଟର ପ୍ରତି ୨୦୪୦ ପ୍ରତିଶତ ପର୍ଯ୍ୟନ୍ତ ଅଧିକ ଆୟ କରୁଛନ୍ତି । ଏହାଫଳରେ କୃଷି ଉନ୍ନୟନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମାନବ ମୂଲ୍ୟାଧାରିତ କ୍ଷେତ୍ରଗୁଡ଼ିକରେ ପୁନଃବିନିଯୋଗ ସମ୍ଭବ ହେଉଛି । ଏହି ଆର୍ଥିକ ପ୍ରଭାବ କେବଳ ବୃଦ୍ଧିପ୍ରାପ୍ତ ଆୟରେ ସୀମିତ ନୁହେଁ; ଏହାର ଗଭୀର ପ୍ରଭାବ ରହିଛି ଋଣ ନିର୍ଭରଶୀଳତା ହ୍ରାସ ଏବଂ ଅସ୍ଥିର ଓ ଅନିଶ୍ଚିତ ବିହନ ବଜାରରୁ ଆଦିବାସୀ କୃଷକମାନଙ୍କ ସୁରକ୍ଷା । ବିହନ ଉଦ୍ୟୋଗିତାର ସାମାଜିକ ଗୁରୁତ୍ୱ ଆର୍ଥିକ ପ୍ରଭାବ ପରି ସମାନ ଭାବେ ଗଭୀର ଓ ଦୀର୍ଘସ୍ଥାୟୀ ।

ଆଦିବାସୀମାନଙ୍କ ଦ୍ୱାରା ପରିଚାଳିତ ବିହନ ଉଦ୍ୟୋଗଗୁଡ଼ିକ ସାଧାରଣତଃ ସାମୂହିକ ସ୍ୱୟଂସହାୟକ ଗୋଷ୍ଠୀ, ସମବାୟ ସମିତି, ବିହନ ସମିତି କିମ୍ବା କୃଷକ ଉତ୍ପାଦକ ସଂଗଠନ ଆକାରରେ ସଂଗଠିତ । ଏପରି ସଂସ୍ଥାଗୁଡ଼ିକ ସାମାଜିକ ପୁଞ୍ଜିକୁ ସୁଦୃଢ଼ କରିଥା'ନ୍ତି । ସହଯୋଗ ଓ ପାରସ୍ପରିକ ଭରସାର ମାନଦଣ୍ଡକୁ ପୁନର୍ଜୀବିତ କରିଥା'ନ୍ତି । ବିଶେଷକରି ମହିଳାମାନଙ୍କ ପାଇଁ ନୂତନ ନେତୃତ୍ୱ ଓ ସାର୍ବଜନୀନ ଭୂମିକାର ଅବସର ସୃଷ୍ଟି କରିଥା'ନ୍ତି । ଅନେକ ଆଦିବାସୀ ଅଞ୍ଚଳରେ ମହିଳାମାନେ ବିହନ ବ୍ୟାଙ୍କର ରକ୍ଷକ, ଗୁଣବତ୍ତା ନିୟନ୍ତ୍ରକ ଓ ବଜାର ଆଲୋଚକ ଭାବେ ଉଭା ହୋଇଛନ୍ତି । ଏହି ପରିବର୍ତ୍ତନ ଆନ୍ତଃ-ଘରୋଇ କ୍ଷମତା ସମ୍ପର୍କକୁ ପୁନଃରଚନା କରିଛି ଏବଂ ସ୍ଥାନୀୟ ଶାସନ ଓ ସାମୂହିକ ନିଷ୍ପତ୍ତି ପ୍ରକ୍ରିୟାରେ ମହିଳାମାନଙ୍କର ଦୃଶ୍ୟମାନତାକୁ ମଜବୁତ କରିଛି । ଏହି ଅର୍ଥରେ ବିହନ ଉଦ୍ୟୋଗିତା ଏକ ସାମାଜିକ ପରୀକ୍ଷାଗାରରେ ପରିଣତ ହୋଇଛି ।

ସାଂସ୍କୃତିକ ଦୃଷ୍ଟିକୋଣରୁ ବିହନ ଉଦ୍ୟୋଗିତା ଏକ ଗଭୀର ପୁନରୁଦ୍ଧାରମୂଳକ ଭୂମିକା ନିର୍ବାହ କରେ । ଆଦିବାସୀ ସମାଜ ପାଇଁ ବିହନ କେବଳ ଏକ ନିଷ୍କ୍ରିୟ କୃଷି ନିବେଶ ନୁହେଁ, ବରଂ ଏହା ସ୍ମୃତି, ରୀତିନୀତି, ସ୍ୱାଦ, ପରିଚୟ ଓ ପରିବେଶଗତ ଜ୍ଞାନର ବାହକ । ଯେତେବେଳେ ଆଦିବାସୀ ସମ୍ପ୍ରଦାୟ ଉଦ୍ୟୋଗୀ ସମ୍ପତ୍ତି ଭାବେ ବିହନକୁ ପୁନରୁଦ୍ ଧାର କରନ୍ତି ସେମାନେ କେବଳ ଜୀବିକା ଉପରେ ନିୟନ୍ତ୍ରଣ ନୁହେଁ, ବରଂ ଆଦିବାସୀ ଜ୍ଞାନ, ନବସୃଜନ ଓ ଜ୍ଞାନକୁ ମଧ୍ୟ ପୁନଃଦାବି କରନ୍ତି । ଆଦିବାସୀ ଉତ୍ସବ, ଖାଦ୍ୟ ଅଭ୍ୟାସ, ଫସଲ ଢାଞ୍ଚା ଓ ମୌଖିକ ଇତିହାସ ସ୍ୱଦେଶୀ କିସମମାନଙ୍କ ସାଂସ୍କୃତିକ ନିରନ୍ତରତାକୁ ଦୃଢ଼ କରେ । ଏହିପରି ବିହନ ଉଦ୍ୟୋଗିତା ଆର୍ଥିକ ପ୍ରାସଙ୍ଗିକତା ଓ ଜୀବନ୍ତ ପ୍ରୟୋଗ ମାଧ୍ୟମରେ ସାଂସ୍କୃତିକ ବିଲୋପ ପ୍ରତି ଏକ ସକ୍ରିୟ ପ୍ରତିରୋଧ ଭାବରେ ଉଭା ।

ଜଳବାୟୁ ପରିବର୍ତ୍ତନର ଏହି ସଂକଟମୟ ଯୁଗରେ ଆଦିବାସୀ ବିହନ ଉଦ୍ୟୋଗିତାର ପରିବେଶଗତ ପ୍ରଭାବ ସମ୍ଭବତଃ ସବୁଠାରୁ ଗଭୀର ଓ ଦୀର୍ଘସ୍ଥାୟୀ । କୃଷିପରିବେଶ ଅଧ୍ୟୟନ କ୍ରମାଗତ ଭାବେ ଦର୍ଶାଉଛି ଯେ ସ୍ଥାନୀୟ ବିହନ ଉପରେ ଆଧାରିତ ବିବିଧ ଫସଲ ପ୍ରଣାଳୀ ମୃତ୍ତିକାର ଜୈବିକ ପଦାର୍ଥକୁ ବୃଦ୍ଧି କରେ, ରାସାୟନିକ ନିବେଶର ନିର୍ଭରଶୀଳତାକୁ ହ୍ରାସ କରେ ଏବଂ ଜଳବାୟୁ ଚାପ ସ୍ଥିତିରେ ଉତ୍ପାଦନକୁ ଅଧିକ ସ୍ଥିର କରେ । ଆଦିବାସୀ ଅଞ୍ଚଳଗୁଡ଼ିକରେ, ଯେଉଁଠାରେ ଚାଷ ପ୍ରଣାଳୀ ଜଙ୍ଗଲ ଓ ପ୍ରାକୃତିକ ପରିସ୍ଥିତିତନ୍ତ୍ର ସହ ଗଭୀର ଭାବେ ସଂପୃକ୍ତ, ବିହନ ଉଦ୍ୟୋଗିତା ପ୍ରାକୃତିକ ଦୃଶ୍ୟସ୍ତରୀୟ ସ୍ଥାୟିତ୍ୱକୁ ମଜବୁତ କରିଥାଏ । ଏହି ଉଦ୍ୟମଗୁଡ଼ିକ ଅଧିକ ବ୍ୟୟକ୍ଷମ, ପରିବେଶଅନୁକୂଳ ଏବଂ ସ୍ଥାନୀୟ ପରିସ୍ଥିତି ସହ ସମନ୍ୱୟଶୀଳ । ବିହନ ଉଦ୍ୟୋଗିତା ସ୍ପଷ୍ଟ କରେ ଯେ ଆଦିବାସୀ ଅର୍ଥନୀତି ନିଜ ମୂଳକୁ ଗଭୀର ଭାବେ ଧାରଣ କରି ଅଭିନବ, ନୈତିକ ଓ ଉଦ୍ୟମମୁଖୀ ହୋଇପାରେ ।

ବିପୁଳ ସମ୍ଭାବନା ସତ୍ତ୍ୱେ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବିହନ ଉଦ୍ୟୋଗିତା ବାଧାବିହୀନ ନୁହେଁ । ଅପର୍ଯ୍ୟାପ୍ତ ସଂରକ୍ଷଣ (ଷ୍ଟୋରେଜ୍) ସୁବିଧା, ସୀମିତ ପ୍ରାମାଣିକ ସମର୍ଥନ, ଦୁର୍ବଳ ପରିବହନ ସଂଯୋଗ ଓ ଅର୍ଥସାଧନରେ ସୀମିତ ପ୍ରବେଶ ଆଦି ପ୍ରାୟତଃ ଏହି ଉଦ୍ୟମଗୁଡ଼ିକର ବିସ୍ତାରକୁ ଅବରୋଧ କରୁଛି । ଯଦିଓ ନୀତିଗତ ଢାଞ୍ଚାଗୁଡ଼ିକ ଏହି ଉଦ୍ଦେଶ୍ୟଗୁଡ଼ିକୁ ସମର୍ଥନ କରେ, ସେଗୁଡ଼ିକ ପ୍ରାୟ ସମୟରେ ସ୍ଥାନୀୟ ନିର୍ଦ୍ଦିଷ୍ଟ ବିବିଧତା ଉପରେ ଗୁରୁତ୍ୱ ଦେବା ପରିବର୍ତ୍ତେ ମାନକୀକରଣ ଓ ଉତ୍ପାଦକତାକୁ ପ୍ରାଥମିକତା ଦେଇଥାଏ । ପରିଣାମ ସ୍ୱରୂପ, ଆଦିବାସୀ ବିହନ ପ୍ରଣାଳୀର ଜୈବିକ, ସାଂସ୍କୃତିକ ଓ ପରିସ୍ଥିତିଗତ ସ୍ୱତନ୍ତ୍ରତା ନୀତି ରୂପାୟନରେ ଅଦୃଶ୍ୟ ହୋଇଯାଏ । ତେଣୁ ଆଦିବାସୀ ସନ୍ଦର୍ଭରେ ଉଦ୍ୟଗିତା, ବିଜ୍ଞାନ ଓ ବିକାଶକୁ କିପରି ଧାରଣା କରାଯାଏ ତାହା ବୁଝିବାର ଆବଶ୍ୟକତା ରହୁଛି । ପରିଶେଷରେ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବିହନ ଉଦ୍ୟଗିତା ଅର୍ଥନୀତି, ପରିବେଶ ଓ ସଂସ୍କୃତିର ଏକ ଅର୍ଥପୂର୍ଣ୍ଣ ସମ୍ମିଳନକୁ ପ୍ରତିନିଧିତ୍ୱ କରେ, ଯାହା ବର୍ତ୍ତମାନ ସମୟର ଜଟିଳ ଆହ୍ୱାନଗୁଡ଼ିକ ପାଇଁ ଅନନ୍ୟ ଭାବେ ଉପଯୁକ୍ତ । ଯେହେତୁ ଜଳବାୟୁ ବିପଦ ତୀବ୍ର ହେଉଛି ଏବଂ ବିଶ୍ୱ ଖାଦ୍ୟ ପ୍ରଣାଳୀ ଗଭୀର ଚାପର ସମ୍ମୁଖୀନ କରୁଛି, ଭବିଷ୍ୟତ ବିକାଶ ଏହିପରି ମୂଳଭିତ୍ତିକ, ସମୁଦାୟ ନେତୃତ୍ୱାଧୀନ ଢାଞ୍ଚା ଉପରେ ଅଧିକ ଭରସା କରିପାରେ । ବିହନର ପ

ସାଇବର ଠକେଇ ନିୟନ୍ତ୍ରଣରେ ପୁଲିସ ବିଫଳ

୩ ବର୍ଷରେ ୧୪୪୨ କୋଟି ଲୁଟିଛନ୍ତି ଅଦୃଶ୍ୟ ଠକ

- ୨୦୨୩-୨୪ ସର୍ବାଧିକ ୧୧୫୫କୋଟି ଲୁଟ୍
- ମାତ୍ର ୧.୬୬% ଅର୍ଥ ଭରଣା କରିଛି ଓଡ଼ିଶା ପୁଲିସ

ଭୁବନେଶ୍ୱର, ୧୦।୨(ସମିସ): ଓଡ଼ିଶାରେ ସାଇବର ଠକେଇ ଉପରମୁହାଁ। ଠକଙ୍କୁ ଧରିବାରେ ଓଡ଼ିଶା ପୁଲିସ୍ ଆଶାନୁରୂପ ସଫଳତା ପାଉନାହିଁ। କାଁ ଭାଁ ଅପରାଧୀଙ୍କୁ ଧରୁଥିଲେ ମଧ୍ୟ ସେମାନଙ୍କ ପାଖରୁ ଠକେଇ ଅର୍ଥ ଭରଣା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଗତ ୩ ବର୍ଷରେ ସାଇବର ଠକମାନେ ୧୪୪୨ କୋଟି ଟଙ୍କା ଲୁଟି ନେଇଥିବାବେଳେ ପୁଲିସ ମାତ୍ର ୨୪ କୋଟି ଟଙ୍କା ଭରଣା କରିପାରିଛି। ଅର୍ଥାତ୍ ମୋଟ୍ ଠକେଇ ଅର୍ଥର ମାତ୍ର ୧.୬୬% ଅର୍ଥ ଭରଣା ହୋଇଛି। ରାଜ୍ୟରେ ସାଇବର ଠକେଇ ବଢୁଥିବାବେଳେ ଏହାକୁ ରୋକିବାରେ ସରକାର ବିଫଳ ହୋଇଥିବା ଖୋଦ୍ କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତି । ରାଜ୍ୟସଭାରେ ଓଡ଼ିଶାରେ ସାଇବର ଅପରାଧ ଓ ଠକେଇ ସମ୍ପର୍କିତ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ ରାଷ୍ଟ୍ର ବିତ୍ତ ମନ୍ତ୍ରୀ ପଙ୍କଜ ଚୌଧୁରୀ ରଖିଥିବା ଉତ୍ତର ଓଡ଼ିଶା ପୁଲିସର ଦକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଆଙ୍କିଛି ।

କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶାରେ ମୋଟ୍ ୧୫୯୪ଟି ସାଇବର ଠକେଇ ହୋଇଛି। ପ୍ରାୟ ୨୫୫ କୋଟିରୁ ଅଧିକ ଟଙ୍କା ସାଇବର ଲୁଟେରାମାନେ ଲୁଟି ନେଇଥିବାବେଳେ ମାତ୍ର ୧୦ କୋଟି ଟଙ୍କା ଭରଣା ହୋଇ ପାରିଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ପୂର୍ବବର୍ଷ ଅପେକ୍ଷା ପ୍ରାୟ ଦୁଇଗୁଣ ଏବଂ ସର୍ବାଧିକ ସାଇବର ଠକେଇ ରୋକର୍ଡ ହୋଇଛି। ମୋଟ୍ ୧୧୫୫ କୋଟି ଟଙ୍କା ଲୁଟି ସମ୍ପର୍କରେ ୨୩୬୩ଟି ମାମଲା ରୁଜୁ ହୋଇଛି। ତନ୍ମଧ୍ୟରୁ ମାତ୍ର ସାଢ଼େ ୪ କୋଟି ଟଙ୍କା ଅର୍ଥାତ୍ ୦.୩% ଅର୍ଥ ଫେରାଇ ଆଣିବାକୁ ପୁଲିସ ସମର୍ଥ ହୋଇଛି। ଅନୁରୂପ ଭାବେ ୨୦୨୪-୨୫ ରେ ୯୧୯ଟି ମାମଲାରେ ସାଢ଼େ ୩୧ କୋଟି ଟଙ୍କା ଠକେଇ ହୋଇଥିବାବେଳେ ପ୍ରାୟ ୯ କୋଟି ଟଙ୍କା ଫେରାଇ ଅଣାଯାଇ ପାରିଛି। ଏହି ତିନି ବର୍ଷରେ ମୋଟ୍ ୧୪୪୨ କୋଟି ଟଙ୍କା ସାଇବର ଠକେଇ ହୋଇଥିବା ସଂକ୍ରାନ୍ତରେ ୪୮୭୬ଟି ମାମଲା ରୁଜୁ ହୋଇଥିବାବେଳେ ମାତ୍ର ୨୪ କୋଟି ଟଙ୍କା ଭରଣା କରାଯାଇ ପାରିଛି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି ।

ପୁଲିସ ବିଭାଗର କନେଷ୍ଟବଳ ଠାରୁ ଆରମ୍ଭ କରି ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ବିଭିନ୍ନ ସମୟରେ ସାଇବର ତାଲିମ୍ ଦିଆଯାଉଛି। ସାଇବର ଠକେଇରେ କିପରି ରୋକ୍ ଲାଗିବ ସେନେଇ ମଧ୍ୟ ଓଡ଼ିଶା ପୁଲିସ ରଣକୌଶଳ ପ୍ରସ୍ତୁତ କରିବା ସହ ସଚେତନତା ମଧ୍ୟ କରୁଛି। ହେଲେ ସାଇବର ଠକଙ୍କ ଗୋଟି ଚାଳନା ଆଗରେ ସେସବୁ ଏକପ୍ରକାର ଫେଲ୍ ହୋଇଯାଉଛି। ଗତ ତିନି ବର୍ଷର ତଥ୍ୟକୁ ଯଦି ହିସାବକୁ ନିଆଯାଏ, ତେବେ ପ୍ରତିଦିନ ହାରାହାରି ୧.୩୩ କୋଟି ଓ ମାସକୁ ୪୦ କୋଟି ଟଙ୍କା ଅଦୃଶ୍ୟ ଠକ ଲୁଟୁଛନ୍ତି। କେତୋଟି ହାତ ଗଣତି ମାମଲାରେ ପୁଲିସ ସାଇବର ଠକଙ୍କୁ ଧରିବାରେ ସକ୍ଷମ ହେଉଥିବା ବେଳେ ଅନ୍ୟ ମାମଲାରେ ସଫଳତା ହାର ଏକଦମ୍ ନଗଣ୍ୟ ରହିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୩ ଘଣ୍ଟାରେ...

ଆର୍ଟିଫିସିଆଲ କଣ୍ଟେଣ୍ଟର ସୃଷ୍ଟି କିମ୍ବା ସେୟାରିଂକୁ ସହଜ କରୁଥିବା ପ୍ଲାଟଫର୍ମଗୁଡ଼ିକୁ ନିଶ୍ଚିତ କରିବା ଆବଶ୍ୟକ ଯେ ଏପରି ବିଷୟବସ୍ତୁ ସ୍ପଷ୍ଟ ଏବଂ ପ୍ରମୁଖ ଭାବରେ ଲେବଲ୍ ହୋଇଛି। ଯେଉଁଠାରେ ବୈଷୟିକ ଭାବରେ ସମ୍ଭବ, ଏହାକୁ ସ୍ଥାୟୀ ମେଟାଡାଟା କିମ୍ବା ଚିହ୍ନଟକାରୀ ସହିତ ଜଡିତ କରାଯିବା ଉଚିତ। ବିଜ୍ଞପ୍ତିରେ ଏହା ମଧ୍ୟ କୁହାଯାଇଛି ଯେ ଥରେ ଏଆଇ ଲେବଲ୍ ଲାଗିବା ପରେ ପ୍ଲାଟଫର୍ମଗୁଡ଼ିକ ତାହାକୁ ଲୁଚାଇପାରିବେ ନାହିଁକିମ୍ବା ହଟାଇ ପାରିବେନାହିଁ।

ଜଳୁଛି ମଣିପୁର...

କୁକି ସମ୍ପ୍ରଦାୟର ଲୋକେ ରହୁଛନ୍ତି। ଏହାର ଆଖପାଖ ଅଞ୍ଚଳ ବ୍ୟାବସାୟିକ କେନ୍ଦ୍ର ଭାବେ କାର୍ଯ୍ୟ କରିଥାଏ। ସୁରକ୍ଷା ଏବଂ ସମନ୍ୱୟ ପାଇଁ ଲିତାନ ଥାନାରେ ଯୁଗ୍ମ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା କରାଯାଇଛି। ସ୍ଥିତି ଉପରେ ନଜର ରଖାଯାଇଛି। ସମ୍ବେଦନଶୀଳ ଏବଂ ସୀମାରେ ତଲାସୀ ଅଭିଯାନ ଜାରି ରହିଛି। ଏବେ ରାଜ୍ୟର ଅଲଗା ଅଲଗା ଭାଗରେ ୧୧୫ ନାକା ଏବଂ ଚେକପୋଷ୍ଟ ଲାଗିଛି। ଅନ୍ୟପଟେ ମଣିପୁର ଉପମୁଖ୍ୟମନ୍ତ୍ରୀ ତଥା ନାଗାନ ନେତା ଲାସୋ ଦିଖୋ ରବିବାରଠାରୁ ଅଶାନ୍ତ ଅଞ୍ଚଳରେ ଡେରା ପକାଇଛନ୍ତି। ସେ ଶାନ୍ତି ବଜାୟ ରଖିବା ପାଇଁ ଏବଂ ଗୁଜବ ଉପରେ ଭରସା ନ କରିବାକୁ ଲୋକଙ୍କୁ ନିବେଦନ କରିଛନ୍ତି।

ପିୟୁସିସି ପାଇଁ...

ଅଦାଲତଙ୍କ ବିଭିନ୍ନ ରାୟକୁ ଦୃଷ୍ଟାନ୍ତ ଭାବେ ନେଇ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ସମସ୍ତ ବିଷୟକୁ ତର୍ଜମା କରିବା ପରେ ହାଇକୋର୍ଟ ମୋଟରଯାନ ନିୟମ ଆଧାରରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଫଳରେ ୯୦ ଦିନରୁ ଊର୍ଦ୍ଧ୍ୱ ଧରି ଚାଲାଣ ବକେୟା ଥିଲେ ମୋଟରଯାନର ପ୍ରଦୂଷଣ ଯାଞ୍ଚ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ହୋଇଛି। ସେହିଭଳି ପିୟୁସିସି ନ ଥିଲେ, ପେଟ୍ରୋଲ ମନା ସମ୍ପର୍କିତ ପରିବହନ ବିଭାଗର ନିଷ୍ପତ୍ତି ପ୍ରତ୍ୟାହାର କରାଯାଇଛି ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ହାଇକୋର୍ଟଙ୍କୁ ପୂର୍ବରୁ ଅବଗତ କରାଯାଇଛି।

ମାମଲାରୁ ପ୍ରକାଶ ଯେ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇ ବୈଧ ପିୟୁସି ପ୍ରମାଣପତ୍ର ନଥିଲେ ପେଟ୍ରୋଲ ନଦେବା ପାଇଁ ତୈଳ କମ୍ପାନୀ ଗୁଡିକୁ ଗତ ୨୦୨୫ଡିସେମ୍ବର୍‌୨୦ରେ କରାଯାଇଥିବା ଚିଠି ବେଆଇନ। ସେହିଭଳି ଗାଡ଼ିଗୁଡ଼ିକର ବକେୟା ଚାଲାଣ ପଇଠ କରାନଗଲେ ପିୟୁସି ପ୍ରମାଣପତ୍ର ପ୍ରଦାନ କରାନଯିବା ଦ୍ୱାରା ଗାଡ଼ି ମାଲିକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ କରି ଆବେଦନକାରୀ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହି ମାମଲାର ଅନ୍ତ ପରେ ପିୟୁସିସି କରିବା ପୂର୍ବରୁ ୯୦ଦିନରୁ ପୁରୁଣା ଚାଲାଣ ପଇଠ କରିବା ବାଧ୍ୟତାମୂଳକ ବୋଲି ଆଜି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏକ୍ସରେ ସୂଚନା ଦେଇଛନ୍ତି।

୨୫୦ ନୂଆ...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃଢ଼ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତାର ପଦକ୍ଷେପ ନିଆଯାଉଛି। ରାଜ୍ୟର ସବୁ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି। ଏହା ବ୍ୟତୀତ ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସର ସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

ମଣ୍ଡିରୁ ଉଠୁନି...

ମିଲରମାନେ ସଠିକ ସମୟରେ ଗାଡ଼ି ପଠାଉ ନଥିବାରୁ ଚାଷୀମାନେ ଉକ୍ତ ଦିନ ସକାଳଠାରୁ ରାତି ପର୍ଯ୍ୟନ୍ତ ଅଖିଆଅପିଆ ବସି ରହୁଛନ୍ତି। ଏହାଛଡ଼ା ମିଲରମାନେ ୮ରୁ ୯କେଜି ଧାନ କାଟୁଛନ୍ତି। ଏହାକୁ ନେଇ ଆଜି ଉକ୍ତ ସମବାୟ ସମିତିର ପଞ୍ଜିକୃତ ଚାଷୀମାନେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀମତୀ ନାୟକଙ୍କୁ ସାକ୍ଷାତ କରିବାକୁ ଆସିଥିଲେ। ଆଲୋଚନା ସମୟରେ ଯୋଗାଣ ଅଧିକାରୀ କୌଣସି କଥାରେ ରାଗି ଯାଇ ଚାଷୀମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ଚାଷୀମାନେ ବିରକ୍ତି ଭାବ ପ୍ରକାଶ କରିବା ସହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଚାଷୀଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଥିଲେ।

ଏନେଇ ରଣସାହି ସରପଞ୍ଚ ତଥା ରଣସାହି ସେବା ସମବାୟ ସମିତିର ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା କହିଛନ୍ତି ଯେ ଚାଷୀମାନଙ୍କର ଏଭଳି ସମସ୍ୟାକୁ ନେଇ ଆଜି ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା ହେଉଥିଲା। ଏହି ସମୟରେ ଯୋଗାଣ ଅଧିକାରୀ ଆଲୋଚନା କରିବା ସମୟରେ ଚାଷୀମାନଙ୍କୁ ଅସଦ୍ ବ୍ୟବହାର କରିଥିଲେ। ଏଣୁ, ଏହାକୁ ନେଇ ଚାଷୀମାନେ ଉତ୍ତ୍ୟକ୍ତ ହେବା ସହ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ପାଟିତୁଣ୍ଡ କରିଥିଲେ। ଏହାଛଡ଼ା ଅଧିକାରୀ ଚାଷୀମାନଙ୍କୁ ତୁରନ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଥିଲେ।

ଅନ୍ୟପଟେ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀମତୀ ନାୟକ ଚାଷୀମାନଙ୍କୁ କୌଣସି ଦୁର୍ବ୍ୟବହାର କରିନଥିବା କହିଛନ୍ତି। ମଣ୍ଡିରୁ ଧାନ କିଣିବା ପାଇଁ ଯେଉଁ ମିଲରମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା ତାହା ସେମାନେ ଠିକ ଭାବେ ଆସୁନଥିବା ଅଭିଯୋଗ ଉପରେ ମିଲରଙ୍କୁ ଧାନ ନେବା ପାଇଁ କହିଥିବା ସେ ଉଲ୍ଲେଖ କରିଛନ୍ତି। ମଣ୍ଡିର ସମସ୍ୟା ଆସନ୍ତା ତିନିଦିନ ମଧ୍ୟରେ ସମାଧାନ ହେବ ବୋଲି କହି କୋର୍ଟ ଯିବା ବାହାନାରେ ଅଫିସ୍ ଛାଡ଼ି ପଳାଇ ଯାଇଥିଲେ।

କାଠ ସଂଗ୍ରହ ବେଳେ...

ଆଗୁଆ ସୂଚନା ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଉଭୟ ମଣିଷ ଏବଂ ବନ୍ୟଜନ୍ତୁଙ୍କ ଜୀବନ ରକ୍ଷା ପାଇଁ ଦୀର୍ଘସ୍ଥାୟୀ ପଦକ୍ଷେପ ଗ୍ରହଣ କରିବା ପ୍ରତି ସରକାର ଦୃଷ୍ଟି ଦିଅନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ୧୦ଟା ବେଳେ ୬ଜଣ ଯାକ ପାଟପୁରି ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ଯାଇଥିଲେ। ଜଙ୍ଗଲ ଭିତରକୁ ପଶୁପଶୁ ସେମାନେ ଗୋଟିଏ ଦନ୍ତା ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀକୁ ପାଖରେ ଦେଖି ସେମାନେ ଜୀବନ ବିକଳରେ ଦୌଡ଼ିଥିଲେ ହେଁ ବର୍ତ୍ତି ପାରିନଥିଲେ। ଦନ୍ତାଟି ସମସ୍ତଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ବନ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଇନ୍ଦୁ, ଟୁନୀ ଓ କୁନ୍ତଳାଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସଦର ରେଞ୍ଜର ଉଛବ ପ୍ରଧାନଙ୍କ କହିବା ଅନୁସାରେ ଜଙ୍ଗଲରେ ହାତୀ ରହିଥିବା ନେଇ ବାରମ୍ବାର ସତର୍କ କରାଯାଇଥିଲା। ଆଜି ସକାଳେ ମଧ୍ୟ ସଚେତନ କରାଯାଇଥିଲା। କିନ୍ତୁ ସେମାନେ ଏହାକୁ ଖାତିର୍ ନ କରି ଜଙ୍ଗଲ ଭିତରକୁ କାଠ ସଂଗ୍ରହ କରିବାକୁ ଯିବାରୁ ଏପରି ଅଘଟଣ ଘଟିଲା।

ଅଷ୍ଟମ ଅନୁଚ୍ଛେଦରେ...

ଭାଷାର ସଂରକ୍ଷଣ ଏବଂ ବିକାଶ ପାଇଁ ଏହା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହେବା ନିହାତି ଜରୁରୀ ବୋଲି ଭାଷାବିତ୍‌ମାନେ ମତ ପ୍ରକାଶ କରନ୍ତି। ଏହାର ଗୁରୁତ୍ୱକୁ ଅନୁଭବ କରି ବିଜେଡି ଲଗାତାର ଭାବେ ଏନେଇ ଦଢ଼ ଦାବି ଉପସ୍ଥାପନ କରି ଆସୁଛି। ବର୍ତ୍ତମାନ ଓଡ଼ିଆ ସମେତ ମୋଟ ୨୨ଟି ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ରହିଛି। ଶେଷଥର ପାଇଁ ୨୦୦୪ ମସିହାରେ ବୋଡୋ, ଡୋଗରୀ, ମୈଥିଲି ଭାଷା ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯାଇଥିଲା। ଏହା ପରଠାରୁ କୌଣସି ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରାଯାଇ ନାହିଁ। ପୂର୍ବରୁ ପହଓ୍ୱା(୧୯୯୬) ଏବଂ ସୀତାକାନ୍ତ ମହାପାତ୍ର(୨୦୦୩) କମିଟି ଜରିଆରେ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ପ୍ରସ୍ତୁତ ପାଇଁ ଉଦ୍ୟମ ହୋଇଥିଲା। ମାତ୍ର ଏହି ପ୍ରୟାସ ଅସମ୍ପୂର୍ଣ୍ଣ ରହିଥିଲା। ତେବେ ଭାଷାବିତମାନଙ୍କ ସୂଚନା ଅନୁସାରେ ବର୍ତ୍ତମାନର ଡିଜିଟାଲ ଯୁଗ ଏବଂ ଆଧୁନିକ ଜୀବନଶୈଳୀକୁ ଅନୁଧ୍ୟାନ କଲେ ଏହି ଭାଷା ଗୁଡ଼ିକର ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ଏହାର ସରକାରୀସ୍ତରରେ ସଂରକ୍ଷଣ ଜରୁରୀ ଅଟେ। ଅଷ୍ଟମ ଅନୁଚ୍ଛେଦରେ ଭାଷାକୁ ସାମିଲ କରିବା ପାଇଁ ମାନଦଣ୍ଡ ପ୍ରସ୍ତୁତ କରିବା, ସେତେଟା କଷ୍ଟକର କାର୍ଯ୍ୟ ନୁହେଁ। ଏଥିପାଇଁ କେନ୍ଦ୍ର ସରକାରଙ୍କ ଆନ୍ତରିକତା ନିତାନ୍ତ ଜରୁରୀ ଅଟେ ବୋଲି ଭାଷାବିତମାନେ ମତପ୍ରକାଶ କରିଛନ୍ତି। ଦେଶର ରାଷ୍ଟ୍ରପତି ଭାବେ ଓଡ଼ିଶା ମାଟିର ଝିଅ ଦ୍ରୌପଦୀ ମୁର୍ମୁ ଆସନ ଅଳଙ୍କୃତ କରିଛନ୍ତି। ଆଦିବାସୀ ବ୍ୟାପାର ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ବି ଓଡ଼ିଶାର ଜୁଏଲ ଓରାମ। ଓଡ଼ିଶାରୁ ବିଜେପିର ୨୦ ଜଣ ସାଂସଦ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ତେଣୁ ଓଡ଼ିଶାର ଏହି ନ୍ୟାଯ୍ୟ ଦାବି ହାସଲ କରିବା ପାଇଁ ଏହାଠାରୁ ଆଉ ଶ୍ରେଷ୍ଠ ସମୟ ଆଉ କିଛି ହୋଇ ନପାରେ। ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କର ଆଦିବାସୀଙ୍କ ବିକାଶ ସେମାନଙ୍କ ସଂସ୍କୃତିର ସଂରକ୍ଷଣ ପାଇଁ ସତରେ ଯଦି ଇଚ୍ଛା ରହିଛି, ତାହେଲେ ହୋ, ମୁଣ୍ଡାରୀ, ଭୂମିଜ, କୁଇ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି।

AFFIDAVIT
I, **Dashami Naik**, D/o: Rama Chandra Naik, Permanent / Currently residing of At/PO- Kankalu, PS- Kantabania, Dist- Dhenkanal (Odisha)- 759121, declare by this **Affidavit No.: 610, dated: 07.02.2026** that now onwards I shall be known as **Archana Naik** for all future purposes.

AFFIDAVIT
By virtue of an affidavit sworn before Executive Magistrate, Bhubaneswar, dated: 10/02/2026, I, **Sri Shiba Prasad Sethi,** resident of Vill-Dalaka, Po-Balisahi, Ps-Tarasingh, Dist-Ganjam, Pin-761131, Odisha, declare that I have changed the name of daughter from Santoshini Sethi to Liza Sethi. Henceforth, she shall be known **Liza Sethi** for all purposes.

AFFIDAVIT
I Amit Kumar Agarwal, aged about 43 years S/O-R.K. Agarwal At-P- 312 , Block- A, South Dumdum, Lake town North-24 Pragans, West Bengal, India, declare by this Affidavit No. 80AA 956540 dated 10.02.2026 that my actual name is Amit Kumar Agarwal, Which is mentioned correctly in my Adhar Card Vide No.263408614268 And in my Passport Vide No.Z3989185, My name has been mentioned as Amit Agarwal. Both Amit Kumar Agarwal and Amit Agarwal is one and same person i.e. myself.

AFFIDAVIT
By virtue of an affidavit **no. 589/26** sworn before the **Notary Public, Nabarangpur, dtd. 10.02.2026**,I, Kamal Lochan Bhatra, Bhagat Bhatra, At-Cheliguda, P.S.- Kosagumuda, Dist.- Nabarangpur do hereby declare that my earlier name was Kamalachan Nayak & my father's name was recorded as Bhagat Nayak in some of my old records. That I have changed my name to Kamal Lochan Bhatra and my father's name to Bhagat Bhatra in my Aadhaar Card and Voter Identity Card. That **Kamalachan Nayak, S/o- Bhagat Nayak & Kamal Lochan Bhatra, S/o- Bhagat Bhatra** refer to one and the same person, i.e., myself.

AFFIDAVIT
I, Anas, aged about 20 years, S/o- MD Abdul Quadir, resident of Ranjan Villa- VIP Road, Kanika Chhak, Infront of Allen Institute, PO- Tulasipur, PS- Lalbag, Town/Dist- Cuttack, PIN- 753008, State- Odisha declared by this affidavit No. 1022, dtd- 09/02/2026 that now onwards I shall be known as **MD ANAS ABDUL QUADIR** for all future purposes.

AFFIDAVIT
I, Shaik Amir Bakhs, S/o- SK Nabi Bakhs, resident of Flat No. 304, 3rd Floor, Amrita Residency, Near Pal Height, Jaydev Vihar, Bhubaneswar, Dist- Khurda, PIN- 751013, State- Odisha declared by this affidavit No. 109, dtd- 10/02/2026 that now onwards I shall be known as **SK AMIR BAKHS** for all future purposes.

AFFIDAVIT
I, Shilpa Dugar, W/o- Bheraw Lal Dugar, resident of Firingi Bazar, Dist- Cuttack, Pin-753009, Odisha declare by this affidavit No. 26, dtd- 09/02/2026 that now onwards I shall be known as **SILPA DUGAR** for all future purpose.

AFFIDAVIT
I, Shaikh Safiur Rahaman, aged about 47 years, S/o- Sk Habibur Rahman, resident of At- Balisahi, Rodhapur, Po/Ps- Salipur, Dist- Cuttack, Pin-754202, Odisha do hereby declare by this affidavit No. 273, dtd- 09/02/2026, that now onwards I shall be known as **SK SAFIUR RAHMAN** for all future purposes.

ପୂର୍ବ ତଟ ରେଳପଥ
ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ
ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG
(1) ଷ୍ଟେସନ ଏବଂ ସ୍ଥାନ : ଜଟନି-2 ତଳିଆ (ରେଳବାଇ ପ୍ରତିଷ୍ଠାନ ନିଜସ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 20.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 20.02.2026, 1530 ଘଟିକା।
(2) ଷ୍ଟେସନ ଏବଂ ସ୍ଥାନ : ଜେନ୍ଦୁଝର-MIX (2 ତଳିଆ-ସହ-4 ତଳିଆ) (ପ୍ଲାଟଫର୍ମ-1 ପାର୍ଶ୍ୱରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 23.02.2026, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 23.02.2026, 1530 ଘଟିକା।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଗିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1106/Q/25-26

ପୂର୍ବ ତଟ ରେଳପଥ
'ଇ' କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/2025-26/ E-procurement Tender Notice/17, ତା.06.02.2026ରିଖ
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।
କ୍ରମ ସଂ. 01 : ଟେଣ୍ଡର ସଂ. 81256552A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 4G SIM ସୋଲାର PTZ 4MP IP ଆଧାରିତ CCTV କ୍ୟାମେରା ଲବ୍ୟାଦିର ଯୋଗାଣ, ସଂସ୍ଥାପନ

ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ

ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୬ରୁ ମେ' ୧୫ ଯାଏ ଗୃହ ତାଲିକା ଓ ଗଣନା

ବାରିପଦା, ୧୦।୨(ସମିସ): ମଙ୍ଗଳବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଦଣ୍ଡୁଖବନ୍ଧୁ ନାୟକଙ୍କ ଅଧକ୍ଷତାରେ ୨୦୨୭ ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ ବାରିକ, ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ ଦାସ, ପରିସଂଖ୍ୟାନ ଅନୁସନ୍ଧାନକାରୀ ମୋହନ ପୁରୁଧୁଲ ଓ ତନ୍ମୟ ଗୁପ୍ତା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଏପ୍ରିଲ ୧୬ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଗଣନା କରାଯିବାକୁ ନିଷ୍ପତ୍ତି ହୋଇଛି ।

ସହକାରୀ ନିର୍ଦ୍ଦେଶକ ଶ୍ରୀ ଦାସ କହିଥିଲେ, ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ୧୦ ବର୍ଷରେ ଦେଶରେ ଜନଗଣନା କରାଯାଇଥାଏ । ଶେଷଥର ପାଇଁ ୨୦୧୧ରେ ଅନୁଷ୍ଠିତ ହୋଇଥିଲା । କୋଭିଡ ପାଇଁ ୨୦୨୧ରେ ଜନଗଣନା ହୋଇପାରି ନ ଥିଲା । ଯାହାକି ୨୦୨୭ରେ ହେବାକୁ ଯାଉଛି । ଜନଗଣନା ମୁଖ୍ୟତଃ ୨ଟି ପର୍ଯ୍ୟାୟରେ ହେବ । ପ୍ରଥମ ପର୍ଯ୍ୟାୟରେ ଜନଗଣନା ହେବା ପୂର୍ବରୁ ଏହାର ପ୍ରଥମ ଉପକ୍ରମ ଭାବେ ଏକବର୍ଷ ପୂର୍ବରୁ ଗୃହ ଜନଗଣନା କାର୍ଯ୍ୟ ହେବ । ଯାହାକି ଚଳିତ ବର୍ଷ ଏପ୍ରିଲ ୧୬ରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ୩୦ ଦିନ ମଧ୍ୟରେ ହେବ । ଏହି କ୍ରମରେ ଗୃହ ତାଲିକା ଓ ଗୃହ ଗଣନା ହେବ । ଜଣେ ନାଗରିକ ଚାହିଁଲେ ସେନସସ ପୋର୍ଟାଲରେ ଲଗଇନ କରି ନିଜ ତଥ୍ୟ ଅପଲୋଡ଼ କରି ଆତ୍ମଗଣନା କରିପାରିବେ । ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସଠିକ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ଏହି

ଆତ୍ମଗଣନା ସୁବିଧା ପୋର୍ଟାଲରେ ଚଳିତ ବର୍ଷ ଏପ୍ରିଲ ୧ ତାରିଖରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ । ଏହା ପରଠାରୁ ନିୟୋଜିତ ହୋଇଥିବା ଅଧିକାରୀଙ୍କ ଦ୍ୱାରା ମୋବାଇଲ ଆପ୍ ଜରିଆରେ ଘରକୁ ଘର ଯାଇ ତଥ୍ୟ ଅଣାଯିବ ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୭ ଫେବୃଆରୀ ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଜନଗଣନା ହେବ ଓ ମାର୍ଚ୍ଚ ୧ରୁ ୫ ତାରିଖ ପର୍ଯ୍ୟନ୍ତ ସଂଶୋଧନ ରାଉଣ୍ଡ ଅନୁଷ୍ଠିତ ହେବ । ବର୍ତ୍ତମାନ ପାଇଁ ଗୃହଗଣନା ପରିପ୍ରେକ୍ଷୀରେ ମୁଖ୍ୟ କାର୍ଯ୍ୟ ହେଉଛି ଗୃହତାଲିକା ବ୍ଲକ ପ୍ରସ୍ତୁତି । ଏହି କାର୍ଯ୍ୟ ପାଇଁ ୭୦୦ରୁ ୮୦୦ ଜନସଂଖ୍ୟା ବିଶିଷ୍ଟ କିମ୍ବା ୧୫୦ରୁ ୧୮୦ ଗୃହ ଥିବା ଗ୍ରାମକୁ ଗୋଟିଏ ଗୃହତାଲିକା ବ୍ଲକ ଭାବେ ନେଇ ପ୍ରତ୍ୟେକ ୬ଟି ଗୃହ ତାଲିକା ବ୍ଲକକୁ ନେଇ ଗୋଟିଏ ସର୍କଲ ପ୍ରସ୍ତୁତ ହେବ । ଜଣେ ସୁପରଭାଇଜର ଅଧୀନରେ ୬ ଜଣ ଗଣନାକାରୀ ରହିବେ । ଗୃହଗଣନା କାର୍ଯ୍ୟରେ ଯଦି କିଛି ପ୍ରତିବନ୍ଧକ ଦେଖାଦେବ, ତେବେ ଚାର୍ଜ ଅଫିସର ସ୍ଥାନୀୟ ଅଞ୍ଚଳରେ ଆରଆଇ, ଅମିନ, କାଉନସିଲରଙ୍କ ସହାୟତା ନେଇ ଏହାର ସମାଧାନ କରିବେ । ଗୃହ ତାଲିକା ବ୍ଲକ ପ୍ରସ୍ତୁତ ସମୟରେ ଅପହଞ୍ଚ ଓ ଦୁର୍ଗମ ଅଞ୍ଚଳ ପ୍ରତି ମଧ୍ୟ ଧ୍ୟାନ ଦିଆଯିବ । ଏହାର ସୁପରିଚାଳନ ପାଇଁ ପିରାମିଡ଼ ଆଧାରରେ ଜାତୀୟ ପ୍ରଶିକ୍ଷକ, ମାଷ୍ଟର ପ୍ରଶିକ୍ଷକ, କ୍ଷେତ୍ର ପ୍ରଶିକ୍ଷକ, ଗଣନାକାରୀ ଓ ସୁପରଭାଇଜର ନିୟୋଜିତ କରାଯିବା ବ୍ୟବସ୍ଥା ରହିଛି ।

ଆଗାମୀ ଦିନରେ ମାଷ୍ଟର ଟ୍ରେନରଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ପରେ ଜିଲ୍ଲାସ୍ତରୀୟ ନିୟୋଜିତ ସମ୍ପୃକ୍ତ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟ ସମ୍ବନ୍ଧୀୟ ପର୍ଯ୍ୟାୟ କ୍ରମେ ତାଲିମ ଦିଆଯିବ । ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କୁ ମାଷ୍ଟର ଟ୍ରେନର, ତହସିଲ ଓ ସହରାଞ୍ଚଳ ସ୍ତରୀୟ ଅଧିକାରୀଙ୍କୁ କ୍ଷେତ୍ରୀୟ ଟ୍ରେନର, ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ଗଣନାକାରୀ ଓ ଉଚ୍ଚବିଦ୍ୟାଳୟ ଶିକ୍ଷକଙ୍କୁ ସୁପରଭାଇଜର ଭାବେ ନିୟୋଜିତ କରାଯିବ ବୋଲି କହିଥିଲେ । ତତ୍‌ସହିତ ଏହି ଜନଗଣନା କାର୍ଯ୍ୟର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହାର ସମସ୍ତ ପ୍ରକ୍ରିୟା ନିର୍ଦ୍ଧାରିତ ସମୟ ରେଖା ଓ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ ହେବ । ଏଥର ଦେଶରେ ପ୍ରଥମ କରି ଡିଜିଟାଲ ଗଣନା ହେଉଥିବାରୁ ବୈଷୟିକ ଜ୍ଞାନ କୌଶଳକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ଗଣନା କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ ବରଂ ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ପୂର୍ଣ୍ଣ ବିବରଣୀ ରହିବ । ସମସ୍ତେ ଯେପରି ନିଜର ସଠିକ ତଥ୍ୟ ପ୍ରଦାନ କରିବେ, ସେଥିପାଇଁ ସଚେତନତା କରିବା ପାଇଁ ପରାମର୍ଶ ଦେଇଥିଲେ । ସମସ୍ତ ଅଧିକାରୀ ନିଜ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିବା ନେଇ ଆଶା ପ୍ରକଟ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅତିରିକ୍ତ ତହସିଲଦାର, ଅତିରିକ୍ତ ଉପଜିଲ୍ଲାପାଳ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜନଗଣନା କାର୍ଯ୍ୟରେ ସଂଶ୍ଳିଷ୍ଟ ସହକାରୀ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିବାବେଳେ ସାଧାରଣ ଓ ବିବିଧ ବିଭାଗର ସହକାରୀ ଜିଲ୍ଲାପାଳ ମାନସୀ ତରାଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଆଦିବାସୀ ନେତା ସମ୍ମାନିତ

ରାଇରଙ୍ଗପୁର, ୧୦।୨ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଗୁଣ୍ଡୁରିଆଠାରେ ସହିଦ ମେମୋରିଆଲ କମିଟି ପକ୍ଷରୁ ଆୟୋଜିତ ୭୭ତମ ସହିଦ ଦିବସରେ ଆଦିବାସୀ ନେତାଙ୍କୁ ସମ୍ମାନିତ କରାଯାଇଛି । ବାବା ତିଲକା ପୁସ୍ତକାଳୟ ପକ୍ଷରୁ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆଦିବାସୀ ମହାସଭା ନେତାଙ୍କୁ ମରଣୋତ୍ତର ମୟୂରଭଞ୍ଜ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି । ପାଟ୍ରାମହୁଲପାଣିସ୍ଥ ବାବା ତିଲକା ପାଠାଗାର ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ରାମଦାସ ମୁର୍ମୁ, ଝାଡ଼ଖଣ୍ଡର କୁଆଳି ନିକଟସ୍ଥ ବାଲିଆଢିପା ଗ୍ରାମର ଡଃ ଛୋଟରାୟ ବାସ୍କେଙ୍କ ଦ୍ୱାରା ଗୁଣ୍ଡୁରିଆ ଗୁଳିକାଣ୍ଡ ଉପରେ ପ୍ରସ୍ତୁତ ପୁସ୍ତକ ଉନ୍ମୋଚନ କରାଯାଇଛି । ଏଥିସହିତ ଆନ୍ଦୋଳନ ନେତୃତ୍ୱ ନେଇଥିବା ଆଦିବାସୀ ସଭା ମହାପୁରୁଷ ସଦସ୍ୟଙ୍କୁ ତାଙ୍କ ପରିଜନଙ୍କ ହାତରେ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ମୟୂରଭଞ୍ଜ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ପୂର୍ବତନ ସାଂସଦ ଙ୍ଗ ରାମଚନ୍ଦ୍ର ହାଁସଦା, ଜେଏମଏମ ନେତ୍ରୀ ଅଞ୍ଜନୀ ସୋରେନ, ପୂର୍ବତନ ବିଧାୟକ ଲକ୍ଷ୍ମଣ ହେମ୍ବ୍ରମ, ପୂର୍ବତନ ବିଧାୟକ ଶ୍ୟାମଚରଣ ହାଁସଦା, ସିଦୋ ମୁର୍ମୁ, ତିରିଂ ଆସେକା ସମ୍ପାଦକ ଛୋଟରାୟ ହେମ୍ବ୍ରମ, ଆସେକା ସାଧାରଣ ସମ୍ପାଦକ ଜତେନ ହାସଦା, ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ସଦସ୍ୟ ସଲମା ମୁର୍ମୁ ଓ ମାନବଧିକାର କର୍ମୀ ପୀତାମ୍ବର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ । ଭଞ୍ଜବୀର ସୁନାରାମ ସୋରେନ୍, ଉପସଭାପତି ମହେନ୍ଦ୍ର ମୁର୍ମୁ, ସାଧାରଣ ସମ୍ପାଦକ ଶ୍ୟାମଚରଣ ହାଁସଦା, କାଉନସିଲର ସୁନ୍ଦର ମୋହନ ହେମ୍ବ୍ରମ, ଚିଫ୍ କମାଣ୍ଡର ଘାଷିରାମ ସାଣ୍ଡିଲ, ବାମନଘାଟୀ ଉପଖଣ୍ଡ ସଭାପତି ରାମଚନ୍ଦ୍ର ମାଝୀ, ସଦର ଉପଖଣ୍ଡ ସଭାପତି ହରିମୋହନ ସିଂହ, ବାମନଘାଟୀ ଉପଖଣ୍ଡ ଉପସଭାପତି ହାର୍ଡୁ ସିଂ ତିରିୟା, ସଦର ଉପଖଣ୍ଡ ସଚିବ ଧ୍ୟାନଚନ୍ଦ୍ର ଟୁଡୁ, ପାଞ୍ଚପିଢ଼ି ଉପଖଣ୍ଡ ସଭାପତି କରୁଣାକର ହେମ୍ବ୍ରମ ଓ ସିଦୋ ମୁର୍ମୁ ପ୍ରମୁଖଙ୍କୁ ମୟୂରଭଞ୍ଜ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା ।

ଜାରକାଣୀରେ କ୍ରୀଡ଼ା ପ୍ରତିଯୋଗିତା

ରାଇରଙ୍ଗପୁର, ୧୦।୨(ସମିସ): ଜାମଦା ବ୍ଲକ ଅନ୍ତର୍ଗତ ଜାରକାଣୀଠାରେ ୪୭ତମ କ୍ରୀଡ଼ା ଓ ନୃତ୍ୟ ପ୍ରତିଯୋଗିତା ହରେଶ ନାଥ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୬୪ଟି ଦଳ ଅଂଶଗ୍ରହଣ କରିଥିଲେ । ସିଜେଡ୍‌ଏମ୍‌ଏସ୍ ତେନ୍ତଳା ପ୍ରଥମ, ଏଫସି ଦାଉଁଦା ଦ୍ୱିତୀୟ ବିକେସି ଏଫସି ତୃତୀୟ, ଆଲେମାଇଁ ଜାପାଇ ଚତୁର୍ଥ ହୋଇଛନ୍ତି । ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ବିଜେପି ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ହାଁସଦା, ଜାମଦା ବ୍ଲକ ଅଧକ୍ଷ ଡୁମୁକା ହେମ୍ବ୍ରମ, ସମାଜସେବୀ ବିଜୁ ଗୋପାଲ ଗୋପ, ଲକ୍ଷ୍ମଣ ହେମ୍ବ୍ରମ, ଦୁର୍ଗାଚରଣ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ କମିଟି ସଭାପତି କାରୁ ମୁର୍ମୁ, ଉପସଭାପତି ଚରଣ ମୁର୍ମୁ, ସମ୍ପାଦକ ନିବାଇ ହେମ୍ବ୍ରମ, ରାମରାୟ ଟୁଡୁ, ଧନୁ ବେସ୍ରା, ମଦନ ବେସ୍ରା, ବାରିଶା ଟୁଡୁ, ଗୋପାଲ ଟୁଡୁ, ବାସ୍ତା ମୁର୍ମୁ, ଲକ୍ଷ୍ମଣ ବାସ୍କେ ପ୍ରମୁଖ ପରିଚାଳନା କରିଥିଲେ ।

ଜାନକୀଲାଲ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

କୁଳିଅଣା, ୧୦।୨(ସମିସ): ସ୍ଥାନୀୟ ଜାନକୀଲାଲ ସରକାରୀ ଉଚ୍ଚବିଦ୍ୟାଳୟ ୧୯୮୯ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଓ ଗୁରୁବାନ୍ଦାନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ରଛାତ୍ରୀ ନିଜ ଶିକ୍ଷକଙ୍କୁ ସମ୍ମାନିତ କରିବା ସହ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ଜାନକୀଲାଲ ସାହାଙ୍କ ନାତି କାର୍ତ୍ତିକ ପ୍ରସାଦ ସାହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ବିଦ୍ୟାଳୟର ତତ୍କାଳୀନ ଶିକ୍ଷକ ଚିତ୍ତରଞ୍ଜନ ସାହୁ, ସୁଶୀଲ ସାହୁ, ବେଣୁଧର ପାଣିଗ୍ରାହୀ, ଶଶାଙ୍କଶେଖର ପଣ୍ଡା, ନଗେନ ମାହାନା, ଅଫିସ କର୍ମଚାରୀ ପଦ୍ମନାଭ ପଣ୍ଡା, ସମ୍ମାନୀ ଅତିଥି ଭାବେ ବର୍ତ୍ତମାନର ପ୍ରଧାନଶିକ୍ଷୟିତ୍ରୀ କବିତା ଜେନା ପ୍ରମୁଖ ଯୋଗ ଦେଇଥିଲେ । ତତ୍କାଳୀନ ପ୍ରଧାନଶିକ୍ଷକ ସ୍ୱର୍ଗତ ଝାଡ଼େଶ୍ୱର ନାୟକ, କର୍ମଚାରୀ ନିରଞ୍ଜନ ଜେନା, ଅନ୍ତର୍ଯ୍ୟାମୀ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିବାବେଳେ ସମସ୍ତ ଗୁରୁଜୀ ଓ କାର୍ତ୍ତିକ ସାହାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ବିକାଶ ମହାପାତ୍ର ଓ ଅନୀଲ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ରମାକାନ୍ତ ପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶିକ୍ଷୟିତ୍ରୀ ବିନ୍ଦୁରେଖା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଫେସର ନନ୍ଦନ ମହାପାତ୍ର, ଡାକ୍ତର ସୁରେନ୍ଦ୍ର ସୋରେନ, ପ୍ରତାପ ନାଏକ, ରାମଚନ୍ଦ୍ର କର ପ୍ରମୁଖ ଯୋଗ ଦେଇଥିବାବେଳେ ବୀରକିଶୋର ବେହେରା, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଅଶୋକ ପଟ୍ଟନାୟକ, ଅଜୟ ବେହେରା, ସଂଯୁକ୍ତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ମୋଚି ସାହିରେ କାୟା ମେଲାଉଛି କିଡ୍‌ନୀ ରୋଗ

କୁଆମରା, ୧୦।୨(ସମିସ): ଖୁଣ୍ଟା ବ୍ଲକ ଭୋଳାଗଡ଼ିଆ ପଞ୍ଚାୟତ ମୋଚି ସାହିରେ ବର୍ଷେ ମଧ୍ୟରେ ପାଖାପାଖି ୧୦ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିବା ଜଣାପଡ଼ିଛି । ଆକ୍ରାନ୍ତଙ୍କ ମଧ୍ୟରୁ ଏବେ ସୁଦ୍ଧା ୬ ଜଣ ସ୍ଥାନୀୟ ବଡ଼ଓଳିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଡ. ଅର୍ଜୁନ ସବ୍ୟସାଚୀ ଦାସ କହିଛନ୍ତି । ଉକ୍ତ ଗ୍ରାମର ଶତପ୍ରତିଶତ ଆଦିବାସୀ ସମ୍ପ୍ରଦାୟର ଲୋକ ଥିବାବେଳେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅଧିକାଂଶ ଲୋକ ଗୁଣିଗାରେଡି ଓ ଚେରମୂଳି ଉପରେ ଭରସା କରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି । ତେବେ ଧିରେ ଧିରେ କିଡନୀ କାୟାବିସ୍ତାର କରିବାରେ ଲାଗିଛି ।

ମୋଚିସାହିରେ ୧୬ ପରିବାର ଥିବାବେଳେ ଲୋକସଂଖ୍ୟା ପାଖାପାଖି ଶହେ ହେବ । ଏମାନେ ସମସ୍ତେ ଦିନମଜୁରିଆ । ସଚେତନତା ସୃଷ୍ଟି ନ କଲେ ଆଗାମୀ ଦିନରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବ, ଏଥିରେ ସନ୍ଦେହ ନାହିଁ । କେଉଁ କାରଣ ପାଇଁ ଏହି ରୋଗରେ ଏକାଧିକ ଲୋକ ଆକ୍ରାନ୍ତ ହେଉଛନ୍ତି, ତାହା ଜଣାପଡ଼ିନାହିଁ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆକ୍ରାନ୍ତଙ୍କ ପାଇଁ ଯୋଗାଇ ଦିଆଯାଉଥିବା ଔଷଧ ଉପଲବ୍ଧ ରହିଛି ବୋଲି ଡଃ କହିଛନ୍ତି । ତେବେ ପାନୀୟ ଜଳ, ନିଶାଦ୍ରବ୍ୟ କିମ୍ବା ଡାକ୍ତରଙ୍କ ବିନା ପରାମର୍ଶରେ ବିଭିନ୍ନ ରୋଗର ଏଠୁସେଠୁ ଔଷଧ ସେବନ କରିବାରୁ ମଧ୍ୟ କିଡନୀ ରୋଗ ହୋଇଥାଏ ଓ ସର୍ଭେ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡଃ ଶ୍ରୀ ଦାସ କହିଛନ୍ତି । ଏଥିପ୍ରତି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରଛାତ୍ରୀଙ୍କ ସଫଳତା

ଖୁଣ୍ଟା, ୧୦।୨(ସମିସ): ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ବ୍ଲକ ଅଧୀନ ବିସିପୁରସ୍ଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଗତ ଶିକ୍ଷାବର୍ଷରେ ସଫଳତା ହାସଲ କରିଛି । ୨୦୨୪-୨୦୨୫ରେ ଅନୁଷ୍ଠିତ ପଞ୍ଚମ ଓ ତୃତୀୟ ବୃତ୍ତି ପରୀକ୍ଷାରେ ତିନିଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି । ପଞ୍ଚମ ଶ୍ରେଣୀରେ ସୁଶୀଲ କୁମାର ମୁର୍ମୁ ୮୨ ପ୍ରତିଶତ ନମ୍ବର ରଖି ବ୍ଲକରେ ପ୍ରଥମ ସ୍ଥାନରେ ଥିବାବେଳେ ସ୍ନେହ ଟୁଡୁ ୬୭ ପ୍ରତିଶତ ନମ୍ବର ରଖି ପଞ୍ଚମ ସ୍ଥାନରେ ରହିଛନ୍ତି । ସେହିପରି ତୃତୀୟ ଶ୍ରେଣୀରେ ସୌମ୍ୟରଞ୍ଜନ ସିଂ ୭୭ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି । କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ, ଗୁରୁମା, ଗୁରୁଜୀ ଅଭିନନ୍ଦନ ଜଣାଇଛନ୍ତି ।

ଏସ୍‌ଏନ୍ ସୁବାରାଓଙ୍କ ଜନ୍ମୋତ୍ସବରେ ମୟୂରଭଞ୍ଜର ୫ ଜଣ ସାମିଲ

ସାରସକଣା, ୧୦।୨(ସମିସ): ଭାରତ ସହିତ ବିଭିନ୍ନ ଦେଶରେ ଭାଇଜୀ ନାମରେ ପରିଚିତ ସର୍ବଭାରତୀୟ ଯୁବ ଏକତା ସଂଗଠନ ଜାତୀୟ ଯୁବ ପ୍ରକଳ୍ପର ପ୍ରତିଷ୍ଠାତା ତଥା ସରକାରୀ କଲେଜରେ ପ୍ରଚଳନ କରିଥିବା ଏନଏସଏସ ବିଭାଗର ପ୍ରଥମ ଶିବିର ପରିଚାଳକ ସ୍ୱର୍ଗତ ଡ. ଏସଏନ ସୁବାରାଓଙ୍କ ୯୭ତମ ଜନ୍ମ ଦିବସ ଜାତୀୟ ସ୍ତରରେ ପଞ୍ଜାବସ୍ଥ ଲେହେରାଗାଗା ସିଅବା ଇଣ୍ଟରନ୍ୟାସନାଲ ସ୍କୁଲରେ ପାଳିତ ହୋଇଯାଇଛି । ଏସଏନ ସୁବାରାଓଙ୍କ ଜନ୍ମ ବାର୍ଷିକୀ ଅବସରରେ ଜାତୀୟ ଯୁବ ପ୍ରକଳ୍ପ ଦ୍ୱାରା ଜାତୀୟ ଏକତା ଓ ସଂସ୍କୃତି ଶିବିର ୨ରୁ ୭ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜର ୫ ଜଣ ଯୋଗ ଦେଇଥିଲେ ।

ଭାଇଜୀଙ୍କ ଜନ୍ମଦିବସରେ ପ୍ରେରଣାଦାୟକ ଉଦଯାପନୀ ଦୀପ ପ୍ରଜ୍ୱଳନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ପଞ୍ଜାବର ଅର୍ଥମନ୍ତ୍ରୀ ସର୍ଦ୍ଦାର ହରପାଲ ସିଂହ ଚିମା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଭାଇଜୀଙ୍କ ପବିତ୍ର ପ୍ରତିମୂର୍ତ୍ତି ଓ ଫଟୋଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଉତ୍ସବର ଶୁଭାରମ୍ଭ କରିଥିଲେ । ଦେଶର ୨୬ଟି ରାଜ୍ୟରୁ ଶିବିରାର୍ଥୀଙ୍କ ଉପସ୍ଥିତି ଏହି ଅବସରରେ ଉଲ୍ଲେଖନୀୟ ଉତ୍ସାହ ଓ ଯୁବ ଶକ୍ତି ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମକୁ ସିଅବା ଇଣ୍ଟରନ୍ୟାସନାଲ ପବ୍ଲିକ୍ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ସର୍ଦ୍ଦାର କୱଲଜିତ ସିଂହ ଧଣ୍ଡସା, ଜାତୀୟ ଯୁବ ପ୍ରକଳ୍ପର ରାଷ୍ଟ୍ରୀୟ ସମ୍ପାଦକ ରଣସିଂହ ପରମାରଙ୍କ ସମେତ ପ୍ରମୁଖ ଭାଇଜୀଙ୍କ ଶୁଭେଚ୍ଛୁ ପରିଚାଳନା କରିଥିଲେ । ସୁକୁମାରନ କରାୟିଲ, ଓଡ଼ିଶାର ମୁଖ୍ୟ ତଥା ରାଷ୍ଟ୍ରୀୟ ଟ୍ରଷ୍ଟି ମଧୁସୂଦନ ଦାଶ ଓ ବିନୟ ଗୁପ୍ତାଙ୍କ ଭଳି ବରିଷ୍ଠ ଜାତୀୟ ଯୁବ ପ୍ରକଳ୍ପ ନେତାଙ୍କ ସହିତ ଦେଶ ସାରା

● ଥାନାରେ ଛାତ୍ରକୁ ମାଡ଼ ଘଟଣା

ଏଏସ୍‌ଆଇ ନିରାକାର ପ୍ରଧାନ ନିଲମ୍ବିତ

ମୋରଡା,୧୦।୨(ସମିସ): ମୋରଡା ଥାନା ପୁଲିସ ଗତ ୨୦୨୫ ଡିସେମ୍ବର ୨୫ ତାରିଖ ରାତିରେ ତଦନ୍ତ ଆଳରେ ଜଣେ ଛାତ୍ରଙ୍କୁ ଥାନାକୁ ଡାକି ନିର୍ଯାତନା ଦେବା ଘଟଣାରେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଡୁପାଲି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏସପି ଗୁଣ୍ଡୁପାଲି ମୋରଡା ଥାନାରେ କାର୍ଯ୍ୟରତ ଏଏସଆଇ ନିରାକାର ପ୍ରଧାନଙ୍କୁ ନିଲମ୍ବିତ କରିଛନ୍ତି ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି ।

ସୂଚନା ମୁତାବକ, ଏକ ମହାବିଦ୍ୟାଳୟର ଜଣେ ଛାତ୍ରୀ ଛାତ୍ର ସୁଶାନ୍ତ ପାତ୍ରଙ୍କ ବନ୍ଧୁ ସହିତ କୁଆଡେ ପଳାଇଥିଲେ । ଉକ୍ତ ଘଟଣାର ତଦନ୍ତ ଆଳରେ ମୋରଡା ପୁଲିସ ସୁଶାନ୍ତଙ୍କୁ ରାତିରେ ଥାନାକୁ ଡାକି ଏଏସଆଇ ନିରାକାର ପ୍ରଧାନ ଓ ଏସଆଇ ନିବେଦିତା ନାଏକ ଧମକ ଦେବା ସହିତ ମାଡ଼ ମାରିଥିଲେ ଓ ଆଶାଳୀନ ବ୍ୟବହାର କରିଥିଲେ । ଏ ସମ୍ପର୍କରେ ଆମ ପୁଲିସ ସମିତି ସଦସ୍ୟ ସୌରଭ ରଞ୍ଜନ ମହାନ୍ତି ଏସଆଇ ନାଏକଙ୍କୁ ପଚାରିବାରୁ ମାଡ଼ ମରାଯିବ କଥା କହିଥିଲେ । ଯାହାର ଅଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ଛାତ୍ରଙ୍କୁ ନ୍ୟାୟନ ମିଳିଲେ ଥାନା ଘେରଉ କରାଯିବ ବୋଲି ଚେତାବନୀ ଦେଇଥିଲେ ଶ୍ରୀ ମହାନ୍ତି । ପରେ ଛାତ୍ର ସଂଗଠନ, ଅଞ୍ଚଳବାସୀ ଏସପିଙ୍କୁ ଲିଖିତ ଅଭିଯୋଗ କରିବା ପରେ ଏସଡିପିଓ ମିନତୀ ବିଶ୍ୱାଳ ମୋରଡାରେ ପହଞ୍ଚି ତଦନ୍ତ କରି ଏସପିଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ପୁଲିସ ଏଏସଆଇ ନିରାକାର ପ୍ରଧାନଙ୍କ ଉପରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଏସ୍‌ପି

ନାଖରାରେ ଭାଗବତ ପାରାୟଣ

ବୈଶିଙ୍ଗା,୧୦।୨(ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ନାଖରା ଗ୍ରାମରେ ଶ୍ରୀଶ୍ରୀ ଗୋପୀନାଥଜୀଉ ଭାଗବତ ଟୁଙ୍ଗୀରେ ୭ ଦିନ ଧରି ଠାକୁରଙ୍କ ରୀତିନୀତି ଅନୁଯାୟୀ ଭାଗବତ ପାରାୟଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଦୈନଦିନ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶରତ ଚନ୍ଦ୍ର ପଣ୍ଡା, ମଧୁସୂଦନ ଦାଶ ଓ ସତ୍ୟରଞ୍ଜନ ରଥ ଅଧିକାରୀଙ୍କ ଦ୍ୱାରା ଭାଗବତ ଚର୍ଚ୍ଚା କରାଯାଇଥିଲା । ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁ ଉପସ୍ଥିତ ହୋଇ ଭାଗବତ କଥା ଶ୍ରବଣ କରିବା ସହିତ ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀରେ ଯୋଗଦାନ କରିଥିଲେ । ନିୟମିତ ଭାଗବତ ପାଠ ମାଧ୍ୟମରେ ନକାରାତ୍ମକ ପନ୍ଥାକୁ ପରିତ୍ୟାଗ କରି ଧାର୍ମିକ ଚେତନା ହେବା ପାଇଁ ଭକ୍ତ ବୃନ୍ଦଙ୍କୁ ଆହ୍ୱାନ କରିଥିଲେ । ପ୍ରବଚିକା କବିତାରାଣୀ ଦେ ଓ ତାଙ୍କ ସାଥି ୭ ଦିନ ଧରି ପ୍ରବଚନ ମାଧ୍ୟମରେ ଲୋକଙ୍କ ଚରିତ୍ର ଗଠନ ଓ ଧାର୍ମିକ ଚେତନା ପାଇଁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଉମାକାନ୍ତ ଚଣ୍ଡ ଜଗନ୍ନାଥପ୍ରେମୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ରାଧାକୃଷ୍ଣ ବେଶରେ ସଂକୀର୍ତ୍ତନ ଦଳ ସହିତ ଗାଁ ପରିକ୍ରମା କରାଯାଇ ପ୍ରତ୍ୟେକ ଘରେ ଦଧିହାଣ୍ଡିରୁ ପାଣି ସିଞ୍ଚନ କରାଯାଇଥିଲା । ଭାଗବତ ଟୁଙ୍ଗୀର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଓ ଗ୍ରାମବାସୀଙ୍କ ଅକୁଣ୍ଠ ସାହାଯ୍ୟରେ ଭାଗବତ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାଗବତ ଟୁଙ୍ଗୀ ସଦସ୍ୟ ବେଣୁଧର ଦାସ (ମଣ୍ଟୁ)ଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା । ଶେଷରେ କମିଟି ସଭାପତି ଶ୍ରୀକାନ୍ତ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ ।

ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବାରିପଦା, ୧୦।୨(ସମିସ): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ସ୍ନାତକ ପ୍ରଥମ ବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ସଭାରେ କଲେଜ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ସଭାପତିତ୍ୱ କରି ଛାତ୍ରୀମାନେ ସଶକ୍ତ ସକ୍ଷମ, ଆତ୍ମନିର୍ଭରଶୀଳ ହୋଇପାରିଲେ ଯାଇ ଏକ ସୁସ୍ଥ ବିକଶିତ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି କହିଥିଲେ । ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ବନଜା ମହାନ୍ତି ଯୋଗଦେଇ ଆତ୍ମରକ୍ଷାର ବିଭିନ୍ନ ପ୍ରୟୋଗିକ କୌଶଳ ବିଷୟରେ ଆଲୋକପାତ କରିଥିଲେ । ଶିବିରର ସଂଯୋଜିକା କ୍ୟାପଟେନ ଡକ୍ଟର ବିଦ୍ୟୁତପ୍ରଭା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସହକାରୀ ପ୍ରଫେସର ରାଇମଣି ମାର୍ଣ୍ଡି, ଡ ସରୋଜ ନାୟକ, ଡ ପ୍ରିୟବ୍ରତ ବେହେରା, ହାପନ ବିଟି ଟୁଡୁ ଓ ସତ୍ୟନାରାୟଣ ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସହକାରୀ ପ୍ରଫେସର କୃଷ୍ଣା ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ସଫଳ ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଆତ୍ମସୁରକ୍ଷାକୁ କେନ୍ଦ୍ରକରି ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ସହକାରୀ ପ୍ରଫେସର ଦିଗିମଣି ସୋରେନ, ଛନ୍ଦିତା ବିଶ୍ୱାଳ, ପ୍ରଣତି ନାଏକ, ବିଦ୍ୟୁତପ୍ରଭା ନାୟକ ଅଧିକାରୀ ଭାବେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରବନ୍ଧନ କରିଥିଲେ । ନମିତା ସୋରେନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

୧୦ କଂଗ୍ରେସ ସଭାପତିଙ୍କ ନାମ ଘୋଷଣା

ବାରିପଦା, ୧୦।୨(ସମିସ): ମୟୂରଭଞ୍ଜ କଂଗ୍ରେସର ପୂର୍ବ ସାଂଗଠନିକ ଜିଲ୍ଲାର ୧୦ ଜଣ ବ୍ଲକ/ପୌରାଞ୍ଚଳ ସଭାପତିଙ୍କ ନାମ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ପ୍ରଶାସନିକ ସମ୍ପାଦକ ସମୀର କୁମାର ରାଉତରାୟ ପ୍ରକାଶ କରିଛନ୍ତି । ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ପାଖକୁ ଆସିଥିବା ପତ୍ର ମୁତାବକ ରାସଗୋବିନ୍ଦପୁର ବ୍ଲକ ସଭାପତି ଭାବେ ହରିଶ୍ଚନ୍ଦ୍ର ସେଠୀ ରହିଥିବାବେଳେ ଶୁଳିଆପଦା ବ୍ଲକ ପାଇଁ ପ୍ରଦୀପ ନାୟକ, ଖୁଣ୍ଟା ବ୍ଲକ ପାଇଁ ତ୍ରିଲୋଚନ ବେହେରା, ବାରିପଦା ବ୍ଲକ ପାଇଁ କହ୍ନେଇଲାଲ ମହାନ୍ତ, ବାରିପଦା ମ୍ୟୁନସିପାଲଟି ପାଇଁ ଏମଡି ଇକବାଲ, ଶ୍ୟାମାଖୁଣ୍ଟା ବ୍ଲକ ପାଇଁ ଠାକୁର ସୋରେନ, ବାଙ୍ଗିରିପୋଷି ବ୍ଲକ ପାଇଁ ରବୀନ୍ଦ୍ରନାଥ ଗିରି, କୁଳିଅଣା ବ୍ଲକ ପାଇଁ ପ୍ରଫୁଲ୍ଲ କୁମାର ଦାସ, ବଡ଼ସାହି ବ୍ଲକ ପାଇଁ ଶଶାଙ୍କ ଶେଖର କର ଓ ବେତନଟୀ ବ୍ଲକ ପାଇଁ କୁଶଧର ବେହେରାଙ୍କ ନାମ ସଭାପତି ଭାବେ ଘୋଷଣା କରାଯାଇଛି ।

ଦଲକି, ପିତାନାଉ, ରତନମରା ଓ ସଜନାପାଳକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି

ହଦଗଡ଼ ପଞ୍ଚାୟତବାସୀଙ୍କ ବିଧାନସଭା ସମ୍ମୁଖରେ ବିକ୍ଷୋଭ

ଶରତ/ଆନନ୍ଦପୁର/କେନ୍ଦୁଝର, ୧୦।୨(ସମିସ):

କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅନ୍ତର୍ଗତ ହଦଗଡ଼ ପଞ୍ଚାୟତର ଦଲକି, ପିତାନାଉ, ରତନମରା ଓ ସଜନାପାଳକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବିରେ ହଦଗଡ଼ ପଞ୍ଚାୟତବାସୀ ଆଜି ଓଡ଼ିଶା ବିଧାନସଭା ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ପ୍ରଦର୍ଶନ କରିଛନ୍ତି ।

ସୂଚନା ମୁତାବକ, କେନ୍ଦୁଝର ଜିଲ୍ଲାର ଉପାନ୍ତ ଅଞ୍ଚଳର ଚାରୋଟି ଗ୍ରାମ ଦଲକି, ପିତାନାଉ, ରତନମରା ଓ ସଜନାପାଳକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରାଯାଇପାରି ନ ଥିବାରୁ ଏହି ଗ୍ରାମରେ ସରକାରଙ୍କର ବହୁ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରାଯାଇପାରୁନାହିଁ । ୪ ହଜାରରୁ ଅଧିକ ପରିବାର ଏହି ଗ୍ରାମମାନଙ୍କରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସବାସ କରୁଥିବାବେଳେ ସେମାନେ ନାନାଦି ସମସ୍ୟା ମଧ୍ୟରେ କାଳାତିପାତ କରୁଥିବା ଅଭିଯୋଗ କରି ଏହି ବିକ୍ଷୋଭ ଓ ଗଣଧାରଣା ପ୍ରଦର୍ଶନ କରିଥିଲେ । ଏହି ଗ୍ରାମଗୁଡ଼ିକ ରାଜସ୍ୱ ଗ୍ରାମର ମାନ୍ୟତା ପାଇପାରି ନ ଥିବାରୁ ମନରେଗା ଯୋଜନାରେ ରାସ୍ତା ନିର୍ମାଣ ହୋଇପାରୁନାହିଁ । ପାରମ୍ପରିକ ଅଧିବାସୀ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ବଳରେ ଜମିପଟ୍ଟା ପାଇପାରି ନ ଥିବା ଅଭିଯୋଗ କରିଛନ୍ତି । ବସୁନ୍ଧରା ଯୋଜନା କାର୍ଯ୍ୟକାରୀ କରାଯାଇପାରୁ ନ ଥିବାବେଳେ ହଦଗଡ ଡ୍ୟାମ ଦ୍ୱାରା ବିସ୍ଥାପିତ ହୋଇଥିବା ପରିବାର ଆଜି ପର୍ଯ୍ୟନ୍ତ ଜମି ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି । ଗ୍ରାମରେ ରାସ୍ତାଘାଟ ସମସ୍ୟା ଥିବାରୁ କୌଣସି ବ୍ୟକ୍ତି ଅସୁସ୍ଥ କିମ୍ବା ପ୍ରସବ ଯନ୍ତ୍ରଣା ହେଲେ ଗ୍ରାମ ପାଖରୁ ଖଟିଆ ଦ୍ୱାରା ବୁହା ହୋଇ ଦୀର୍ଘ ୮/୯ କିମି ପର୍ଯ୍ୟନ୍ତ ଦୂରତା କାଠକୋଟା ଗ୍ରାମ ପର୍ଯ୍ୟନ୍ତ ଯିବା ପରେ ହିଁ ଡାକ୍ତରଖାନା ନିମନ୍ତେ ଆମ୍ବୁଲାନ୍ସ ଧରିପାରନ୍ତି । ଅନେକ ସମୟରେ ଗ୍ରାମବାସୀ ଡଙ୍ଗା ଦ୍ୱାରା ହଦଗଡ଼ ଡ୍ୟାମ ଅତିକ୍ରମ କରି ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନିର୍ଭର କରନ୍ତି । ଅନ୍ୟାନ୍ୟ ଦାବି ମଧ୍ୟରେ ଦଲକି ଗ୍ରାମରେ ଏକ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ, ଉଚ୍ଚବିଦ୍ୟାଳୟ ସ୍ଥାପନ, ହଦଗଡ ପଞ୍ଚାୟତ ଛକଠାରୁ ଦଲକି ଗ୍ରାମକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଦାବି ପ୍ରମୁଖ ଦାବି ରହିଛି । ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ଶାସନ ସଚିବ (ସାଧାରଣ ପ୍ରଶାସନ ଓ ସାଧାରଣ ବିଭିଗ) ସୁକାନ୍ତ ବେହେରାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ୪ଟି ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଚିବ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଦାବି ପୂରଣ ନ ହେଲେ ଆସନ୍ତା ଗ୍ରୀଷ୍ମକାଳୀନ ବିଧାନସଭା ଅଧିବେଶନ ସମୟରେ ପଞ୍ଚାୟତବାସୀ ବିଧାନସଭା ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ବିକ୍ଷୋଭରେ ବିଶିଷ୍ଟ ସମାଜସେବୀ ଗାମାଏ ରାମିଲ ସିଂ ଗୋଇପାଇ , ନାରାୟଣ ହୋ, ରବି ଦେହୁରୀ, ବିଦ୍ୟାଧର ସେନାପତି, ମାଳତୀ ଲେୟାଙ୍ଗି, ଶାନ୍ତି ଦଣ୍ଡପାଟ, ୱାର୍ଡ ମେମ୍ବର ଜୁମ୍ବାଲ ହୋ, ବୁଇଁ ଲାମାୟେ, ନବ ଖଟୁଆ, ବିନନ୍ଦା ଦେହୁରୀ, ତେପନ ବଦ୍ରା, ଆର୍ତ ଦେହୁରୀ, ପାଇକରାୟ ହୋ, ଅନାମ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ ।

ଶିଶୁ ସେବିକା ଚୟନରେ ଅନିୟମିତତା ଅଭିଯୋଗ

ରାସଗୋବିନ୍ଦପୁର,୧୦।୨(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ବଡାମପୁରସ୍ଥ ବଟେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟର ଶିଶୁ ସେବିକା ଚୟନରେ ଅନିୟମିତତା କରାଯାଇଥିବା ଆବେଦନକାରୀ ମହିଳା ଓ ଏସଏମସି ସଦସ୍ୟା ଅଭିଯୋଗ କରି ବିଦ୍ୟାଳୟ ପରିସରରେ ହୋହାଲ୍ଲା କରିଛନ୍ତି । ବଟେଶ୍ୱର ସରକାରୀ ଉପ୍ରା ବିଦ୍ୟାଳୟର ଶିଶୁ ସେବିକା ନିଯୁକ୍ତି ପାଇଁ ୧୨ ଜଣ ମହିଳା ଆବେଦନ କରିଥିଲେ । ସରକାରଙ୍କ ନିୟମ ଅନୁସାରେ ଅନୁସୂଚିତ ଜାତି ଓ ଜନଜାତିର ଦରିଦ୍ର ଅସହାୟ ମହିଳାଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେଇଛନ୍ତି । ତେବେ ଅନୁସୂଚିତ ଜାତି ଓ ଜନଜାତିର ଉପଯୁକ୍ତ ପ୍ରାର୍ଥୀ ନ ମିଳିଲେ ସଂଖ୍ୟାଲଘୁ କିମ୍ବା ସାଧାରଣ ବର୍ଗର ଅସହାୟ ମହିଳା ଆବେଦନ କରିପାରିବେ । ଏହି ନିୟମାବଳୀକୁ ଭିତ୍ତିକରି ମହିଳାମାନେ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ନମିତା ବେହେରା ନାମକ ଅସହାୟ ବିଧବା ମହିଳାଙ୍କୁ ଏସଏମସି ମେମ୍ବର ଚୟନ

ପ୍ରସ୍ତାବ ଦେଇଥିଲେ । ସମସ୍ତ ସଦସ୍ୟଙ୍କ ମତ ଅନୁଯାୟୀ ଲଟେରୀ ଓ ଭୋଟିଂ ମାଧ୍ୟମରେ ଏହି ମହିଳାଙ୍କୁ ଚୟନ କରାଯାଇଥିଲା । ପ୍ରଧାନଶିକ୍ଷକ ନାରାୟଣ ମାରାଣ୍ଡି ଓ ଏସଏମସି ଅଧ୍ୟକ୍ଷ ଗଣେଶ୍ୱର ବେହେରା ବଛାଯାଇଥିବା ଅସହାୟ ମହିଳାଙ୍କୁ ବାଦ ଦେଇଥିଲେ । ପରୋକ୍ଷରେ ୩୫ ହଜାର ଟଙ୍କା ଲାଞ୍ଚ ଦେଇପାରିଲେ ରଖାଯିବ ବୋଲି କହିଥିଲେ । ତେବେ ଅସହାୟ ମହିଳା ଜଣକ ଟଙ୍କା ନ ଦେବାରୁ ତାଙ୍କୁ ବାଦ କରି ଅନ୍ୟ ଜଣକୁ ମନୋନୀତ କରିଥିବା ଜାଣିବାକୁ ପାଇଥିଲେ । ତେଣୁ ମହିଳା ଜଣକ ନିଜ ସମର୍ଥକଙ୍କୁ ନେଇ ବିଦ୍ୟାଳୟ ଆଗରେ ଧାରଣା ଦେଇଥିଲେ । ତେବେ ବିଦ୍ୟାଳୟର ଏସଏମସି ଅଧ୍ୟକ୍ଷ ଓ ପ୍ରଧାନଶିକ୍ଷକ ଉପସ୍ଥିତ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଫୋନ୍ ଯୋଗେ ପଚାରିବାରୁ ତାଙ୍କ ପାଖକୁ ଚୟନ ତଥ୍ୟ ଆସିନାହିଁ ବୋଲି କହିଥିଲେ । ଲାଞ୍ଚ ମାଗିବା କଥା ଭିତ୍ତିହୀନ ବୋଲି କହିଥିଲେ । ସରକାରଙ୍କ ନିୟମ ଅନୁସାରେ ଚୟନ କରାଯିବ ବୋଲି ମତ ଦେଇଥିଲେ । ଏପଟେ ଗାଁ ଲୋକେ ପ୍ରଧାନଶିକ୍ଷକ ଓ ଏସ ଏମ ସି ଚେୟାର ମେନ୍ ଙ୍କ ଷଡ଼ଯନ୍ତ୍ର ବୋଲି କହିଥିଲେ । ଏହାର ତଦନ୍ତ କରି ଉପଯୁକ୍ତ ନ୍ୟାୟ ନ ଦେଲେ ଆଗାମୀ ଦିନରେ ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ଚେତାବନୀ ଦେଇଥିଲେ ।

■ ଡାହାଣୀ ସନ୍ଦେହରେ ନିର୍ଯାତନା ଓ ନିବାରଣ ସମ୍ପର୍କିତ କର୍ମଶାଳା

କୁପ୍ରଥା ନିବାରଣ ପାଇଁ ସମନ୍ୱିତ ପ୍ରୟାସ ଆବଶ୍ୟକ

ବାରିପଦା ୧୦।୨(ସମିସ): ମୟୂରଭଞ୍ଜ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ଡାହାଣୀ ସନ୍ଦେହରେ ନିର୍ଯ୍ୟାତନା ଓ ନିବାରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସବିତା ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଅତିରିକ୍ତ ସମାଜ ମଙ୍ଗଳ ଅଧିକାରିଣୀ ଅନୁପମା ବୁରୁଡ଼ା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ଆଡଭୋକେଟ ବିଭୁପ୍ରସାଦ ଦାସ, ମହିଳା ସଶକ୍ତିକରଣ କେନ୍ଦ୍ର କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥିମାନେ ଡାହାଣୀ ପ୍ରଥାକୁ ଗୁରୁତର ଲିଙ୍ଗଭିତ୍ତିକ ହିଂସା ଓ ସାମାଜିକ ଅପରାଧ ଭାବେ ବ୍ୟାଖ୍ୟା କରି ଏହା ଅଧିକାଂଶ ସମୟରେ ମହିଳାଙ୍କୁ ଲକ୍ଷ୍ୟ କରି ସମାଜର ଅସୁବିଧା ଦୋଷୀ ସାବ୍ୟସ୍ତ କରିଦିଆଯାଉଥିବା ଏକ ଅମାନବୀୟ ପ୍ରଥା ବୋଲି କହିଥିଲେ । ଏହି ପ୍ରଥା ଯୋଗୁଁ ସାମାଜିକ ଓ ଆର୍ଥିକ କାରଣରୁ ଜନ୍ମ ନେଇଥିବା ଏକ ସାମାଜିକ କୁପ୍ରଥା ବୋଲି ଜିଲ୍ଲାପାଳ ଆଲୋଚନା କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସିଡିପିଓ, ସରପଞ୍ଚ, କଲେଜ ଛାତ୍ରଛାତ୍ରୀ, ଗୁଣିଆ ମାଝୀ ହାଦାମ ପ୍ରମୁଖ ଯୋଗ ଦେଇଥିଲେ । ଡାହାଣୀ ପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଏହି ସାମାଜିକ କୁପ୍ରଥା ନିବାରଣ ପାଇଁ ସମସ୍ତ ମହଲରେ ସମ୍ମିଳିତ ପ୍ରୟାସ ଅବଶ୍ୟକତା ଉପରେ ଜୋର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି ପରିଚାଳନା କରିଥିବାବେଳେ ସମାଜ ମଙ୍ଗଳ ଅଧିକାରିଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଓମ୍ ଶିଶୁ ଶିକ୍ଷାକେନ୍ଦ୍ରରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ

ଶୁଳିଆପଦା, ୧୦।୨(ସମିସ): ସୁରକ୍ଷିତ ଇଣ୍ଟରନେଟ୍ ଦିବସ ଅବସରରେ ନୀଳାଚଳ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଟେକ୍ନୋଲୋଜି ପକ୍ଷରୁ ଦେଉଳି ଓମ ଶିଶୁ ଶିକ୍ଷାକେନ୍ଦ୍ରରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳା ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରିକା ପୁଥାଳ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ସଦସ୍ୟଙ୍କ ସହଯୋଗରେ ସଫଳତାର ସହ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ନିରାପଦ ଭାବେ ଇଣ୍ଟରନେଟ୍ ବ୍ୟବହାର, ବ୍ୟକ୍ତିଗତ ତଥ୍ୟର ସୁରକ୍ଷା, ସାଇବର ଝୁମକିରୁ ରକ୍ଷା ପାଇବା ଓ ଡିଜିଟାଲ୍ ଶୃଙ୍ଖଳା ବିଷୟରେ ଜ୍ଞାନ ଅର୍ଜନ କରିଥିଲେ । ଏପରି କାର୍ଯ୍ୟକ୍ରମ ଯୁବପିଢିଙ୍କ ମଧ୍ୟରେ ସୁରକ୍ଷିତ ଓ ଦାୟିତ୍

ପାଣି କରୁଛି କଲବଲ

ପାନୀୟଜଳ ମୁଦାଏ ପାଇଁ ହନ୍ତସନ୍ତ କୋହ୍ଲ ବରପଦାବାସୀ

ଯୋଡ଼ା, ୧୦।୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ କାରାଖେଣ୍ଡା ଗ୍ରାମପଞ୍ଚାୟତର କୋହ୍ଲ ବରପଦା ଗ୍ରାମରେ ଦୀର୍ଘବର୍ଷ ହେଲା ପାନୀୟଜଳ ସମସ୍ୟା ଲାଗି ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ୫ ନମ୍ବର ୱାର୍ଡ ଅନ୍ତର୍ଗତ କୋହ୍ଲ ବରପଦା ଗ୍ରାମରେ ପ୍ରାୟ ୧୨ ଶହ ଲୋକ ବାସ କରନ୍ତି । ତେବେ ଗ୍ରାମରେ ଏହି ଅସୁବିଧା କାରଣରୁ ଅଧିକାଂଶ ଗ୍ରାମବାସୀ ନିକଟସ୍ଥ କାଶିଆ ନାଳରୁ ନିର୍ଗତ ଝରଣାରୁ ପାନୀୟଜଳ ସଂଗ୍ରହ କରି ବ୍ୟବହାର କରୁଛନ୍ତି । ବର୍ଷା ଋତୁରେ ଝରଣାରୁ କାଦୁଅ ପାଣି ବାହାରୁଥିବା ବେଳେ ଖରା ଦିନେ ଶୁଖିଯାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । କୋହ୍ଲ ବରପଦା ଗ୍ରାମବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବା ନିମନ୍ତେ ସ୍ଥାନୀୟ ଏକ ଖଣି କମ୍ପାନୀ ଅନୁଦାନରେ ଏକ ଗଭୀର ନଳକୂପ ନିର୍ମାଣ କରାଯାଇଥିବା ବେଳେ କିଛିଦିନ ବ୍ୟବହାର ପରେ ବିଦ୍ୟୁତ ବିଲ୍ ଦିଆ ନ ଯିବା କାରଣରୁ ବନ୍ଦ ପଡ଼ିଛି । ଏହା ଗ୍ରାମବାସୀଙ୍କ ବ୍ୟବହାରରେ ଆସୁ ନ ଥିବା ଜଣାପଡିଛି । ବସୁଧା ଯୋଜନା ମାଧ୍ୟମରେ ଘରେ ଘରେ ପାନୀୟଜଳ ଯୋଗାଇଦେବା ନିମନ୍ତେ ୫ ବର୍ଷ ପୂର୍ବରୁ ପାଇପ ସଂଯୋଗ କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହାର ସଫଳ ରୂପାୟନ ହୋଇ ପାରିନାହିଁ । ପ୍ରକଳ୍ପଟି କେବେ ସମ୍ପୂର୍ଣ୍ଣ ହେବ ଏହାକୁ ନେଇ ଆଶା ଓ ଆଶଙ୍କାରେ ଗ୍ରାମବାସୀ । କୋହ୍ଲ ବରପଦା ଗ୍ରାମରେ ଅତି କମରେ ଦୁଇଟି ଗଭୀର ନଳକୂପ ଖୋଳାଯାଇ ପାନୀୟଜଳ ଯୋଗାଇ ଦିଆଯିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି ।

ଆନନ୍ଦପୁରକୁ ରେଳପଥ ସଂଯୋଗ ଦାବିକୁ ଦଶ ବର୍ଷ

ମା' ତାରିଣୀଙ୍କୁ ଗୁହାରି ଲାଗି ସଙ୍କୀର୍ତ୍ତନ ପଦଯାତ୍ରା ଆଜି

ଆନନ୍ଦପୁର,୧୦।୨(ସମିସ): ଆନନ୍ଦପୁରକୁ ରେଳପଥ ସଂଯୋଗ ପାଇଁ ମା' ତାରିଣୀଙ୍କୁ ଉପାସନା କରିବା ନିମନ୍ତେ ଧନେଇ ସେବା ସଂଘ ପକ୍ଷରୁ ଘଟଗାଁ ପର୍ଯ୍ୟନ୍ତ ମାର୍ଚ୍ଚ ୧୧ ତାରିଖରୁ ସଙ୍କୀର୍ତ୍ତନ ପଦଯାତ୍ରା କରାଯିବ । ଏହାସହ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ଦାବିପତ୍ର ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ସମେତ ସମସ୍ତ ବରିଷ୍ଠ ଶାସନିକ ଅଧିକାରୀମାନଙ୍କୁ ପ୍ରେରଣ ପ୍ରେରଣ କରାଯାଇଛି । ଗତ ୨୦୧୪ ମସିହାରୁ ବାରମ୍ବାର ଦାବି ହୋଇଆଆସୁଥିଲେ ମଧ୍ୟ ଆନନ୍ଦପୁର ଉପଖଣ୍ଡକୁ ରେଳପଥ ସଂଯୋଗ ପାଇଁ କୌଣସି ଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଆନନ୍ଦପୁର ଉପଖଣ୍ଡର ସଚେତନ ନାଗରିକ ଓ ମା' ଧନେଇ ସେବାସଂଘର କର୍ମକର୍ତ୍ତା ପୁରୀ ବଡଦାଣ୍ଡରେ ଦଣ୍ଡବତ ପଡ଼ି ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଗୁହାରି କରିଥିଲେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ରେଳ ବିଭାଗକୁ ଆନନ୍ଦପୁର ରେଳପଥ ସଂଯୋଗ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିନାହିଁ । ଭୁବନେଶ୍ୱର ପୂର୍ବତଟ ରେଳପଥ ତରଫରୁ ଯାଜପୁରଠାରୁ ଯଶୀପୁର ପର୍ଯ୍ୟନ୍ତ ଭାୟା ଆନନ୍ଦପୁର ଦେଇ ଏକ ସର୍ଭ କରାଯାଇ ୨୦୧୮ରୁ ରେଲୱେ ବୋର୍ଡକୁ ପଠାଯାଇଥିଲା । ଓଡ଼ିଶାରୁ ରାଜ୍ୟସଭାକୁ ଯାଇଥିବା ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଆନନ୍ଦପୁରକୁ ରେଳପଥ ସଂଯୋଗ ହେବା ଆଶା ଉଜ୍ଜ୍ୱଳ ହୋଇଥିଲା ହେଲେ ଏଯାଏଁ କାର୍ଯ୍ୟକାରୀ ହେଉ ନ ଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଏନେଇ ଡବଲ ଙ୍ଗିନ ସରକାର ଥାଇ ଜିଲ୍ଲାର ଶାସକ ଗୋଷ୍ଠୀ ଲୋକ ପ୍ରତିନିଧିଙ୍କ ସ୍ୱର ଶୁଭୁ ନ ଥିବାରୁ ଏହି ଦାବିପୂରଣ ହୋଇପାରୁନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଗାଡ଼ି ଧକ୍କାରେ ମା' ମଇଁଷି ମୃତ, ଜଗି ରହିଛି ଶାବକ

କେନ୍ଦୁଝର, ୧୦।୨(ସମିସ): ବାଂଶପାଳ ବ୍ଲକ୍ ସୁଆକାଠି ଦୁବୁନା ରୋଡ ଭେଜେଡିହିଠାରେ ଏକ ଅଜଣା ଗାଡ଼ି ଗତ ରାତିରେ ମଇଁଷି ଓ ତାର ଛୁଆକୁ ଧକ୍କା ଦେଇଥିଲା । ମା' ମଇଁଷିଟିର ମୃତ୍ୟୁ ଘଟିଥିଲା ଏବଂ ଛୋଟ ମଇଁଷି ଆହତ ହୋଇ ଘଟଣାସ୍ଥଳରେ ଜଗି ରହିଥିବା ଦେଖିବାକୁ ମିଳିଥିଲା । ଖବର ପାଇ ସ୍ଥାନୀୟ ଯୁବ ସାମ୍ବାଦିକ ଦୀପକ ବେହେରା ଓ ନାୟକୋଟ ଥାନାଧିକାରୀ ଜନ୍ ପଟ୍ଟନାୟକ, ଏସାଇ ବାସନ୍ତ କୁମାର ମହାନ୍ତ, ତର୍ମକାନ୍ତ ପଶୁ ଡାକ୍ତର ସଦାନନ୍ଦ ସାହୁ ପହଞ୍ଚି ଆହତ ବାଛୁରିଟିକୁ ଚିକିତ୍ସା କରିବା ସହ ମା' ମଇଁଷିକୁ ମାଟିରେ ପୋତି ଦେଇଛନ୍ତି ।

୩ ଟ୍ରାକ୍ଟର ଜବତ; ଚାଳକ ଅଟକ

ତୁରୁମୁଙ୍ଗା, ୧୦।୨(ସମିସ): କେନ୍ଦୁଝର ଜିଲ୍ଲା ବାରିଆ ଥାନା ପୁଲିସ ମଙ୍ଗଳବାର ଚଢ଼ଉ କରି ୩ଟି ବେଆଇନ ବାଲି ଚାଲାଣ କରୁଥିବା ଟ୍ରାକ୍ଟରକୁ ଜବତ କରିଛି । ଏଥିସହ ୩ ଟ୍ରାକ୍ଟରର ଡ୍ରାଇଭରକୁ ଅଟକ ରଖିଛି । ଜାଲି ମେର୍ମେଦା ନାଳରୁ ଟ୍ରାକ୍ଟରଗୁଡିକ ବାଲି ଉଠାଇ ନେଇ ଚାଲାଣ କରୁଥିବା ସମୟରେ ବାରିଆ ଥାନା ପୁଲିସ ଚଢ଼ଉ କରି ଟ୍ରାକ୍ଟରଗୁଡିକୁ ଜବତ କରିଛି । ଟ୍ରାକ୍ଟରଗୁଡିକରେ ନମ୍ବର ନଲେଖି ଅତି ଚାଲାକର ସହ ମାଫିଆମାନେ ବାଲି ଚୋରା ଚାଲାଣ କରୁଥିଲେ ।

ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୦।୨(ସମିସ): ଯୋଡା ପୁଲିସ ମଙ୍ଗଳବାର ଭୋର ୪ଟା ସମୟରେ ଖୁଣ୍ଟପାଣି ଜଙ୍ଗଲରୁ ଏକ ଚୋରା ଲୁହାପଥର ବୋଝେଇ ଟ୍ରକକୁ ଜବତ କରିଛି । ଖୁଣ୍ଟପାଣି ନିକଟସ୍ଥ ଜଙ୍ଗଲ ତଥା ଟାଟା କମ୍ପାନୀ ଲିଜ ଅଞ୍ଚଳରେ ଅବୈଧ ଖଣିଖୋଳି, ଲୁହାପଥରକୁ ଟ୍ରକ୍ ଯୋଗେ ବାହାର ରାଜ୍ୟକୁ ପଠାଇବା ନିମନ୍ତେ ବୋଝେଇ ହେଉଥିବାବେଳେ ପୁଲିସ ଚଢ଼ଉ କରିଥିଲା । ପୁଲିସ ଗାଡି ଓ ଲାଇଟ ଦେଖି ଅନ୍ଧାରର ସୁଯୋଗ ନେଇ ଖଣିଜ ମାଫିଆମାନେ ଜଙ୍ଗଲ ବାଟ ଦେଇ ଫେରାର ହୋଇଯାଇଥିଲେ । ଏହି ଟ୍ରକରେ ବୋଝେଇ ହୋଇଥିବା ପ୍ରାୟ ୧୧ ମେଟ୍ରିକ୍ ଟନ୍ ଉଚ୍ଚ ମାନର ଲୁହାପଥର ସହ ଟ୍ରକ୍ ନଂ ଓଡି ୧୪ ଟି ୪୯୦୭କୁ ପୁଲିସ ଜବତ କରିଛି । ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଅଧିକ ହେବ । ଏହି ଚୋରା କାରବାରରେ କେଉଁମାନେ ସଂପୃକ୍ତ ଏବଂ ଏହା କେଉଁଠାକୁ ଚାଲାଣ ହେଉଥିଲା, ଏନେଇ ଯୋଡା ପୁଲିସ ଅନୁସନ୍ଧାନ ଆରମ୍ଭ କରିଛି ।

ସ୍ଥାଣୁ ପାଲଟିଛି ଯୋଡ଼ା ପୌରପାଳିକା

ଅବ୍ୟବସ୍ଥାରେ ବିଭିନ୍ନ ୱାର୍ଡ ଓ ଗଳି ରାସ୍ତା

ଯୋଡ଼ା, ୧୦।୨(ସମିସ): ଯୋଡ଼ା ପୌରପାଳିକାରେ ୧୪ଟି ୱାର୍ଡ ଥିବାବେଳେ ବିଭିନ୍ନ ୱାର୍ଡରେ ଅନେକ ସମସ୍ୟା ରହିଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି । ୧୦ ନମ୍ବର ୱାର୍ଡରେ ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି ଜନସାଧାରଣ । ୱାର୍ଡଟିରେ ରାସ୍ତା ସମସ୍ୟା ରହିଥିବାରୁ ଯାତାୟାତ ପାଇଁ ଅସୁବିଧା ଭୋଗୁଥିବା ବେଳେ ମାସ ମାସ ଧରି ଡ୍ରେନଗୁଡିକ ସଫା ହେଉ ନାହିଁ । ଫଳରେ ୱାର୍ଡବାସୀ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ରହୁଛନ୍ତି । ଗୋଷ୍ଠୀ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ତାହାର ଦେଖରେଖ ଓ ସଫାସୁତୁରା ହେଉ ନ ଥିବା ଅଭିଯୋଗ ହେଉଛି । ଶୁଦ୍ଧ ପାନୀୟଜଳ ମୁଦାଏ ପାଉ ନାହାନ୍ତି ୱାର୍ଡବାସୀ । ପାଇପଗୁଡିକ ଫାଟି ପାଣି ଅନବରତ ବୋହି ଯାଉଥିବା ବେଳେ ଉପର ମୁଣ୍ଡରେ ରହୁଥିବା ଲୋକ ପାଣି ମୁଦାଏ ପାଉ ନାହାନ୍ତି । ଏହାକୁ ନେଇ କିଛି ଗ୍ରାମବାସୀ ସାଂସଦ ପ୍ରତିନିଧି ବିଏନ ଦାଶଙ୍କ ନିକଟରେ ଅଭିଯୋଗ କରି ତୁରନ୍ତ ଏହାର ସମାଧାନ ପାଇଁ ଦାବି କରିଥିବା ଦେଖିବାକୁ ମିଳିଛି । ସେହିପରି ୱାର୍ଡଟି ପାହାଡ଼ ସଂଲଗ୍ନ ହୋଇଥିବା ବେଳେ ବର୍ଷା ଦିନେ ମାଟି ଅତଡ଼ା ଖସି ଆଗକୁ ବିପଦ ସୃଷ୍ଟି କରିପାରେ ବୋଲି ସନ୍ଦେହ କରି ସାଂସଦ ପ୍ରତିନିଧି ଓ କାଉନସିଲରଙ୍କ ନିକଟରେ ଏହାର ପ୍ରତିକାର ପାଇଁ ପଥର ପ୍ୟାଚିଙ୍ଗ ପାଇଁ ଦାବି କରିଥିବା ଜଣାପଡିଛି । ତେବେ ତୁରନ୍ତ ଏହାର ସମାଧାନ ପାଇଁ ଉଭୟ ୧୫ ଦିନ ସମୟ ମାଗିଥିବା ୱାର୍ଡ ବାସୀ କହିଛନ୍ତି । ଠିକ ସେହିପରି ଯୋଡ଼ା ପୌରପାଳିକାର ୬ ନମ୍ବର ୱାର୍ଡ ବାଟୁ ହଟିଙ୍ଗରେ ଡ୍ରେନ ବ୍ୟବସ୍ଥା ଅସଜଡ଼ା ହୋଇ ପଡ଼ିଥିବା ବେଳେ ପିଏଚଡି ପାଣି ରାସ୍ତା ଉପରେ ଅନବରତ ବୋହି ଚାଲିଛି । ଅସୁରକ୍ଷିତ ଅବସ୍ଥାରେ ଛାତ୍ରଛାତ୍ରୀ ଭଙ୍ଗା ଡ୍ରେନ ଉପରେ ଡେଇଁ ଡେଇଁ ବିଦ୍ୟାଳୟକୁ ଯାଉଛନ୍ତି । ଅନ୍ୟପଟେ ଶାସ୍ତ୍ରୀ ନଗରଠାରେ ତିନିଦିନ ହେଲାଣି ପିଏଚଡି ପାଣି ଲମାଟିଆ ହୋଇ କାଦୁଅ ସହ ଲୋକଙ୍କ ଘରେ ପହଞ୍ଚୁଥିବା ଜନସାଧାରଣ ଅଭିଯୋଗ କରିଛନ୍ତି । କାଦୁଅ ପାଣି ବ୍ୟବହାର କଲେ ଲୋକ ବିଭିନ୍ନ ରୋଗର ଶିକାର ହେବାର ଭୟ ରହିଥିବା କହିଛନ୍ତି । ପାଞ୍ଚ ନମ୍ବର ୱାର୍ଡର ରାସ୍ତା ତାରିଣୀ ଛକଠାରୁ ଆଜାଦ ବସ୍ତି ଛକ ପର୍ଯ୍ୟନ୍ତ ମରାମତି ପାଇଁ ଦାବି ହେଉଥିବା ବେଳେ କିଛି କିଛି ସ୍ଥାନରେ ଡ୍ରେନ ବ୍ୟବସ୍ଥା ନ ଥିବାରୁ ଲୋକଙ୍କ ଘର ଧୁଆ ପାଣି ରାସ୍ତା ଉପରେ ଭାସୁଛି । ତେବେ ଏସବୁ ସମସ୍ୟା ଗୁଡିକର ସମାଧାନ କରିବାକୁ ବିଭିନ୍ନ ୱାର୍ଡରୁ ଦାବି ହେଉଛି ।

ଚେକବାଉନ୍ସ ମାମଲା

୩୦ ଲକ୍ଷ ଟଙ୍କା ଜରିମାନା; ବର୍ଷେ ଜେଲ୍‌ଦଣ୍ଡ

ଆନନ୍ଦପୁର, ୧୦।୨(ସମିସ): ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତକୁ ୩୦ଲକ୍ଷ ଟଙ୍କାର ଜରିମାନା ସହିତ ଏକବର୍ଷ କାରାଦଣ୍ଡ ଆଦେଶ ଦେଇଛନ୍ତି ଆନନ୍ଦପୁର ଏସ୍‌ଡ଼ିଜେଏମ୍ ଗୌରୀଶଙ୍କର ପଣ୍ଡା । ୨୦୧୬ରେ ଜୟଗୁରୁ କନଷ୍ଟ୍ରକ୍ସନର ପ୍ରୋପାଇଟର ତ୍ରିଲୋଚନ ଦାଶ ଯାଜପୁର କଳିଙ୍ଗନଗରରେ ଜାମଦା କନଷ୍ଟ୍ରକ୍ସନ ଅଧୀନରେ କାମ କରୁଥିଲେ । ଏହି କାମ ବାବଦକୁ ତାଙ୍କର ୨୧ଲକ୍ଷ ଟଙ୍କା ପ୍ରାପ୍ୟ ନଦେଇ ଜାମଦା କନଷ୍ଟ୍ରକ୍ସନର ମୁଖ୍ୟ ଲକ୍ଷ୍ମଣ ଜାମଦା ତାଙ୍କୁ ଯାଜପୁର ଦେନା ବ୍ୟାଙ୍କର ୨୧ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ । ଶ୍ରୀ ଦାଶ ୨୦୧୬ଅଗଷ୍ଟ ମାସରେ ଏହି ଚେକକୁ ଆନନ୍ଦପୁର କାନାରା ବ୍ୟାଙ୍କରେ ଜମା କରିଥିଲେ । ତେବେ ଏହି ଚେକ୍ ବାଉନ୍ସ ହୋଇ ଯାଇଥିଲା । ଶ୍ରୀଦାଶ ଏନେଇ ବାରମ୍ବାର ଲକ୍ଷ୍ମଣଙ୍କୁ ଜଣାଇଥିଲେ ମଧ୍ୟ ପ୍ରାପ୍ୟ ଅର୍ଥ ମିଳିନଥିଲା । ଫଳରେ ଶ୍ରୀ ଦାଶ ବାଧ୍ୟହୋଇ ଆଇନ୍ ଆଶ୍ରୟ ନେଇଥିଲେ । ଦୀର୍ଘ ୯ ବର୍ଷ ପରେ ଏହି ମାମଲାର ଶୁଣାଣି ହୋଇଥିବାବେଳେ ଶ୍ରୀଦାଶ ଏହାକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି । ଶ୍ରୀଦାଶଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ ।

ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅତାସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଆନନ୍ଦପୁର, ୧୦।୨ (ସମିସ): ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ ଅତାସାହିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିବେକାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସରେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଉପେନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଏବିଇଓ ଚମ୍ପୁଆ ଗୋବିନ୍ଦଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ବଳରାମପୁର ସରପଞ୍ଚ ମାଳତୀ ସେଠୀ, ସିଆରସିସି ଅଶୋକ ବାରିକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବାଜୀ ପାଗଳ ଯୋଗ ଦେଇଥିଲେ । ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅମ୍ବରିଶ ପ୍ରସାଦ ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ । ସହକାରୀ ଶିକ୍ଷୟତ୍ରୀ ପ୍ରମିଳା ସାହୁ ଧନ୍ୟବାଦ ଦେଇଥିଲେ । ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ରାମଲା ଏସଏସଡି ଉଚ୍ଚ ବିଦ୍ୟାଳୟ

ଚମ୍ପୁଆ: ଚମ୍ପୁଆ ଏନଏସି ୧୨ ନଂ ୱାର୍ଡସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ରାମଲା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଚମ୍ପୁଆ ଆଇଟିଡିଏ ଅତିରିକ୍ତ ମଙ୍ଗଳ ଅଧିକାରୀ ସୁଚେତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧକ୍ଷ ମୋତିଲାଲ ଲାଗୁରୀ, ବ୍ଲକ ସଂପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ଲୁଦୁକି ବବାଙ୍ଗ ଏବଂ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ସାମନ୍ତସିଂହାର ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶଚନ୍ଦ୍ର ଚକ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସହକାରୀ ଶିକ୍ଷକ ସୌମ୍ୟରଞ୍ଜନ ଜେନା ମଞ୍ଚ ପରିଚାଳନା କରିଥିଲେ ।

ସେଣ୍ଟ ଜାଭିୟର ହାଇସ୍କୁଲ

ତୁରୁମୁଙ୍ଗା: ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ସେଣ୍ଟଜାଭିୟର ହାଇସ୍କୁଲର ୩ୟ ବାର୍ଷିକ ଉତ୍ସବ ରବିବାର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପୀନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଧରଣୀଧର ସ୍ୱଙ୍କଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରାଧ୍ୟାପକ ତଥା +୨ ଭାରପ୍ରାପ୍ତ ଅଧକ୍ଷ ପ୍ରକାଶଚନ୍ଦ୍ର ପାଲ୍, ସମ୍ମାନିତ ଅତିଥି ଭାବେ ସୁଧାଂଶୁ ଶେଖର ସାହୁ ଯୋଗ ଦେଇଥିଲେ । ବିଦ୍ୟାଳୟର ଅଧକ୍ଷା ରଶ୍ମିରାଣୀ ପ୍ରତିହସ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମହାନ୍ତ ଧନ୍ୟବାଦ ଦେଇଥିଲେ । ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

ଶାଳବଣି ବେଦଦ୍ୟୁତି ବିଦ୍ୟାମନ୍ଦିର



ଆନନ୍ଦପୁର, ୧୦।୨ (ସମିସ): ଆନନ୍ଦପୁର ବ୍ଲକ ଶାଳବଣି ବେଦଦ୍ୟୁତି ବିଦ୍ୟାମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ପ୍ରତିଷ୍ଠାତା ଡ ଚନ୍ଦନ କୁମାର ରାଜଙ୍କ ଆବାହକତ୍ୱରେ ଆୟୋଜିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ମୁଖ୍ୟବକ୍ତା ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ଆନନ୍ଦପୁର ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତି ଓ ଶାଳବଣି ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷ ପଦ୍ମନାଭ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ । ଏହାଦ୍ୱାରା ଶିକ୍ଷା ସହ ସଂସ୍କୃତିର ସମନ୍ୱୟ ସୃଷ୍ଟି ହେବା ସହ ଶିଶୁଙ୍କ ଅସୀମ ପ୍ରତିଭାର ପ୍ରଦର୍ଶନ ଆତ୍ମବିଶ୍ୱାସ ଓ ପରିଶ୍ରମ ଜାଗ୍ରତ କରିଥାଏ ବୋଲି ପ୍ରତିଷ୍ଠାତା ଡ ରାଜ ମତ ବ୍ୟକ୍ତ କରିଛନ୍ତି । ଓରାଳି ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ହାସ୍ୟମୟୀ ରାଜ୍ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । କୃତୀ ଛାତ୍ରଛାତ୍ରୀ ଓ ମହିଳା ଅବିଭାବିକାଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ କଳ୍ପନ

ଆଜିର ରାଶିଫଳ

ମେଷ: ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ।

ବୃଷ: ସମାଜରେ ଲୋକସମ୍ପର୍କ ବୃଦ୍ଧି ପାଇବ। କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

ମିଥୁନ: ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଅନ୍ୟର ଥଟ୍ଟା ପରିହାସକୁ ଅଣଦେଖା କରନ୍ତୁ। ଦୀର୍ଘ ଦିନରୁ ପଡ଼ିରହିଥିବା କାର୍ଯ୍ୟ ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିବ।

କର୍କଟ: ନିଜ ପରିଶ୍ରମକୁ ଗୁରୁତ୍ୱ ଦିଅନ୍ତୁ। ମାନ ସମ୍ମାନ ବୃଦ୍ଧି ପାଇବ। ଜୀବନସାଥିଙ୍କ ସହଯୋଗ ଲୋଡିବେ। ଦିନର ଆରମ୍ଭରୁ ଥକ୍କା ଅନୁଭବ କରିପାରନ୍ତି। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହୋଇପାରନ୍ତି।

ସିଂହ: ଅଚାନକ ଧନପ୍ରାପ୍ତି ଯୋଗ ରହିଛି। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଅତିଥି ସତ୍କାର କରିପାରନ୍ତି। ଅଯଥା ଖର୍ଚ୍ଚ ବଢ଼ିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

କନ୍ୟା: ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

ତୁଳା: ପୁରୁଣା ରୋଗରୁ ଆରାମ ମିଳିବ। ଅକସ୍ମାତ ଖୁସି ଖବର ପାଇବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। କର୍ମକ୍ଷେତ୍ରରେ ନୂତନ ସହଯୋଗୀଙ୍କ ସାହାଯ୍ୟ ମିଳିବ।

ବିଛା: ପାରିବାରିକ ସମସ୍ୟା ଲାଗି ରହିବ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

ଧନୁ: ବନ୍ଧୁ ମିଳନ ଯୋଗ ରହିଛି। ଅଧିକ ଚିନ୍ତା କରନ୍ତୁନି। ନୂତନ ବ୍ୟବସାୟ ଆରମ୍ଭ କରିପାରିବେ। ପତି-ପତ୍ନୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ମହିଳାମାନେ ଧର୍ମପରାୟଣା ହେବେ।

ମକର: ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ। ଉଧାର ଦେଉଥିଲେ ସାବଧାନ ହୋଇଯାଆନ୍ତୁ। ପରିବାର ସହିତ କିଛି ସମୟ ବିତାନ୍ତୁ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି।

କୁମ୍ଭ: ସମସ୍ୟାରେ ପଡ଼ିପାରନ୍ତି। ଅତିଥିଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ। ଜୀବନସାଥିଙ୍କ ପାଇଁ କୌଣସି କାର୍ଯ୍ୟ ଗଡ଼ବଡ଼ ହୋଇପାରେ। ଆଶା କରିଥିବାରୁ ଦିଗରୁ ନିରାଶ ହୋଇପାରନ୍ତି।

ମୀନ: ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି। ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ମଧୁମୟ ହେବ। ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ।

ଆଜିର ଇତିହାସ

- ୧୯୩୩- ଗାନ୍ଧିଜୀଙ୍କ ପ୍ରଥମ ସାପ୍ତାହିକ ପ୍ରକାଶନ 'ହରିଜନ'ର ପ୍ରଥମ ଅଙ୍କ ପୁଣେରୁ ପ୍ରକାଶିତ।
- ୧୯୪୨- ପ୍ରସିଦ୍ଧ ସମାଜସେବୀ ଯମୁନାଲାଲ୍ ବଜାଜ୍‌ଙ୍କ ନିଧନ।
- ୧୯୯୦- ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ନେଲସନ୍ ମଣ୍ଡେଲା ୨୭ ବର୍ଷର କାରାବାସ ପରେ ମୁକ୍ତ ହେଲେ।

'ରାମାୟଣ' ରେ କାମ କରୁନାହାନ୍ତି ବିଜୟ

ନୀତେଶ ତିୱାରିଙ୍କ 'ରାମାୟଣ'କୁ ନେଇ ଲଗାତାର ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଛି। ଏଥିରେ ରଣବୀର କପୁର, ସାଇ ପଲ୍ଲବୀ, ୟଶ୍, ସନ୍ନି ଦେୱଲ, ଅମିତାଭ ବଚ୍ଚନ, ଲାରା ଦତ୍ତା ପ୍ରମୁଖ ନଜର ଆସିବେ। ଏସମସ୍ତ କଳାକାର କେଉଁ କେଉଁ ଭୂମିକାରେ ଦେଖାଯିବେ ତାହା ଲୋକଲୋଚନକୁ ଆସି ସାରିଛି। ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ଅଭିନେତା ବିଜୟ ସେତୁପତି ଏଥିରେ ବିଭୀଷଣ ଭୂମିକାରେ ଅଭିନୟ କରିବା ପାଇଁ ଫିଲ୍ମ ନିର୍ମାତାଙ୍କ ସହ ଯୋଗାଯୋଗ କରିଥିବା ନିକଟରେ ଅନେକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। ହେଲେ ବିଜୟ ଏକଥାକୁ ଖଣ୍ଡନ କରିଛନ୍ତି। ନିକଟରେ ବିଜୟ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି, 'ମୁଁ ଏହି ପ୍ରୋଜେକ୍ଟର କାମ କରୁନାହିଁ। ଏଭଳି ଖବର କେଉଁଠୁ ଆସୁଛି ମୁଁ ଜାଣିପାରୁନି।' ଏହାପୂର୍ବରୁ ରାଘବ ଜୁଆଲ ଏଥିରେ ମେଘନାଦ ଭୂମିକାରେ ନଜର ଆସିବେ ବୋଲି କୁହାଯାଉଥିଲା। ରାଘବ ଏଥିରେ ବିକ୍ରାନ୍ତ ମେସିଙ୍କ ସ୍ଥାନ ନେଇଥିବା ଅନେକ ରିପୋର୍ଟରେ କୁହାଯାଇଥିଲା। ଏହାପରେ ନିଜେ ବିକ୍ରାନ୍ତ ସେ 'ରାମାୟଣ'ର କେବେ ବି ଅଂଶ ନ ଥିଲେ ବୋଲି ସାମାଜିକ ଗଣମାଧ୍ୟମରେ ପୋଷ୍ଟ ସେୟାର୍ କରି କହିଥିଲେ। ନମିତ ମଲହୋତ୍ରାଙ୍କ ପ୍ରଯୋଜିତ 'ରାମାୟଣ' ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ୨୦୨୬ ଦୀପାବଳି ଅବସରରେ ଓ ଦ୍ୱିତୀୟ ପାର୍ଟ ୨୦୨୭ ଦୀପାବଳି ଅବସରରେ ଆସିବ। ଏହାର ବଜେଟ୍ ରହିଛି ୪୦୦୦ କୋଟି।

ପ୍ରଥମ ଜନ୍ମଦିନରେ ଉପହାର ବର୍ଷା

ଉତ୍ତର ପ୍ରଦେଶ ଆଲିଗଡ଼ରେ ଶିବାୟ ନାମକ ପିଲାର ପ୍ରଥମ ଜନ୍ମଦିନ ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ତେବେ ଏହି ଆଲିସାନ୍ ଜନ୍ମଦିନ ପାର୍ଟି ଲଗଜୁରିର ପରିଭାଷାକୁ ବଦଳାଇ ଦେଇଥିବା କହିଲେ ଭୁଲ ହେବ ନାହିଁ। ଯେଉଁ ବୟସରେ ପିଲାଟିଏ ଜନ୍ମଦିନରେ କେବଳ କେକ୍ କାଟି ଖେଳଣା ଦେଖି ଖୁସି ହୋଇଥାଏ, ସେହି ବୟସରେ ତାକୁ ଜମି, ସୁନା, ରୂପା, ନଗଦ ଟଙ୍କା ମିଳୁଥିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତେବେ ଏହି ଭିଡିଓ ପିଲାଟିର ମାମୁଁ ଅଖିଳେଶ ଚୌହାନ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରିଛନ୍ତି। ଭିଡିଓରେ ଦେଖିବାକୁ ମିଳୁଛି, ପରିବାର ଲୋକେ ଗୋଟିଏ ପରେ ଗୋଟିଏ ଉପହାରର ଘୋଷଣା କରୁଛନ୍ତି। ଅବଶ୍ୟ ପ୍ରଥମେ ସବୁକିଛି ଦେଖିବାକୁ ସାଧାରଣ ଲାଗୁଛି, ହେଲେ ଯେମିତି ଉପହାର ଘୋଷଣା ବଢ଼ି ଚାଲେ, ଏହାକୁ ଦେଖି ଯେକେହି ଆଶ୍ଚର୍ଯ୍ୟ ହେବା ଥୟ। ଶିବାୟକୁ ଆଲିଗଡ଼-ଆଗ୍ରା ଜାତୀୟ ରାଜପଥ କଡ଼ରେ ଏକ ଜମି ଜନ୍ମଦିନ ଉପହାରରେ ଭେଟି ଦିଆଯାଇଛି। ଏହା ସହିତ ନଗଦ ୧୧ ଲକ୍ଷ ଟଙ୍କା, ୨୦ ଗ୍ରାମ୍‌ର ସୁନା ଚେନ୍, ମା' ଲକ୍ଷ୍ମୀ ଏବଂ ଗଣେଶଙ୍କ ରୂପା ମୂର୍ତ୍ତି, ହାତ ଓ ଗୋଡ଼ ପାଇଁ ରୂପା କଡ଼ା, ୫୦୦ ଗ୍ରାମ୍ ଓଜନର ରୂପା ବାସନ ଓ ୧୫ ହଳ ଦାମୀ ପୋଷାକଏବଂ ଅନେକଗୁଡ଼ିଏ ଖେଳଣା ତାଙ୍କୁ ଉପହାରରେ ମିଳିଛି। କେବଳ ସେତିକି ନୁହେଁ, ଶିବାୟର ମା', ଜେଜେମା ଓ ପିଉସୀଙ୍କୁ ବି ଉପହାର ମିଳିଛି। ଶିବାୟର ମା'ଙ୍କୁ ୩୫ ଗ୍ରାମ୍ ଓଜନର ସୁନା ହାର, ସୁନା ଚୁଡ଼ି, ସୁନା ମୁଦି, ସୁନା କାନଫୁଲ, ପାଉଁଜି ଏବଂ ପୋଷାକ ମିଳିଛି। ସେହିପରି ଜେଜେମା ଏବଂ ପିଉସୀଙ୍କୁ ସୁନା ମୁଦି, ରୂପା ପାଉଁଜି ଏବଂ ପୋଷାକ ମିଳିଛି। ଏପରିକି ଏହି ଜନ୍ମଦିନରେ ଯୋଗ ଦେଇଥିବା ମହିଳା ସମ୍ପର୍କୀୟମାନଙ୍କୁ ୧୦୧ ଶାଢ଼ି ଏବଂ ପୁରୁଷ ବନ୍ଧୁବାନ୍ଧବଙ୍କୁ ୧୦୧ ପ୍ୟାଣ୍ଟ-ସାର୍ଟ ଉପହାର ପ୍ରଦାନ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଲୋକେ ଏହାକୁ ଭାରତୀୟ ପାରିବାରିକ ପରମ୍ପରା ଏବଂ ଖୁସିର ପ୍ରତୀକ ବୋଲି କହିଛନ୍ତି।

ବେଡ୍‌ରୁମ୍‌ରେ ବର୍ଷକର ଏକାନ୍ତବାସ

ଜଣେ ବ୍ୟକ୍ତି ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ଯାହା କରିଛନ୍ତି, ତାହା ଏବେ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ତା' ସହ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଗୋଟିଏ ଘର ଭିତରେ ସେ ଦିନେ କି ଦୁଇ ଦିନ ନୁହେଁ, ବରଂ ବର୍ଷକ ପର୍ଯ୍ୟନ୍ତ ବନ୍ଦୀ ହୋଇ ରହିବା ନିଷ୍ପତ୍ତି ନେଇଛନ୍ତି। ଆମେରିକା ଉଟାହର ୪୯ ବର୍ଷ ବୟସ୍କ ସ୍କିପ୍ ଭୟସ୍ ଗତ ଜାନୁଆରୀ ୧୦ ତାରିଖରେ ଏଇ ନିଷ୍ପତ୍ତି ନେଲେ। ତେଣୁ ସେ ନିଜ ସ୍ତ୍ରୀ ଓ ଝିଅକୁ ଶେଷ ଦେଖା କରି ନିଜ ଶୋଇବା ଘରକୁ ଗଲେ। ଏହା ସହିତ ସେ ତାଙ୍କର ଏକାନ୍ତ ବର୍ଷର ପ୍ରୋଜେକ୍ଟ ଆରମ୍ଭ କଲେ। ୩୬୫ ଦିନ ସେହି ଘର ଭିତରେ ରହିବା ତାଙ୍କର ଯୋଜନା ରହିଛି। ଏହାସହିତ ଏହାର ପୂରା ଅନୁଭୂତିକୁ ସେ ୟୁଟ୍ୟୁବ୍‌ରେ ଲାଇଭ୍ ଷ୍ଟ୍ରିମିଂ କରିବେ। ତେବେ ଗୋଟିଏ ଘର ଭିତରେ ରହିବା ନିୟମ ଥିଲା ବେଶ୍ ସାଦାସିଧା। ସ୍କିପ୍ କହିଛନ୍ତି, 'ସେ ଶୋଇବା ଘର ଭିତରୁ ଆଦୌ ବାହାରିବେ ନାହିଁ ଏବଂ ୨୪ ଘଣ୍ଟା ଲାଇଭ୍ ଚାଲୁ ରହିବ। ଏହି ସମୟ ମଧ୍ୟରେ ସେ କୌଣସି ମନୋରଞ୍ଜନର ଉପାୟ ମଧ୍ୟ ଭିତରକୁ ଆଣିବେ ନାହିଁ। ବାହାରର କୌଣସି ପ୍ରକାର କଥାବାର୍ତ୍ତାରେ ବି ସାମିଲ ହେବେ ନାହିଁ। ବେଡ୍‌ରୁମ୍ ଭିତରେ ଯାହା କିଛି ହେଉଛି, ଲୋକେ ତାକୁ ଦେଖିପାରିବେ।' ସ୍କିପ୍ କୋଠରି ଭିତରେ ରହନ୍ତି, ଶୁଅନ୍ତି, ପଢ଼ନ୍ତି, ଲେଖାଲେଖି ଏବଂ ଯୋଗ କରନ୍ତି। ଏହିପରି ଭାବେ ସେ ତାଙ୍କର ପୂରା ସମୟ ଗୋଟିଏ ରୁମ୍ ଭିତରେ ହିଁ ଅତିବାହିତ କରିଥାନ୍ତି। ସ୍କିପ୍ ଦାବି କରନ୍ତି, ତାଙ୍କ ବେଡ୍‌ରୁମ୍ ଘରର ଅନ୍ୟ ଅଂଶଠାରୁ ପୂରାପୂରି ଅଲଗା। ତାଙ୍କ ପାଖରେ ଏକାକି ରହିବା ଲାଗି ସମସ୍ତ ଜିନିଷ ମହଜୁଦ ଅଛି। ବାଥରୁମ୍‌ଠୁ ଆରମ୍ଭ କରି ଅସ୍ଥାୟୀ ଜିମ୍, କିଛି ଆଲମାରି ଏବଂ ନିଜ ଅନୁଭୂତିକୁ ସେୟାର କରିବା ଲାଗି ଏକ ଷ୍ଟ୍ରିମିଂ ସେଟ୍‌ଅପ୍। ତେବେ ଖରାପ ଅଭ୍ୟାସକୁ ଦୂର କରି ଭଲ ଅଭ୍ୟାସ ଆପଣାଇବା ଲାଗି ସେ ପରିବାର ଲୋକଙ୍କଠାରୁ ଏମିତି ଅଲଗା ରହିବା ନିଷ୍ପତ୍ତି ନେଇଥିବା କହିଛନ୍ତି। ଅନ୍ୟପଟେ ସେ ଲଗାତାର ଉତ୍ତେଜନା ଠୁ ଦୂରରେ ରହିବା, ସୁସ୍ୱାସ୍ଥ୍ୟ ତଥା ଏକାଗ୍ରତା ଭଳି ଅଭ୍ୟାସକୁ ବଜାୟ ରଖିବା ଲାଗି ଏକ ନିୟନ୍ତ୍ରିତ ପରିବେଶ ସୃଷ୍ଟି କରିବାକୁ ଚାହୁଁଥିଲେ। କିଛି ଖରାପ ଅଭ୍ୟାସ ମଧ୍ୟ ସେ ଏହାଦ୍ୱାରା ଛାଡ଼ି ପାରିଥିବା କହିଛନ୍ତି। ସେହିପରି ଏକାନ୍ତବାସର ବର୍ଷକରୁ ପ୍ରାୟ ତିନି ସପ୍ତାହ ପୂରା ହେବା ମଧ୍ୟରେ ତାଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆସିଥିବା ଅନୁଭବ କରିଥିବା ସ୍କିପ୍ କହିଛନ୍ତି। ବର୍ତ୍ତମାନ ସେ ଅଧିକ ବ୍ୟାୟାମ କରୁଛନ୍ତି, ସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ସହିତ ତାଙ୍କର ମାନସିକ ସ୍ୱାସ୍ଥ୍ୟରେ ସୁଧାର ଆସିଥିବା କହିଛନ୍ତି।

ୟୁଟ୍ୟୁବ୍‌ର ନୂଆ ଫିଚର୍

ୟୁଟ୍ୟୁବ୍ ତା'ର ନୂଆ ଏକ୍ସପ୍ରେସିଭ୍ ଫିଚର ଡବିଂକୁ ସମସ୍ତ ବ୍ୟବହାରକାରୀଙ୍କ ଲାଗି ଲଞ୍ଚ୍ କରିଛି। ବିଦେଶୀ ଭାଷାର ଭିଡିଓ ହିନ୍ଦୀ ସମେତ ୨୭ଟି ଭାଷାରେ ଦେଖିବାକୁ ମିଳିବ। ତେବେ କଣ୍ଟେଣ୍ଟକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଉକ୍ତ ଫିଚର୍‌କୁ ଲଞ୍ଚ କରାଯାଇଛି।

ଏଆଇ ଡବିଂ ଭିଡିଓ ଦେଖିବାକୁ ମଜା ଲାଗି ନ ଥାଏ। ମୁଖ୍ୟତଃ ଏହା ନିରସ ଲାଗେ। ହେଲେ ୟୁଟ୍ୟୁବ୍‌ର ଏହି ନୂଆ ଫିଚର ସ୍ୱରର ଭାବାବେଗକୁ ସେମିତି ବଜାୟ ରଖିବ। ଅବଶ୍ୟ ଏବେ ଏହି ଫିଚର୍ ହିନ୍ଦୀ ସମେତ ୮ଟି ଭାଷାରେ ଉପଲବ୍ଧ। ଏଥିରେ ଏଆଇ ଆଧାରିତ ଏକ ସ୍ମାର୍ଟ ଫିଲଟର ଅଛି। ଯାହାକି ଆପେ ଆପେ ଚିହ୍ନଟ କରିବ ଯେ, କେଉଁ ପ୍ରକାର ଭିଡିଓକୁ ଡବ୍ କରାଯିବ ଏବଂ କାହାକୁ ନୁହେଁ। ସେହିପରି ମ୍ୟୁଜିକ ଭିଡିଓ, ସାଇଲେଣ୍ଟ ବ୍ଲଗ୍, ବିନା ଡାଏଲଗ୍ ଯୁକ୍ତ କଣ୍ଟେଣ୍ଟକୁ ଅଟୋ ଡବିଂରୁ ବାହାରେ ରଖାଯିବ। ଏହା ଦ୍ୱାରା ଭିଡିଓର ବାସ୍ତବ ଭୂମିକା ଏବଂ ଅନୁଭବ ସେମିତି ରହିବ। ଅନ୍ୟପଟେ ଏହା ଭିଡିଓ ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଇବ ନାହିଁ। କାରଣ ଅନ୍ୟ ଭାଷାରେ ଭିଡିଓ ଡବ୍ ହେବା ଦ୍ୱାରା ଅନ୍ୟ ଦେଶର ଲୋକେ ବି ସେହି ଭାଷାରେ ଭିଡିଓ ଦେଖିପାରିବେ। କ୍ରିଏଟର ଚାହିଁଲେ ନିଜର ଡବ୍ ବି ଅପଲୋଡ୍ କରିପାରିବେ। ସେହିପରି ଦରକାର ନ ଥିଲେ ଏହି ଫିଚର୍‌କୁ ବନ୍ଦ ମଧ୍ୟ କରାଯାଇପାରିବ। ଏହାବାଦ୍ ଦର୍ଶକେ ମଧ୍ୟ ଏଥିରେ ନିଜ ପସନ୍ଦର ଭାଷାକୁ ଚୟନ କରିପାରିବେ ଏବଂ ଚାହିଁଲେ ଭିଡିଓକୁ ମୂଳ ଭାଷାରେ ବି ଦେଖିପାରିବେ। କାରଣ ୟୁଟ୍ୟୁବ୍ ଦର୍ଶକଙ୍କ ଉପରେ ଜବରଦସ୍ତି ଡବ୍ ଭର୍ସନ ଲଗାଇବ ନାହିଁ। ଏହା ସମ୍ପୂର୍ଣ୍ଣ ବ୍ୟବହାରକାରୀଙ୍କ ପସନ୍ଦ ଉପରେ ନିର୍ଭରଶୀଳ।

କ୍ରିମିନୋଲଜିର ବଢ଼ୁଛି ଚାହିଦା

ଆଜିକାଲି କ୍ରିମିନୋଲଜିର ଚାହିଦା ଦ୍ରୁତ ଭାବେ ଲୋକପ୍ରିୟ ହେବାରେ ଲାଗିଛି। କାରଣ ଜେନ୍ ଜେଡ୍ ଏହି କ୍ୟାରିୟର ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି। କ୍ରିମିନୋଲଜି ବିଷୟ ଅପରାଧର କାରଣ, ସମାଜ ଏବଂ ଅପରାଧୀର ମାନସିକତାକୁ ବୁଝିବା ଉପରେ ଗୁରୁତ୍ୱ ଦେଇଥାଏ।

ଫରେନସିକ୍ ସାଇନ୍ସ ହେଉଛି କ୍ରିମିନୋଲଜିର ଏକ ଅଂଶ। ଡିଏନ୍‌ଏ ଟେଷ୍ଟ, ଫିଙ୍ଗରପ୍ରିଣ୍ଟ କାମ ଫରେନସିକ୍ ସାଇନ୍ସ ଅଧୀନରେ ଆସେ। ସେହିପରି ଜଣେ କ୍ରିମିନୋଲଜିଷ୍ଟ ସମାଜରେ ଅପରାଧକୁ ରୋକିବା ଦିଗରେ ସାହାଯ୍ୟ କରନ୍ତି। ତେବେ କ୍ରିନୋଲୋଜି ବିଷୟ ଅପରାଧ, ଅପରାଧୀ ଏବଂ ସାମାଜିକ ସମ୍ପର୍କକୁ ବୁଝିବା ଦିଗରେ ଗୁରୁତ୍ୱ ଦିଏ। ଏଥିରେ ଅପରାଧ କାହିଁକି ଘଟେ, ଅପରାଧୀ କ'ଣ ସବୁ ଚିନ୍ତା କରେ ଏବଂ ଅପରାଧକୁ କିଭଳି ରୋକା ଯାଇପାରିବ, ସେ ବାବଦରେ ଶିକ୍ଷା ପ୍ରଦାନ କରାଯାଏ। ତେଣୁ ମନୋବିଜ୍ଞାନ, ସମାଜଶାସ୍ତ୍ର, ରିସର୍ଚ୍ଚ, ପଲିସି ମେକିଂରେ ରୁଚି ରଖିଥିବା ଯୁବପିଢ଼ିଙ୍କ ପାଇଁ ଏହା ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିବ।

ତେବେ ଘଟଣାସ୍ଥଳରୁ ଅପରାଧୀଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବାରେ ଇନଭେଷ୍ଟିଗେସନ ଟିମ୍‌କୁ ସାହାଯ୍ୟ କରନ୍ତି କ୍ରିମିନୋଲଜିଷ୍ଟ। ସେମାନେ ଅପରାଧର କାରଣ ଓ ସମାଜ ଉପରେ ପଡୁଥିବା ପ୍ରଭାବ ଉପରେ ଜାଣିବା ଓ ବୁଝିବାକୁ ଚେଷ୍ଟା କରନ୍ତି। ଏହାକୁ ପଢ଼ିବା ପରେ କ୍ରିମିନୋଲଜିଷ୍ଟ, କ୍ରାଇମ୍ ଆନାଲିଷ୍ଟ, ରିସର୍ଚ୍ଚର, ପଲିସି ଆଡଭାଇଜର ତଥା ଏନଜିଓରେ କାମ କରିପାରିବେ। ପୋଲିସ୍ ବିଭାଗ, ଇଣ୍ଟରନ୍ୟାସନାଲ ଅର୍ଗାନାଇଜେସନ, ବିଶ୍ୱବିଦ୍ୟାଳୟରେ ବି କ୍ରିମିନୋଲଜିରେ ଅନେକ ଅବସର ମିଳିପାରେ। ଅନ୍ୟପଟେ ଲୋକଙ୍କ ବ୍ୟବହାରକୁ ବୁଝିବା, ଗବେଷଣା କରିବା ଏବଂ କ୍ରାଇମ୍ ପ୍ରିଭେସନ୍‌ରେ କାମ କରିବାରେ ରୁଚି ଥିଲେ ଏହା ଏକ ସୁନ୍ଦର କ୍ଷେତ୍ର ବୋଲି କୁହାଯାଏ। ତା'ସହ ଏହି କ୍ଷେତ୍ରରେ ପାରିଶ୍ରମିକ ବି ଭଲ ମିଳେ।

ସମ୍ଭାବନା

ବିଦେଶରେ ପଢ଼ିବା ପୂର୍ବରୁ...

ଅଧିକାଂଶ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଆମେରିକା, ବ୍ରିଟେନ, ଲଣ୍ଡନରେ ପାଠ ପଢ଼ିବା। ସେହିପରି ଅନେକ ବିଦ୍ୟାର୍ଥୀ ବିଦେଶ ପଢ଼ା ପାଇଁ କଠିନ ପରିଶ୍ରମ ମଧ୍ୟ କରନ୍ତି। ହେଲେ ବିଦେଶରେ ପାଠ ପଢ଼ା ସହିତ ସେଠାକାର ପାଣିପାଗ ସହିତ ଅନ୍ୟ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ, ସେ ସମ୍ପର୍କରେ ଜାଣିବା।

- ବ୍ରିଟେନ ତଥା କାନାଡ଼ାର ପାଣିପାଗ ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିପାରେ। ଏଠାରେ ଥଣ୍ଡା ଦୀର୍ଘ ସମୟ ପାଇଁ ରହେ ଏବଂ ଥଣ୍ଡା ବି ଅଧିକ ଲାଗେ। ତେଣୁ କରି ଏହି ପରିବର୍ତ୍ତନ ଭାରତୀୟ ଛାତ୍ରଛାତ୍ରୀଙ୍କ ଲାଗି ଶାରୀରିକ ଓ ମାନସିକ ସ୍ତରରେ ଥକ୍କାପଣ ସୃଷ୍ଟି କରିପାରେ। ତେବେ ଏଠାରେ ପଢ଼ିବା ପୂର୍ବରୁ ଏ ଲାଗି ମାନସିକ ସ୍ତରରେ ପୂର୍ବରୁ ପ୍ରସ୍ତୁତ ହୋଇ ଯିବା ଦରକାର।
- ବିଦେଶରେ ରହିବା ଖର୍ଚ୍ଚ ମଧ୍ୟ ଅଧିକ। ଘର ଭଡ଼ା, ଖାଦ୍ୟ, ଯାତାୟାତ ଭଳି ଅନ୍ୟ ଖର୍ଚ୍ଚ ପକେଟ୍ ପାଇଁ ଭାରି ହେବ। ଏଠାରେ ପାର୍ଟ ଟାଇମ୍ କାମ କରି ଏହି ଖର୍ଚ୍ଚ ଉଠାଇବାକୁ ଚାହିଁଲେ ବି ଏହା ସେତେଟା ସହଜ ନୁହେଁ। କାରଣ ସମସ୍ତଙ୍କୁ ସହଜରେ କାମ ମିଳି ନ ଥାଏ। ଅର୍ଥ ଚାପ ବି ମାନସିକ ଚିନ୍ତା ଆଣିପାରେ। ସେଥିପାଇଁ ଭାରତୀୟ ବିଦ୍ୟାର୍ଥୀ ବିଦେଶ ଯିବା ପୂର୍ବରୁ ସଞ୍ଚୟ ଉପରେ ଗୁରୁତ୍ୱ ଦେବା ଉଚିତ।
- ବିଦେଶରେ ରହିବା ଏକାକୀତ୍ୱର ବି ଏକପ୍ରକାର ବଡ଼ କାରଣ। ପରିବାର ଏବଂ ସାଙ୍ଗସାଥୀଙ୍କଠାରୁ ଦୂରରେ ରହିବା ସେତେଟା ସହଜ ନୁହେଁ। ପ୍ରଥମେ ସବୁ ନୂଆ ଓ ରୋମାଞ୍ଚକ ଲାଗିଥାଏ। ହେଲେ କିଛି ମାସ ଅତିକ୍ରମ ହେବା ପରେ ଏକୁଟିଆ ଲାଗେ। ଏହା ଯୋଗୁଁ ଅନେକ ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିପାରନ୍ତି ନାହିଁ। ବିଦେଶ ଯିବା ପୂର୍ବରୁ ପ୍ରାକ୍ ପ୍ରସ୍ତୁତି ଖୁବ୍ ଜରୁରି।
- ତେଣୁ ପାଣିପାଗ ଅନୁସାରେ ପୋଷାକ, ଅତି କମ୍‌ରେ ଛଅ ମାସର ଖର୍ଚ୍ଚ, ମାନସିକ ସ୍ତରରେ ଦୃଢ଼ତା ବିଦେଶ ଯିବା ଛାତ୍ରଛାତ୍ରୀଙ୍କ ପାଖରେ ରହିବା ଜରୁରି।

ଅଫିସ୍‌ରେ ସଫଳତାର ଖୁସି

ଅଧିକାଂଶ କର

ନେଦରଲାଣ୍ଡସ ୭ ୱିକେଟରେ ବିଜୟୀ

ଟି-୨୦ ବିଶ୍ୱକପ୍ କ୍ରିକେଟ

ଦିଲ୍ଲୀ,୧୦।୨(ଏଜେନ୍ସି): ବାସ ଡି ଲିଡ୍‌ଙ୍କ ଅଲ୍‌ରାଉଣ୍ଡ ସଫଳତା ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ-ଏ'ର ଏକ ଲିଗ୍ ମ୍ୟାଚ୍‌ରେ ନେଦରଲାଣ୍ଡସ ୭ ୱିକେଟରେ ନବାଗତ ନାମିବ୍ୟାକୁ ପରାସ୍ତ କରିଛି । ୪୮ ବଲ୍‌ରୁ ୫ ଚୌକା ଓ ୪ ଛକା ସହ ୭୨ ରନ୍‌ରେ ଅପରାଜିତ ଥିବା ଓ ୨ଟି ୱିକେଟ ନେଇଥିବା ଅଲରାଉଣ୍ଡର ବାସ୍ ଡି ଲିଡ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ବିଶ୍ୱକପ୍‌ରେ ନେଦରଲାଣ୍ଡସର ଏହା ହେଉଛି ଏକାଦଶ ଓ ୱିକେଟ ବ୍ୟବଧାନରେ ସର୍ବାଧିକ ବିଜୟ । ସେହିପରି ଟେଷ୍ଟ ଖେଳୁ ନ ଥିବା ଦେଶ ମଧ୍ୟରେ ମଧ୍ୟ ନେଦରଲାଣ୍ଡସ ସର୍ବାଧିକ ବିଜୟ ହାସଲ କରିଛି । ଏହା ପଛକୁ ୮ଟି ମ୍ୟାଚ୍ ଜିତି ସ୍କଟଲାଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି ।

ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ନାମିବ୍ୟା ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୬ ରନ୍ କରିଥିଲା । ଦଳ ପକ୍ଷରୁ ଲଫ୍ଟି-ଇଟନ ସର୍ବାଧିକ ୪୨, ଜାନ୍ ଫ୍ରିଲିଙ୍କ୍ ୩୦ ଓ ଜେଜେ ସ୍ମିଟ୍ ୨୨ ରନ୍ କରିଥିଲେ । ଲୋଗାନ ଭାନ୍ ୱିକ୍ ଓ ଡି ଲିଡ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ । ଜବାବରେ ନେଦରଲାଣ୍ଡସ ୨ ଓଭର ଖେଳ ବାକିଥାଇ ଓ ୩ଟି ୱିକେଟ ହରାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା । ଡି ଲିଡ୍‌ଙ୍କ ଅପରାଜିତ ୭୨ ରନ୍ ବ୍ୟତୀତ ମାଇକେଲ ଲେଭିଟ୍ ୨୮, କଲିନ୍ ଆକରମ୍ୟାନ୍ ୩୨ ଓ ଅଧିନାୟକ ସ୍କଟ ଏଡ୍‌ୱାର୍ଡସ ଅପରାଜିତ ୧୮ ରନ୍ କରିଥିଲେ ।

ସେଫର୍ଟ, ଆଲେନଙ୍କ ବିସ୍ଫୋରକ ଅର୍ଦ୍ଧଶତକ

୧୦ ୱିକେଟରେ ଜିତିଲା ନ୍ୟୁଜିଲାଣ୍ଡ

ଚେନ୍ନଇ,୧୦।୨(ଏଜେନ୍ସି): ୟୁଏଇ (ସଂଯୁକ୍ତ ଆରବ ଏମିରେଟ୍ସ)କୁ ୧୦ ୱିକେଟରେ ହରାଇ ଅନ୍ୟତମ ଟାଇଟଲ ଆଶାୟୀ ନ୍ୟୁଜିଲାଣ୍ଡ ଧମାକାଦାର ବିଜୟରୁ ବିଶ୍ୱକପ୍ ଅଭିଯାନ ଆରମ୍ଭ କରିଛି । ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ର ଶୁଷ୍କ ପିଚ୍‌ରେ ଟିମ୍ ସେଫର୍ଟ ଓ ଫିନ୍ ଆଲେନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ୧୭୪ ରନ୍‌ର ବିଜୟ ଲକ୍ଷ୍ୟକୁ କୌଣସି ୱିକେଟ ନ ହରାଇ ୧୫.୨ ଓଭରରେ ହାସଲ କରିନେଇଥିଲା । ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ସେଫର୍ଟ ୪୨ବଲ୍‌ରୁ ୧୨ ଚୌକା ଓ ୩ଛକା ସହ ୮୯ ଓ ଆଲେନ୍ ୫୦ ବଲ୍‌ରୁ ୫ଟି ଲେଖାଏଁ ଚୌକା ଓ ଛକା ସହ ୮୪ ରନ୍‌ରେ ଅପରାଜିତ ରହିଥିଲେ । ଏମାନଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ବିଜୟୀ ଦଳ ପାୱାର ପ୍ଲେ'ରେ ବା ୬ ଓଭରରେ ୭୮ ରନ୍ ଉଠାଇଥିଲେ । ସେହିପରି ସେଫର୍ଟ ୨୩ବଲ୍‌ରେ ଓ ଆଲେନ ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ

କରିଥିଲେ । ଏମାନେ ପ୍ରଥମ ୱିକେଟରୁ ସଂଗ୍ରହ କରିଥିବା ୧୭୫ ରନ୍ ରେକର୍ଡ ହୋଇଛି ।

ପୂର୍ବରୁ ଅଧିନାୟକ ମହମ୍ମଦ୍ ୱାସିମ୍ ଓ କେରଳ ଜନ୍ମିତ ଖେଳାଳି ଆଲିଶାନ ସରାଫୁଙ୍କ ଅର୍ଦ୍ଧଶତକ ଓ ଏମାନଙ୍କ ଦ୍ୱିତୀୟ ୱିକେଟ ଭାଗୀଦାରିରୁ ୧୦୭ ରନ୍ ମିଳିବା ପରେ ପ୍ରଥମେ ବ୍ୟାଟିଂ କରି ୟୁଏଇ ୬ ୱିକେଟରେ ୧୭୩ ରନ୍ କରିଥିଲା । ୱାସିମ୍ ୪୫ବଲ୍‌ରୁ ୪ ଚୌକା ଓ ୩ ଛକା ସହ ଅପରାଜିତ ୬୬ ଏବଂ ଶରାଫୁ ୪୭ବଲ୍‌ରୁ ୫ ଚୌକା ଓ ୨ଛକା ସହାୟତାରେ ୫୫ ରନ୍ କରିଥିଲେ । ଶେଷ ଭାଗରେ ମୟଙ୍କ କୁମାର ୧୩ ବଲ୍‌ରୁ ଦ୍ରୁତ ୨୧ ରନ୍‌ର ଯୋଗଦାନ ଦେଇଥିଲେ । ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରୀଙ୍କୁ ୨ଟି ୱିକେଟ ମିଳିଥିଲା । ପୂର୍ବରୁ ଆଫଗାନିସ୍ତାନ ବିପକ୍ଷରେ ୟୁଏଇ ୧୮୨ ରନ୍ କରିଥିଲେ ମଧ୍ୟ ଡିଫେଣ୍ଡ କରିପାରି ନ ଥିଲା । ବୋଲରଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ହୋଇପାରି ନାହିଁ ।

କଲମ୍ବୋରେ ପାକିସ୍ତାନ-ଆମେରିକା ମୁକାବିଲା

ସାହିବ୍‌ଜାଦା ଫରହାନଙ୍କ ଅର୍ଦ୍ଧଶତକ

କଲମ୍ବୋ,୧୦।୨(ଏଜେନ୍ସି)

ଓପନର ସାହିବ୍‌ଜାଦା ଫରହାନ୍‌ଙ୍କ ଅର୍ଦ୍ଧଶତକ, ବରିଷ୍ଠ ଖେଳାଳି ବାବର ଆଜମ ଓ ସଦାବ ଖାନ୍‌ଙ୍କ ଉପଯୋଗୀ ଯୋଗଦାନ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ୟୁଏସ୍‌ଏ ବିପକ୍ଷ ଟି-୨୦ ବିଶ୍ୱକପ୍ ଗ୍ରୁପ୍-ଏ' ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୯୦ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ଫରହାନ୍ ସୁନ୍ଦର ବ୍ୟାଟିଂ କରି ୪୦ ବଲ୍‌ରୁ ୬ ଚୌକା ଓ ୫ଛକା ସହ ସର୍ବାଧିକ ୭୩ ରନ୍ କରିଛନ୍ତି । ଆଜମ ୩୨ ବଲ୍‌ରୁ ୪ ଚୌକା ଓ ୧ଛକା ସହ ୪୬ ଓ ସଦାବ ଖାନ୍ ୧୨ ବଲ୍‌ରେ ୩୦ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ । ଆମେରିକା ପକ୍ଷରୁ ଭାରତକୁ ନାକେଦମ କରିଥିବା ପେସ୍ ବୋଲର ଶାଡଲୀ ଭାନ ସ୍କାଲକ୍ୱିକ୍ ଏହି ମ୍ୟାଚ୍‌ରେ ମଧ୍ୟ ସର୍ବାଧିକ ୪ଟି ୱିକେଟ ପାଇଥିଲେ । ଗ୍ରୁପ୍-ଏ'ରେ ଉଭୟ ଦେଶର ଏହା ଦ୍ୱିତୀୟ ମୁକାବିଲା । ପ୍ରଥମ ମୁକାବିଲାରେ ପାକିସ୍ତାନ ୩

ୱିକେଟରେ ନେଦରଲାଣ୍ଡସ୍‌କୁ ଓ ଭାରତ ୫୮ ରନ୍‌ରେ ଆମେରିକାକୁ ପରାସ୍ତ କରିଥିଲା । ପାକିସ୍ତାନ ଏହି ମ୍ୟାଚ୍‌ରେ ବିଜୟୀ ହେଲେ ସୁପର-ଏଇଟ୍‌ରେ ପ୍ରବେଶ କରିବା ରାସ୍ତା ପରିଷ୍କାର ହୋଇଯିବ ।

ଆଜି ଏଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଆମେରିକା ଟସ୍ ଜିତିବା ପରେ ପାକିସ୍ତାନକୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା । ପାକିସ୍ତାନ ପକ୍ଷରୁ ପ୍ରଥମ ୱିକେଟ ଭାଗୀଦାରିରେ ୩୧ ବଲରୁ ୫୪ ରନ୍ ମିଳିବା ପରେ ସାଏମ ଆୟୁବ ଆଉଟ ହୋଇଥିଲେ । ସେ ୧୯ ରନ୍ ଓ ଆଉ ୨ ରନ୍ ପରେ ଅଧିନାୟକ ସଲମାନ ଅଲି ୧ ରନ୍‌ରେ ଆଉଟ ହୋଇଥିଲେ । ତୃତୀୟ ୱିକେଟରେ ଓପନର ସାହୀବଜାଦା ଫରହାନ ଓ ବାବର ଆଜମ ୫୨ ବଲ୍‌ରୁ ୮୧ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର ଦେଇଥିଲେ । ପ୍ରଥମେ ୩୨ବଲ୍‌ରୁ ୪୬ ରନ୍ କରି ଆଜମ ଓ ପରେ ୪୧ ବଲ୍‌ରୁ ୭୩ ରନ୍ କରି ଫରହାନ ଆଉଟ ହୋଇଥିଲେ । ଶେଷଭାଗରେ ସଦାବ ଖାନ୍ ମାତ୍ର ୧୨ ବଲ୍‌ରୁ ୩୦ ରନ୍ ଉଠାଇବା ଫଳରେ ପାକିସ୍ତାନ ୯/୧୯୦ରନ୍‌ର ଡିଫେଣ୍ଡେବଲ ସ୍କୋର କରିପାରିଥିଲା । ୟୁଏସ୍‌ଏ ପକ୍ଷରୁ ୩୭ ବର୍ଷୀୟ ବାମହାତୀ ପେସ୍ ବୋଲର ଶାଡ୍‌ଲୀ ଭାନ୍ ସ୍କାଲକ୍ୱିକ୍ ୪ ଓଭରରେ ୨୫ ରନ୍ ଦେଇ ସର୍ବାଧିକ ୪ଟି ୱିକେଟ ପାଇଥିଲେ ।

ଆଜିର ବିଶ୍ୱକପ୍ ମ୍ୟାଚ୍

ମ୍ୟାଚ୍	ସମୟ	ସ୍ଥାନ
ଦ.ଆଫ୍ରିକା-ଆଫଗାନିସ୍ତାନ	ପୂର୍ବାହ୍ନ ୧୧ଟା	ଅହମ୍ମଦାବାଦ
ଅଷ୍ଟ୍ରେଲିଆ-ଆୟର୍ଲାଣ୍ଡ	ଅପରାହ୍ନ ୩ଟା	କଲମ୍ବୋ
ଇଂଲଣ୍ଡ-ୱେଷ୍ଟଇଣ୍ଡିଜ	ରାତି ୭ଟା	ମୁମ୍ବାଇ

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ଆଜି ବେଲ୍‌ଜିୟମକୁ ଭେଟିବ ଭାରତ

ଭୁବନେଶ୍ୱର/ରାଉରକେଲା, ୧୦।୨ (ସମିସ): ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଭାରତୀୟ ପର୍ଯ୍ୟାୟ ମଙ୍ଗଳବାରଠାରୁ ରାଉରକେଲାର ଆଇକନିକ ବିର୍ସା

ମୁଣ୍ଡା ହକି ଷ୍ଟାଡିୟମରେ ଆରମ୍ଭ ହୋଇଛି । ପ୍ରଥମ ଦିବସରେ ବିଶ୍ୱକପ୍ ରନର୍ସଅପ୍ ବେଲ୍‌ଜିୟମ ଓ ଆର୍ଜେଣ୍ଟିନା ସାମ୍ନାସାମ୍ନି ହୋଇଥିଲେ । ସେହିଭଳି ଘରୋଇ ଭାରତୀୟ ପୁରୁଷ ହକି ଦଳ ବୁଧବାର ସମାନ ବେଲ୍‌ଜିୟମ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ମାନ୍ୟତାର ୮ମ ସ୍ଥାନରେ ରହିଛି । ପ୍ରୋ ଲିଗ୍ ଲାଗି ଘୋଷିତ ଦଳ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ ରହିଛି । ତେଣୁ ଘରୋଇ ପରିବେଶରେ ଉଚ୍ଚ ମାନ୍ୟତାପ୍ରାପ୍ତ ବେଲ୍‌ଜିୟମକୁ ଚକମା ଦେବା ଲକ୍ଷ୍ୟରେ ଭାରତ ରହିଛି । ଭାରତୀୟ ଦଳରେ ସ୍ଥାନ ପାଇଥିବା ୫ଜଣ ଓଡ଼ିଆ ଖେଳାଳି ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଶିଳାନନ୍ଦ ଲାକ୍ରା, ଅମନଦୀପ୍ ଲାକ୍ରା ଓ ରୋଶନ କୁଜୁର ସ୍ଥାନ ପାଇଛନ୍ତି । ଘରୋଇ ପରିବେଶରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାଲାଗି ସେମାନଙ୍କ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି । ୨୧ ବର୍ଷୀୟ ରୋଶନ ପ୍ରଥମଥର ଲାଗି ସିନିଅର ଦଳରେ ସୁଯୋଗ ପାଇଛନ୍ତି । ତେଣୁ ତାଙ୍କ ଲାଗି ଏହି ପ୍ରୋ ଲିଗ୍ ବେଶ୍ ସ୍ମରଣୀୟ ରହିବ ।

ତମାଣ୍ଡୋ ପ୍ରିମିୟର ଲିଗ୍

ୱାରିୟର୍ସକୁ ହରାଇଲା ରକ୍‌ଷ୍ଟାର

ଭୁବନେଶ୍ୱର,୧୦।୨(ସମିସ): ପାଡ୍ରପଡ଼ାର ଯୁବି ରକଷ୍ଟାର ୪ ୱିକେଟରେ ଭୁବନେଶ୍ୱରର ବିଜେତା ୱାରିୟର୍ସକୁ ହରାଇ ତମାଣ୍ଡୋ ପ୍ରିମିୟର ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି । ତମାଣ୍ଡୋ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବିଜେତା ୱାରିୟର୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କରିଥିଲା ୧୧୦ ରନ୍ । ଦଳ ପକ୍ଷରୁ ଅବିଷ୍କାର ପଟ୍ଟନାୟକ ୫୭ ରନ୍ କରିଥିଲାବେଳେ ରକ୍‌ଷ୍ଟାରର ରାକେଶ ବିଶ୍ୱାଳ ୫ଟି ଓ ଅବ୍‌ଦୁଲ ଖାନ୍ ୨ଟି ୱିକେଟ ପାଇଥିଲେ । ଜବାବରେ ଯୁବି ରକ୍‌ଷ୍ଟାର ୧୨.୨ ଓଭରରେ ୬ ୱିକେଟ ହରାଇ ୧୧୩ ରନ କରିବା ସହ ମ୍ୟାଚ୍ ଜିତିନେଇଥିଲା । ବିଜୟୀ ଦଳ ପକ୍ଷରୁ ସୁଜିତ ଲେଙ୍କା ସର୍ବାଧିକ ୪୩ ରନ୍ କରିଥିଲାବେଳେ ପରାଜିତ ଦଳର ଗଣେଶ ଛାପାଙ୍କୁ ୩ଟି ୱିକେଟ ମିଳିଥିଲା । ବିଜୟୀ ରକ୍‌ଷ୍ଟାର ପକ୍ଷରୁ ୪ ଓଭରରେ ୨୮ ରନ୍ ଦେଇ ୫ଟି ୱିକେଟ ନେଇଥିବା ରାକେଶ ବିଶ୍ୱାଳଙ୍କୁ ଆୟୋଜକ



ତମାଣ୍ଡୋ କ୍ରିକେଟ କ୍ଲବ୍‌ର ଉପସଭାପତି ରାଜେଶ ପ୍ରଧାନ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ । ଏହି ମ୍ୟାଚ୍‌କୁ ଅମ୍ପାୟାର ଦିଲୀପ ସାମଲ ଓ ବିଭୁପ୍ରସାଦ ଚୌଧୁରୀ ପରିଚାଳନା କରିଥିଲେ । ଆସନ୍ତାକାଲି ବା ବୁଧବାର ଏମ୍‌ସିସି, କାକଟପୁର ଓ ଭୁବନେଶ୍ୱରର ମାଇଟି ୟଙ୍ଗଷ୍ଟାର ମଧ୍ୟରେ ପରବର୍ତ୍ତୀ ଲିଗ୍ ମ୍ୟାଚ୍ ଖେଳାଯିବ ।

ନଗେଶ ଟ୍ରଫି ଜାତୀୟ ଦୃଷ୍ଟିବାଧିତ କ୍ରିକେଟ

ଓଡ଼ିଶାଠୁ ୨୨୭ ରନ୍‌ରେ ହାରିଲା କେରଳ

ଭୁବନେଶ୍ୱର,୧୦।୨(ସମିସ): କେରଳକୁ ୨୨୭ ରନ୍‌ର ବିଶାଳ ବ୍ୟବଧାନରେ ପରାସ୍ତ କରି ଓଡ଼ିଶା ଜାତୀୟ ଦୃଷ୍ଟିବାଧିତ କ୍ରିକେଟ ନଗେଶ ଟ୍ରଫିର ସୁପର-୮'ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି । ଦଳ ତାହାର ପରବର୍ତ୍ତୀ ଲିଗ୍ ମ୍ୟାଚ୍‌ରେ ଆସନ୍ତାକାଲି ଦିଲ୍ଲୀକୁ ଭେଟିବ । ଏହି ମ୍ୟାଚ୍‌ରେ ୫୦ ବଲ୍‌ରୁ ୧୧୮ ରନ୍ କରିଥିବା ଓଡ଼ିଶାର ଲାଲପ୍ରସାଦ ସୋରେନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଏହି ମ୍ୟାଚ୍‌ରେ ସୋରେନ୍‌ଙ୍କ ୧୧୮ ଓ ସୁଖରାମ ମାଝୀଙ୍କ ୪୯ ବଲ୍‌ରୁ ଅପରାଜିତ ୧୧୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୩୦୦ ରନ୍ କରିଥିଲା । ଜବାବରେ ୩୦୧ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା କରି କେରଳ ଦଳ ୧୨.୪ ଓଭରରେ ମାତ୍ର ୭୩ ରନ୍ କରି

ଅଲଆଉଟ ହୋଇଯାଇଥିଲା । ସୁଖରାମ, ଲାଲପ୍ରସାଦ ଓ ଅଧିନାୟକ ଲିଙ୍ଗରାଜ ରାଉତରା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

ଜାତୀୟ ସିନିଅର ମହିଳା ଦିନିକିଆ ଟ୍ରଫି

ଓଡ଼ିଶାର ବିଜୟରେ ବ୍ରେକ୍

ଭୁବନେଶ୍ୱର, ୧୦।୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ରାଜକୋଟରେ ଚାଲିଥିବା ଜାତୀୟ ସିନିଅର ମହିଳା ଦିନିକିଆ ଟ୍ରଫିରେ ଓଡ଼ିଶାର ବିଜୟ ଧାରାରେ ବ୍ରେକ୍ ଲାଗିଛି । କ୍ରମାଗତ ୨ଟି ମ୍ୟାଚ୍ ଜିତିଥିବା ଓଡ଼ିଶା ମଙ୍ଗଳବାର ୫ ୱିକେଟରେ ଉତ୍ତର ପ୍ରଦେଶ ନିକଟରୁ ହାରିଯାଇଛି । ୪୧ ଓଭର ବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୬ ୱିକେଟ୍‌ରେ ୨୪୩ ରନ କରିଥିଲା । ଦଳ ପକ୍ଷରୁ ଓପନର ମାଧୁରୀ ମେହେଟା (୬୮) ଓ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ (୫୫ ରନ) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ତନ୍ମୟୀ ବେହେରା ମଧ୍ୟ ୪୭ ବଲରେ ୪୮ ରନ କରିଥିଲେ । ଉତ୍ତର ପ୍ରଦେଶର ଅଞ୍ଜଳୀ ସିଂଙ୍କୁ ୨ଟି ୱିକେଟ୍ ମିଳିଥିଲା । ଜବାବରେ ଓପନର୍ ସମ୍ପଦା ଦୀକ୍ଷିତଙ୍କ ଶତକ ବଳରେ ଉତ୍ତର ପ୍ରଦେଶ ଗୋଟିଏ ବଲ୍ ବଳକା ଥାଇ ୫ ୱିକେଟ ହରାଇ ରୋମାଞ୍ଚକ ବିଜୟ ହାସଲ କରିଥିଲା । ସମ୍ପଦା ୧୧୭ ବଲରେ ୧୦୬ ରନ କରିଥିଲେ । ଓଡ଼ିଶାର ଜ୍ୟୋତି ପ୍ରସାଦ ୨ଟି ୱିକେଟ୍ ନେଇଥିଲେ । ଓଡ଼ିଶା ପୂର୍ବରୁ ପ୍ରଥମ ମ୍ୟାଚରେ ୩୫ ରନରେ ମଧ୍ୟପ୍ରଦେଶକୁ ଓ ଦ୍ୱିତୀୟ ମ୍ୟାଚରେ୧୦୬ ରନରେ ଆସାମକୁ ହରାଇଥିଲା । ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ଗୁରୁବାର କର୍ଣ୍ଣାଟକକୁ ଭେଟିବ ।

ରଣଜୀ ଟ୍ରଫି

ଇନିଂସ ବିଜୟ ସହ ସେମିରେ ବେଙ୍ଗଲ

କୋଲକାତା, ୧୦।୨ (ଏଜେନ୍ସି)

ଏକ ଇନିଂସ ଓ ୯୦ ରନରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରି ଘରୋଇ ବେଙ୍ଗଲ ଅନ୍ତିମ ତଥା ୪ର୍ଥ ଦଳ ଭାବେ ଚଳିତ ରଣଜୀ ଟ୍ରଫିର ସେମିଫାଇନାଲରେ ପ୍ରବେଶ କରିଛି । ସ୍ଥାନୀୟ ବେଙ୍ଗଲ କ୍ରିକେଟ୍ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ୩୩୪ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଆନ୍ଧ୍ର ପ୍ରଦେଶ ମଙ୍ଗଳବାର ଅନ୍ତିମ ତଥା ୫ମ ଦିବସରେ ୨୪୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ନୀତୀଶ କୁମାର ରେଡ୍ଡୀ ୯୦ ରନର ଲଢୁଆ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ପାଳି ପରାଜୟରୁ ରକ୍ଷା କରିପାରି ନ ଥିଲେ । ଶାହବାଜ ଅହମ୍ମଦ ୪ଟି ୱିକେଟ୍ ନେଇ ବେଙ୍ଗଲକୁ ବିଜୟୀ କରାଇଥିଲେ । ପୂର୍ବରୁ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆନ୍ଧ୍ର ପ୍ରଦେଶ ପ୍ରଥମ ଇନିଂସରେ ୨୯୫ ରନରେ ସୀମିତ ରହିଥିଲା । ଜବାବରେ ଘରୋଇ ବେଙ୍ଗଲ ସୁଦୀପ ଘରାମିଙ୍କ ଆକର୍ଷଣୀୟ ଦ୍ୱିଶତକ ବଳରେ ୬୨୯ ରନ କରିଥିଲା । ସୁଦୀପ ୧୫ ଘଣ୍ଟା କାଳ କ୍ରିଜରେ ରହି ୫୯୬ ବଲ୍ ଖେଳି ୨୯୯ ରନରେ ଦୁର୍ଭାଗ୍ୟଜନକ ଭାବେ ଆଉଟ୍ ହୋଇଥିଲେ । ସୁଦୀପଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ପୂର୍ବରୁ ଉତ୍ତରାଖଣ୍ଡ, ଜମ୍ମୁ କାଶ୍ମୀର ଓ କର୍ଣ୍ଣାଟକ ବିଜୟୀ ହୋଇ ସେମିଫାଇନାଲରେ ପହଞ୍ଚିଛନ୍ତି । ଉତ୍ତରାଖଣ୍ଡ ଓ ଜମ୍ମୁ ପ୍ରଥମଥର ସେମିଫାଇନାଲ ଖେଳିବେ । ସେହିଭଳି ୨୦୨୨-୨୩ ସିଜନ ପରେ ବେଙ୍ଗଲର ଏହା ପ୍ରଥମ ସେମିଫାଇନାଲ ହେବ । ଫେବୃଆରୀ ୧୫ରୁ ସେମିଫାଇନାଲ ଆରମ୍ଭ ହେବ ।

ସେମିଫାଇନାଲ କାର୍ଯ୍ୟସୂଚୀ

ପ୍ରଥମ : ଉତ୍ତରାଖଣ୍ଡ-କର୍ଣ୍ଣାଟକ
ଦ୍ୱିତୀୟ: ଜମ୍ମୁ କାଶ୍ମୀର-ବେଙ୍ଗଲ

ଭାରତ ବିପକ୍ଷ ମ୍ୟାଚ୍ ବୟକଟ୍‌ରୁ ଓହରିବା

ପାକିସ୍ତାନର ନିଷ୍ପତ୍ତି; କ୍ରିକେଟର ଜିତ୍

ଲାହୋର,୧୦।୨(ଏଜେନ୍ସି)

ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ପୁରୁଷ ଟି-୨୦ ବିଶ୍ୱକପ୍‌ରେ ଭାରତ ସହ ମ୍ୟାଚ୍ ଖେଳିବାକୁ ପାକିସ୍ତାନ ସରକାରଙ୍କ ନିଷ୍ପତ୍ତି ବଳରେ କ୍ରିକେଟର ଜିତ୍ ହୋଇଛି । ବିଶ୍ୱକପ୍‌ରେ ଏବେ ପୁଣିଥରେ ଆକର୍ଷଣ ବଢ଼ିଛି ଓ ସମଗ୍ର ବିଶ୍ୱର କ୍ରିକେଟ ସମର୍ଥକ ପୁଣିଥରେ କ୍ରିକେଟ ମୁହାଁ ହୋଇଛନ୍ତି । ଭାରତ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌କୁ ପାକିସ୍ତାନ ବୟକଟ କରିବାକୁ ସରକାର ନିଷ୍ପତ୍ତି ନେବା ଫଳରେ କ୍ରିକେଟ ସହ ଜଡିତ ସମସ୍ତ ପକ୍ଷ କ୍ଷତିରେ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଥିଲା । ପାକିସ୍ତାନକୁ ଏହି ନିଷ୍ପତ୍ତିରୁ ଓହରିବା ଲାଗି ଆଇସିସିର ଉପାଧ୍ୟକ୍ଷ ଇମ୍ରାନ ମିର୍ଜା, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଯୋଗ ଗୁପ୍ତା, ବାଂଲାଦେଶ କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ ଓ ପାକିସ୍ତାନ କ୍ରିକେଟ ବୋର୍ଡ ସଭାପତି ମୋହସିନ ନକ୍‌ଭିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଶ୍ରୀଲଙ୍କାର ରାଷ୍ଟ